



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI | ♦VOLUME- 43 ♦ISSUE-222 ♦SATURDAY ♦7 FEBRUARY 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୨୨୨ ♦ଶନିବାର ♦୭ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ବୈଭବ ଝଡ଼

୧୯ ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲରେ ଇଂଲଣ୍ଡ ପରାସ୍ତ

# ଯୁବ ଭାରତ ବିଶ୍ୱବିଜୟୀ

■ ହରାରେ, ୬।୨ (ଏଜେନ୍ସି): ଜିମ୍ବାୱେର ହରାରେ ସ୍ପୋର୍ଟ୍ସ କ୍ଲବ୍‌ରେ ଇଂଲଣ୍ଡ ସହ ଆଜି ଶୁକ୍ରବାର ଅନୁଷ୍ଠିତ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲରେ ଭାରତର ଓପନର ବୈଭବ ସୂର୍ଯ୍ୟବଂଶୀଙ୍କ ବ୍ୟାଟିଂ ଝଡ଼ ଦେଖିବାକୁ ମିଳିଛି। ଚୌକା ଓ ଛକାର ବର୍ଷାରେ ବୈଭବ ବିସ୍ଫୋରକ ଶତକ ହାସଲ କରି ଭାରତକୁ ଚାମ୍ପିଅନ କରାଇଛନ୍ତି। ଏହି ୧୪ ବର୍ଷୀୟ ବିସ୍ଫୋରକ ବ୍ୟାଟର ୮୦ ବଲ୍‌ରୁ ୧୫ଟି ଚୌକା ଓ ୧୫ଟି ଛକା ବଳରେ ୧୭୫ ରନ୍ କରିବା ପରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୪୧୧ ରନ୍‌ର ବିଶାଳ ସ୍କୋର କରିଥିଲା। ଜବାବରେ ଇଂଲଣ୍ଡ ମଧ୍ୟ ଦ୍ରୁତଗତିରେ ରନ୍ ସଂଗ୍ରହ କରିବାକୁ ଯାଇ ଜଣଙ୍କ ପରେ ଜଣେ ଖେଳାଳି ଆଉଟ ହୋଇଯାଇଥିଲେ ଓ ଦଳ ୩୧୧ ରନ୍ କରି ଅଲଆଉଟ ହେବା ସହ ୧୦୦ ରନ୍‌ରେ ପରାଜିତ ହୋଇଥିଲା। ଏହି ବିଜୟ ଫଳରେ ୧୦ମଥର ଫାଇନାଲ ଖେଳି ଭାରତ ୬ଷ୍ଠ ଥର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ବୈଭବ ସୂର୍ଯ୍ୟବଂଶୀଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ▶ପୃଷ୍ଠା-୭

# ଆଜିଠାରୁ ଟି-୨୦ ବିଶ୍ୱକପ୍

## କଲମ୍ବୋରେ ପାକିସ୍ତାନ-ନେଦରଲାଣ୍ଡସ ପ୍ରଥମ ମୁକାବିଲା



■ ମୁମ୍ବଇ/କଲମ୍ବୋ, ୬।୨ (ଏଜେନ୍ସି): ଆଇସିସି (ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ) ଆନୁକୂଲ୍ୟରେ ପୁରୁଷ ଟି-୨୦ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ଆସନ୍ତାକାଲିଠାରୁ ଆରମ୍ଭ ହେବ। ବାଂଲାଦେଶକୁ ବହିଷ୍କାର, ଭାରତ ସହ ମୁକାବିଲାକୁ ପାକିସ୍ତାନର ବୟକଟ୍ ମଧ୍ୟରେ ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ପୂର୍ବପରି ୧୬ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଲିଗ୍ ଓ ନକ୍‌ଆଉଟ ଭିତ୍ତିରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ଉଭୟ ଭାରତ ଓ ଶ୍ରୀଲଙ୍କାରେ ମିଳିତଭାବେ ଆୟୋଜିତ ହେଉଛି। ଆଇସିସିର ନୂଆ ରାଜିନାମା ଅନୁଯାୟୀ ଏହି ଟୁର୍ଣ୍ଣାମେଣ୍ଟ ଭାରତରେ ଆୟୋଜିତ ହେଉଥିବାରୁ ପାକିସ୍ତାନ ତାହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋ ସହରରେ ଖେଳିବ। ଟୁର୍ଣ୍ଣାମେଣ୍ଟରେ ମୋଟ ୫୫ଟି ମ୍ୟାଚ୍ ଉଭୟ ଦେଶରେ ଥିବା ୮ଟି ଭେନ୍ୟୁ ବା ଷ୍ଟାଡିୟମ୍‌ରେ ଖେଳାଯିବ ବୋଲି ସ୍ଥିର ହୋଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅହମ୍ମଦାବାଦ୍‌ରେ ମାର୍ଚ୍ଚ ୮ ତାରିଖରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ପାକିସ୍ତାନ ଯଦି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରେ ତେବେ ଏହି ମୁକାବିଲା କଲମ୍ବୋରେ ଖେଳାଯିବ ବୋଲି କାର୍ଯ୍ୟକ୍ରମ ସ୍ଥିରହୋଇଛି। ଟୁର୍ଣ୍ଣାମେଣ୍ଟରେ ଆୟୋଜକ ତଥା ଡିଫେଣ୍ଡିଂ ଚାମ୍ପିଅନ ଭାରତ, ଇଂଲଣ୍ଡ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ସେମିଫାଇନାଲକୁ ଯିବାର ଆଶା କରାଯାଉଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଖେଳୁଥିଲାବେଳେ ଏହି ଦଳକୁ ଅନ୍ୟତମ ଟାଇଟଲ ଫେବରାଇଟ ବିବେଚନା କରାଯାଉଛି।

## ପାକିସ୍ତାନକୁ ମନାଇବାକୁ ଶ୍ରୀଲଙ୍କାର ଉଦ୍ୟମ

ଭାରତ ବିପକ୍ଷ ମ୍ୟାଚ୍ ବୟକଟ ନ କରିବାକୁ ପାକିସ୍ତାନକୁ ମନାଇବାକୁ ଆଇସିସି ଓ ସହ ଆୟୋଜକ ଶ୍ରୀଲଙ୍କା ଉଦ୍ୟମ ଜାରି ରଖିଛନ୍ତି। ଫେବୃଆରୀ ୧୫ରେ ଭାରତ ଓ ପାକିସ୍ତାନ ମଧ୍ୟରେ ହାଇପ୍ରୋଫାଇଲ ମୁକାବିଲା କଲମ୍ବୋରେ ଖେଳାଯିବ। ଏହି ମ୍ୟାଚ୍‌କୁ ପାକିସ୍ତାନ ବୟକଟ କରିଛି। ଏହି ମ୍ୟାଚ୍ ଖେଳିବାକୁ ପାକିସ୍ତାନ କ୍ରିକେଟ ବୋର୍ଡକୁ ଅନୁରୋଧ କରି ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଚିଠି ଲେଖିଛି। ଭାରତ-ପାକିସ୍ତାନ ମୁକାବିଲା ଦେଖିବାକୁ ଟିକଟ କଟା ସରିଥିଲାବେଳେ ହୋଟେଲ ମଧ୍ୟ ବୁକ୍ ହୋଇଛି। ପାକିସ୍ତାନ ଏହି ମ୍ୟାଚ୍ ନ ଖେଳିଲେ ଆମର ବହୁତ କ୍ଷତି ହେବ ବୋଲି ଶ୍ରୀଲଙ୍କା ▶ପୃଷ୍ଠା-୭

## ନମାଜ ବେଳେ ସିଆ ମସ୍‌ଜିଦରେ ଆତ୍ମଘାତୀ ବିସ୍ଫୋରଣ

# ୬୯ ମୃତ, ୨୦୦ରୁ ଉର୍ଦ୍ଧ୍ୱ ଗୁରୁତର

■ ଇସଲାମାବାଦ୍, ୬।୨ (ଏଜେନ୍ସି): ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନ ପୁଣି ଏହାର ଶିକାର ହୋଇଛି। ଆତ୍ମଘାତୀ ବିସ୍ଫୋରଣରେ ଶୁକ୍ରବାର ଇସଲାମାବାଦ୍ ଥରି ଉଠିଛି। ଜୁମା ନମାଜ ସମୟରେ ଶେହଜାଦ ଟାଉନରେ ଥିବା ତରଲାଇ ଇମାମବାରଗା ସ୍ଥିତ ସିଆ ମସଜିଦ୍ (ଇମାମବାରା)ରେ ଏହି ଆତ୍ମଘାତୀ ଆକ୍ରମଣ ହୋଇଛି। ଏଥିରେ ୬୯ ଜଣ ପ୍ରାଣ ହରାଇଛନ୍ତି। ୨୦୦ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅନେକଙ୍କ ସ୍ଥିତି ସଙ୍ଗୀନ ରହିଛି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଅଧିକାରୀମାନେ କହିଛନ୍ତି। ପୁଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଛି। ଡାକ୍ତରଖାନଗୁଡ଼ିକୁ ହାଇ ଆଲର୍ଟରେ ରଖାଯାଇଛି। ଆହତମାନଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଇସଲାମାବାଦରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ସୂଚନା ଅନୁଯାୟୀ, ଆଜି ଅପରାହ୍ନରେ ଜଣେ ଆତ୍ମଘାତୀ ବୋମା ବିସ୍ଫୋରଣକାରୀ ଉପାସନା ସ୍ଥଳ ଅଭିମୁଖେ ବଢୁଥିଲା। ମାତ୍ର ପୁଲିସ ଅଟକାଇ ଦେବାରୁ ମୁଖ୍ୟ ଫାଟକରେ ଆତ୍ମଘାତୀ ନିଜକୁ ବିସ୍ଫୋରଣ କରି ଉଡାଇ ଦେଇଥିଲା। ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ଫାଟକ ଓ ଆଖପାଖ ବିଲ୍ଡିଂର କାଚ ଭାଙ୍ଗି ଚୁରମାର୍ ହୋଇଯାଇଛି। ଘଟଣାସ୍ଥଳରେ ମୃତଦେହଗୁଡିକ ଏଣେ ତେଣେ ବିକ୍ଷିପ୍ତ ହୋଇ ପଡ଼ିରହିଛି। ଲୋକେ ମୃତଦେହ ମଧ୍ୟରୁ ନିଜ ସମ୍ପର୍କୀୟଙ୍କୁ ଖୋଜୁଛନ୍ତି। ଏହାର ବିକଳ ଦୃଶ୍ୟ ଭାଇରାଲ ହେବାରେ ଲାଗିଛି।

### ଇସଲାମାବାଦରେ ଜରୁରୀକାଳୀନ ପରିସ୍ଥିତି

ବିସ୍ଫୋରଣକୁ ନେଇ ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲି ଜର୍ଦ୍ଦାରୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏହା ମାନବତାର ବିରୋଧୀ ବୋଲି ସେ କହିଛନ୍ତି। ସରକାରଙ୍କ ରାଜନୈତିକ ବ୍ୟାପାର ମନ୍ତ୍ରୀ ତାରିକ ଫଜଲ ଚୌଧୁରୀ ▶ପୃଷ୍ଠା-୭



## ଅନ୍‌ଲାଇନ୍ ଠକେଇ ନେଇ ଆସିବ ନୂଆ ନିୟମ

# ଆର୍‌ବିଆଇ ଦେବ କ୍ଷତିପୂରଣ

■ ନୂଆଦିଲ୍ଲୀ, ୬।୨ (ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଅନଲାଇନ୍ ଠକେଇ ସମ୍ପର୍କରେ ଏକ ନୂତନ ନିୟମ ଆଣିବାକୁ ଯାଉଛି। ରିଜର୍ଭ ବ୍ୟାଙ୍କ ଅନୁଯାୟୀ, ଯଦି କୌଣସି ଗ୍ରାହକ ଛୋଟ ଅନଲାଇନ୍ ଠକେଇର ଶିକାର ହୁଅନ୍ତି, ତେବେ ସେମାନଙ୍କୁ କିଛି ଆର୍ଥିକ ସହାୟତା ପ୍ରଦାନ କରାଯିବ। ହେଲେ ଏଥିରେ ଠକେଇ ରାଶିର ସୀମା ସ୍ଥିର କରାଯିବ। ନୂତନ ନିୟମ ଅନୁଯାୟୀ, ଅନଲାଇନ୍ ଠକେଇର ଶିକାର କ୍ଷେତ୍ରରେ ଆର୍‌ବିଆଇ ଗ୍ରାହକଙ୍କୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରିବ। ଏହି କ୍ଷତିପୂରଣ କେବଳ ଥରେ ପ୍ରଦାନ କରାଯିବ, ବାର୍ଷିକ ନୁହେଁ। ଏହା ଗ୍ରାହକ ସହିଥିବା କ୍ଷତିର ୮୫% କିମ୍ବା ୨୫,୦୦୦ ଟଙ୍କା, ହେଉଁଟି କମ୍ ହେବ। ଯଦି ଜଣେ ୧ ଲକ୍ଷ ଟଙ୍କା ଠକେଇର ଶିକାର ହୁଅନ୍ତି, ତେବେ ମଧ୍ୟ ସେ ୨୫,୦୦୦ ଟଙ୍କା କ୍ଷତି ପୂରଣ ପାଇବେ। ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଶୁକ୍ରବାର ଏ ସମ୍ପର୍କରେ ଘୋଷଣା କରିଛନ୍ତି। ଗଭର୍ଣ୍ଣର କହିଛନ୍ତି ଯେ ଏହି ନିୟମ ଇଲେକ୍ଟ୍ରୋନିକ୍ ବ୍ୟାଙ୍କିଙ୍ଗ୍ ଠକେଇରେ ଗ୍ରାହକଙ୍କ ଦାୟିତ୍ୱକୁ ମଧ୍ୟ ଯାଞ୍ଚ କରିବ। ଲୋକମାନେ ସତର୍କ ରହିବା ଏବଂ ବାରମ୍ବାର ଭୁଲ ଏଡାଇବା ପାଇଁ ଏହା କରାଯାଉଛି। ଗ୍ରାହକମାନଙ୍କ ପାଇଁ ଡିଜିଟାଲ୍ ପେମେଣ୍ଟକୁ ଅଧିକ ସୁରକ୍ଷିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଉଛି। ରିଜର୍ଭ ବ୍ୟାଙ୍କ ଖୁବ୍ ଶୀଘ୍ର ଏ ସମ୍ପର୍କରେ ଚିଠା ନିର୍ଦ୍ଦେଶାବଳୀ ପ୍ରକାଶ କରିବ।

ରିଜର୍ଭ ବ୍ୟାଙ୍କ ତଥ୍ୟ ଅନୁଯାୟୀ, ୨୦୨୪-୨୫ରେ କାର୍ଡ ଏବଂ ଇଣ୍ଟରନେଟ୍ ଠକେଇ ସମ୍ପର୍କିତ ୧୩,୪୬୯ ମାମଲା ରିପୋର୍ଟ କରାଯାଇଥିଲା, ଯେଉଁଥିରେ ୫୨୦ କୋଟି ଟଙ୍କା କ୍ଷତି ହୋଇଥିଲା। ଏହା ପୂର୍ବରୁ, ୨୦୨୩-୨୪ରେ ୨୯,୦୮୦ ଠକେଇ ଘଟଣାରେ ୧୪୫୭ କୋଟି ଟଙ୍କା କ୍ଷତି ଘଟିଥିଲା। ରିଜର୍ଭ ବ୍ୟାଙ୍କ ୨୦୧୭ ନିୟମର ମଧ୍ୟ ସମୀକ୍ଷା କରୁଛି, ଯାହା ଅନଧିକୃତ ଇଲେକ୍ଟ୍ରୋନିକ୍ ବ୍ୟାଙ୍କିଙ୍ଗ ଠକେଇ ପାଇଁ ଗ୍ରାହକଙ୍କ ଦାୟିତ୍ୱ ନିର୍ଦ୍ଦିଷ୍ଟ କରିଥାଏ। ଏହି ନିୟମ କେଉଁ ପରିସ୍ଥିତିରେ ଗ୍ରାହକମାନଙ୍କର କୌଣସି ଦାୟିତ୍ୱ ରହିବନାହିଁ ଏବଂ କେଉଁ ପରିସ୍ଥିତିରେ ସେମାନଙ୍କର କିଛି ଦାୟିତ୍ୱ ରହିବ ତାହା ବର୍ଣ୍ଣନା କରେ। ରିଜର୍ଭ ବ୍ୟାଙ୍କ ଜନସାଧାରଣଙ୍କ ମତାମତ ପାଇଁ ସଂଶୋଧିତ ନିର୍ଦ୍ଦେଶାବଳୀ ଜାରି କରିବ।

## ଆର୍‌ବିଆଇ ମୁଦ୍ରା ନୀତି କମିଟି ବୈଠକ

# ସୁଧ ହାର ଅପରିବର୍ତ୍ତିତ

■ ମୁମ୍ବାଇ, ୬।୨ (ଏଜେନ୍ସି): ବଦଳିଲାନି ସୁଧ ହାର (ରେପୋ ରେଟ୍)। ଶେଷରେ ସୁଧ ହାରକୁ ଅପରିବର୍ତ୍ତିତ ରଖିଛି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)। ଏଥର ରେପୋ ହାରରେ କୌଣସି ପରିବର୍ତ୍ତନ ନ କରି ଏହାକୁ ୫.୨୫%ରେ ଅପରିବର୍ତ୍ତିତ ରଖାଯାଇଛି। ଏହାର ଅର୍ଥ ହେଉଛି ଋଣ ଅଧିକ ମହଙ୍ଗା ହେବ ନାହିଁ ଏବଂ ଇଏମ୍‌ଆଇ ବୃଦ୍ଧି ପାଇବ ନାହିଁ। ଶୁକ୍ରବାର ଶେଷ ହୋଇଥିବା ଆରବିଆଇର ମୁଦ୍ରା ନୀତି କମିଟି ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ ଯେ, ୨୦୨୫ରେ କେନ୍ଦ୍ରୀୟ ବ୍ୟାଙ୍କ ୪ ଥରରେ ସୁଧ ହାରରେ ୧.୨୫% ହ୍ରାସ କରିଥିଲା। ଫେବୃଆରୀ, ଏପ୍ରିଲ, ଜୁନ ଏବଂ ଡିସେମ୍ବରରେ ଆର୍‌ବିଆଇ ସୁଧହାରରେ ହ୍ରାସ ଘଟାଇଥିଲା। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା କହିଛନ୍ତି ଯେ, ବିଶ୍ୱ ବଜାରରେ ଅନିଶ୍ଚିତତା ଜାରି ରହିଛି। ଏବେ ଭାରତରେ ଦରଦାମ ବୃଦ୍ଧି ନିୟନ୍ତ୍ରଣରେ ରହିଛି। ମୁଦ୍ରାସ୍ଫୀତି ଆରବିଆଇର ସୀମା ୪ ପ୍ରତିଶତ ପାଖାପାଖି ରହିଛି। ଅର୍ଥାତ ଦେଶ ଉପରେ ଦରଦାମ ବୃଦ୍ଧିର ବୋଝ ନାହିଁ। କେବଳ ସୁନା ଏବଂ ରୂପା ପରି ମୂଲ୍ୟବାନ ଧାତୁଗୁଡ଼ିକ ସାମାନ୍ୟ ପ୍ରଭାବ ଦେଖୁଛନ୍ତି। ଏହା ବିଶ୍ୱ ସ୍ତରରେ ସେମାନଙ୍କର ମୂଲ୍ୟରେ ଅସ୍ଥିରତା ଯୋଗୁଁ ହୋଇଛି। ଅଧିକାଂଶ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ନିୟନ୍ତ୍ରଣରେ ଅଛି। ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ, ସେ କହିଛନ୍ତି ଯେ ଆର୍‌ବିଆଇ ଏପ୍ରିଲରେ ଏହାର ପରବର୍ତ୍ତୀ ନୀତି ବିବୃତ୍ତିରେ ସମ୍ପୂର୍ଣ୍ଣ ବର୍ଷ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ପୂର୍ବାନୁମାନ ଉପସ୍ଥାପନ କରିବ। ସେତେବେଳ ପର୍ଯ୍ୟନ୍ତ, ନୂତନ ସିରିଜ୍ ଅଧୀନରେ ଅଧିକ ତଥ୍ୟ ଉପଲବ୍ଧ ହେବ।

# ପୁଣି ଅଦାଲତକୁ ଆତଙ୍କୀ ଧମକ

## ରାଜ୍ୟର ୪ ଅଦାଲତକୁ ଉଡ଼ାଇ ଦେବାକୁ ମେଲ୍

■ ଭୁବନେଶ୍ୱର/ କଟକ/ ଫୁଲବାଣୀ/ ପୁରୀ ୬।୨ (ସମିସ): ଓଡ଼ିଶାର ନ୍ୟାୟର ମନ୍ଦିରଗୁଡ଼ିକୁ ପୁଣି ନିଶାଣ। ଗୋଟିଏ ମାସ ମଧ୍ୟରେ ଦ୍ୱିତୀୟବାର ରାଜ୍ୟର ବିଭିନ୍ନ ଅଦାଲତକୁ ବୋମାରେ ଉଡ଼ାଇଦେବାକୁ ମିଳିଛି ଧମକ। କଟକ ଜିଲ୍ଲା ଦୌରା ଜଜ୍‌ଙ୍କ ଅଦାଲତ ସମେତ ଯାଜପୁର, ପୁରୀ ଓ କନ୍ଧମାଳ କୋର୍ଟଗୁଡ଼ିକୁ ବୋମାରେ ଉଡ଼ାଇ ଦେବାକୁ ଆସିଛି ଧମକ। ପୂର୍ବପରି ଇ-ମେଲ୍ ଯୋଗେ ଏହି ଧମକ ଆସିବା ପରେ ଅଦାଲତଗୁଡ଼ିକରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବିଭିନ୍ନ ସ୍ଥାନରେ ଅଦାଲତର କୋଠରିଗୁଡ଼ିକୁ ଖାଲି କରାଯାଇ ଖାନତଲାସ କରାଯାଇଛି।

### ଗୋଟିଏ ମାସ ମଧ୍ୟରେ ଦ୍ୱିତୀୟ ଧମକ ଘଟଣା

### ମେଲ୍ ପଠାଉଥିବା ଦୁର୍ବୃତ୍ତର ପତ୍ତା ପାଉନି ପୁଲିସ

### ସାରା ରାଜ୍ୟରେ ଆଇନଜୀବୀଙ୍କ ଅସନ୍ତୋଷ

ତେବେ କୌଣସିସ୍ଥାନରେ କିଛି ବିପଜ୍ଜନକ ବା ସନ୍ଦେହଜନକ ସାମଗ୍ରୀ ମିଳିନାହିଁ। ଅପରପକ୍ଷରେ ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିଲେ ମଧ୍ୟ ପୁଲିସ ବୋମା ଧମକ ଦେଉଥିବା ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିବାରେ ଅସଫଳ ହେବା ସାଧାରଣ ଲୋକ ଓ ଆଇନଜୀବୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

ଶୁକ୍ରବାର ମଧ୍ୟାହ୍ନ ଭୋଜନ ସମୟରେ ଏକାଧିକ କୋର୍ଟକୁ ବୋମାରେ ଉଡାଇ ଦେବା ଭଳି ଧମକପୂର୍ଣ୍ଣ ଇ-ମେଲ୍ ଏହି ୪ଟି ଅଦାଲତରେ ପହଞ୍ଚିଥିଲା। ଏହାକୁ ନେଇ ୪ଟି କୋର୍ଟ ପରିସରରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏସମ୍ପର୍କରେ ପୁଲିସକୁ ଖବର ଦିଆଯିବା ପରେ ପୁଲିସ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରାଯାଇଥିଲା। ଘଟଣାସ୍ଥଳରେ ଆଣ୍ଟି ବମ୍ ସ୍କ୍ୱାଡ୍, ଡଗ୍ ସ୍କ୍ୱାଡ୍ ସହ ▶ପୃଷ୍ଠା-୭



## ଗଭୀର ଉଦ୍‌ବେଗ ପ୍ରକାଶ କଲେ ନବୀନ

# ଧମକକୁ ସରକାର ହାଲୁକା ଭାବେ ନ ନିଅନ୍ତୁ



■ ଭୁବନେଶ୍ୱର, ୬।୨ (ସମିସ): ରାଜ୍ୟକୁ ମିଳୁଥିବା ବାରମ୍ବାର ବୋମା ଧମକ ଘଟଣାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିନ୍ତା ପ୍ରକଟ କରିଛନ୍ତି। ଶୁକ୍ରବାର ରାଜ୍ୟର ଏକାଧିକ କୋର୍ଟକୁ ବୋମା ଧମକ ମିଳିବା ପରେ ନବୀନ 'ଏକ୍ସ'ରେ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି ଯେ ପୁଣି କଟକ, ପୁରୀ, ଫୁଲବାଣୀ ଓ ଯାଜପୁର ଜିଲ୍ଲା କୋର୍ଟକୁ ବୋମା ଆକ୍ରମଣର ଧମକ ଆସିଥିବା ବିଷୟରେ ଜାଣି ମୁଁ ବେଶ ଚିନ୍ତିତ। କିଛି ଦିନ ତଳେ ସମ୍ବଲପୁର, କଟକ ଓ ଦେବଗଡ଼ ଜିଲ୍ଲା କୋର୍ଟକୁ ବୋମା ଆକ୍ରମଣର ଧମକ ▶ପୃଷ୍ଠା-୭

# ରାୟଗଡ଼ା ଓ କନ୍ଧମାଳରେ ୧୯ ମାଓବାଦୀଙ୍କ ଆତ୍ମସମର୍ପଣ

■ ରାୟଗଡ଼ା/ଭୁବନେଶ୍ୱର, ୬।୨ (ସମିସ): ମାଓ ମୁକ୍ତ ଅଭିଯାନରେ ଆଉ ପାଦେ ଆଗେଇଛି ଓଡ଼ିଶା। ରାୟଗଡ଼ା ଓ କନ୍ଧମାଳର ୧୯ ଜଣ ମାଓବାଦୀ ଆଜି ବିଧିବଦ୍ଧ ଭାବରେ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ରାୟଗଡ଼ା ଜିଲ୍ଲା ବଂଶଧାରା-ଘୁମୁସର-ନାଗାବଳୀ (ବିଜିଏସ୍) ଡିଭିଜନର ୧୫ମାଓ କ୍ୟାଡରଙ୍କ ମଧ୍ୟରେ ରାଜ୍ୟ କମିଟି ସଦସ୍ୟ କୁହାଯାଉଥିବା ଜଗତସିଂହପୁର ଜିଲ୍ଲାର ନିଖିଲ ଓରଫ ନିରଞ୍ଜନ ରାଉତ ଓ କଟକ ଜିଲ୍ଲା ଟାଙ୍ଗୀ ଅଞ୍ଚଳର ଅଙ୍କିତା ଓରଫ ରଶ୍ମିତା ଲେଙ୍କା ରହିଛନ୍ତି। ଉଭୟଙ୍କ ନାମରେ ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସେହିପରି ବିଜିଏନ୍ ଡିଭିଜନର ଆଉ ୧୩ ଜଣ କ୍ୟାଡର ମଧ୍ୟ ଆତ୍ମର୍ପଣ କରିଛନ୍ତି। ମାଓବାଦୀମାନେ ଦୁଇଟି ଏକେ-୪୭, ୫ଏସ୍‌ଏଲ୍‌ଆର୍, ଗୋଟିଏ ଷ୍ଟେନ୍, ଗୋଟିଏ ଇନ୍‌ସାସ୍, ଗୋଟିଏ ୩-ନଟ୍-୩ ରାଇଫଲ, ୪ସିଙ୍ଗିଲ୍ ସଟ୍ ଗନ୍ ସହ ମୋଟ ୧୪ଟି ଆଗ୍ନେୟାସ୍ତ୍ର ପୁଲିସକୁ ଅର୍ପଣ କରିଛନ୍ତି।। ନିଖିଲ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ରାୟଗଡ଼ା, ▶ପୃଷ୍ଠା-୭

## ୭୫୪ ବିମାନ ଯାଞ୍ଚ୍ ପରେ ସାମ୍ନାକୁ ଆସିଲା ତଥ୍ୟ

# ଏୟାର ଇଣ୍ଡିଆର ୧୯୧, ଇଣ୍ଡିଗୋର ୧୪୮ ବିମାନରେ ବାରମ୍ବାର ତ୍ରୁଟି

■ ନୂଆଦିଲ୍ଲୀ, ୬।୨ (ଏଜେନ୍ସି): ଦେଶରେ ବିମାନ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ବାରମ୍ବାର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ୨୦୨୫ ଜାନୁଆରୀରୁ ଦେଶର ୬ଟି ପ୍ରମୁଖ ବିମାନ ସେବା ପ୍ରଦାନକାରୀ ସଂସ୍ଥା (ଏୟାରଲାଇନ୍ସ)ର ମୋଟ୍ ୭୫୪ଟି ବିମାନର ବୈଷୟିକ ଯାଞ୍ଚ୍ କରିବାକୁ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ଯାତ୍ରୀଙ୍କ ଜୀବନ ସହ ବିମାନ କମ୍ପାନୀଗୁଡ଼ିକ କିଭଳି ଖେଳୁଛନ୍ତି ତାହା ଏଥିରୁ ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ ୭୫୪ରୁ ୩୭୭ଟି ବିମାନରେ ବାରମ୍ବାର ତ୍ରୁଟି ଦେଖାଯାଇଥିବା ଜଣାପଡ଼ିଛି। ଅର୍ଥାତ ଗୋଟିଏ ତ୍ରୁଟି ବାରମ୍ବାର ଆସିଛି, ଯଦିଓ ପୂର୍ବରୁ ଏହାକୁ ଠିକ୍ କରାଯାଇଥିଲା। ଏୟାର ଇଣ୍ଡିଆ ଗ୍ରୁପ୍‌ର ୨୬୭ଟି ବିମାନ ମଧ୍ୟରୁ ୧୯୧ଟିରେ (୭୨%) ବାରମ୍ବାର ବୈଷୟିକ ତ୍ରୁଟି ଦେଖିବାକୁ ମିଳିଛି। ଏହା ପଛରେ ଇଣ୍ଡିଗୋ ରହିଛି। ଇଣ୍ଡିଗୋର ୪୦୫ଟି ବିମାନ ଯାଞ୍ଚ୍ କରାଯାଇଥିଲା। ସେଥିମଧ୍ୟରୁ ୧୪୮ଟି ଚଳିତବର୍ଷ ଫେବୃଆରୀ ୩ ତାରିଖ ସୁଦ୍ଧା 'ରିପିଟେଟିଭ ଡିଫେକ୍ଟ' (ଗୋଟିଏ ତ୍ରୁଟି ବାରମ୍ବାର ଆସିବା) ଦେଖିବାକୁ ମିଳିଥିଲା। ଶୁକ୍ରବାର ଲୋକସଭାରେ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହାଲ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଗତବର୍ଷ ସୁରକ୍ଷାକୁ ନେଇ ବ୍ୟାପକ ଯାଞ୍ଚ କରିଥିଲା। ଏହି ସମୟରେ ୩୮୯୦ଟି ସର୍ଭିଲାନ୍ସ ଇନିସପେକ୍ସନ, ୫୬ଟି ଅଡିଟ୍, ୪୯୨ଟି ରାମ୍ପ ଯାଞ୍ଚ୍ ଓ ୮୪ଟି ବିମାନର ଯାଞ୍ଚ୍ କରାଯାଇଥିଲା। ଏହା ବ୍ୟତୀତ ୮୭୪ଟି ସ୍ପଟ୍ ଚେକ୍ ଓ ୫୫୦ଟି ନାଇଟ୍ ସର୍ଭିଲାନ୍ସ ମଧ୍ୟ କରାଯାଇଥିଲା।

ତ୍ରୁଟି ନେଇ ସରକାରୀ ତଥ୍ୟ ଜାରି ହେବା ପରେ ଏୟାର ଇଣ୍ଡିଆ ପକ୍ଷରୁ ସ୍ପଷ୍ଟିକରଣ ଦିଆଯାଇଛି। ଏୟାର ଇଣ୍ଡିଆର ଜଣେ ମୁଖପାତ୍ର କହିଛନ୍ତି ଯେ, ଆମେ ଅତ୍ୟଧିକ ସତର୍କତା ଅବଲମ୍ବନ କରି ▶ପୃଷ୍ଠା-୭




### ଅଧିକାଂଶ ସମସ୍ୟା ଡି ବର୍ଗର: ଏୟାର ଇଣ୍ଡିଆ

### ସରକାରୀ ସଂସ୍ଥାରେ ୨,୬୪୫ ପଦବୀ ଖାଲି

## ରାଷ୍ଟ୍ରପତିଙ୍କ ଦ୍ୱାରା 'ଟ୍ରମ୍ପଆରଏକ୍ସ' ୱେବସାଇଟ ଲଞ୍ଚ୍

ୱାଶିଂଟନ, ୬।୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର 'ଟ୍ରମ୍ପଆରଏକ୍ସ' ନାମକ ଏକ ସରକାରୀ ୱେବସାଇଟ୍ ଲଞ୍ଚ୍ କରିଛନ୍ତି। ଏହି ପ୍ଲାଟଫର୍ମ ଆମେରିକୀୟମାନଙ୍କୁ ଶସ୍ତା ଔଷଧ ଯୋଗାଇବାରେ ସାହାଯ୍ୟ କରିବ। ଏହା ଦ୍ୱାରା ସ୍ୱାସ୍ଥ୍ୟସେବା ଖର୍ଚ୍ଚ ହ୍ରାସ ପାଇବ। ହ୍ୱାଇଟ ହାଉସ୍ ପରିସରରେ ଏହି ୱେବସାଇଟ ଲଞ୍ଚ୍ କରି ଟ୍ରମ୍ପ କହିଛନ୍ତି ଯେ, ଆପଣମାନେ ବହୁତ ଟଙ୍କା ସଞ୍ଚୟ କରିବାକୁ ଯାଉଛନ୍ତି। ଏହା ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପାଇଁ ମଧ୍ୟ ଖୁବ୍ ଭଲ। ଟ୍ରମ୍ପଆରଏକ୍ସ ସିଧାସଳଖ କାର୍ଯ୍ୟ କରେନାହିଁ। ଏହା ଏକ କ୍ଲିୟରିଂ ହାଉସ୍ ଭଳି କାମ କରେ। ଯାହା ବ୍ୟବହାରକାରୀଙ୍କୁ ସମ୍ପୃକ୍ତ ଔଷଧ କମ୍ପାନୀଗୁଡ଼ିକର ୱେବସାଇଟ୍‌କୁ ପଠାଇଥାଏ। ସେଠାରୁ ହିଁ ଜଣେ ଲୋକ ଔଷଧ କିଣିପାରିବ। ଲଞ୍ଚ୍ ସମୟରେ ଏହି ପ୍ଲାଟଫର୍ମରେ ୪୦ରୁ ଅଧିକ ଔଷଧ ଉପଲବ୍ଧ ହେବ।

## ପଞ୍ଜାବରେ ଆପ୍ ନେତାଙ୍କୁ ଗୁଳି କରି ହତ୍ୟା

ଜଲନ୍ଧର, ୬।୨(ଏଜେନ୍ସି): ପଞ୍ଜାବର ଜଲନ୍ଧରରେ ଶାସକ ଆମ୍ ଆଦମୀ (ଆପ) ପାର୍ଟିର ନେତା ଲକି ଓବରୟଙ୍କୁ ଶୁକ୍ରବାର ସକାଳେ ଗୁଳିକରି ହତ୍ୟା କରାଯାଇଛି। ତାଙ୍କ ବୟସ ୫୩ ବର୍ଷ ଥିଲା। ସ୍କୁଟିରେ ଆସି ଆକ୍ରମଣକାରୀମାନେ ତାଙ୍କୁ ୬ଟି ଗୁଳି ମାରିଥିଲେ। ସେଥିମଧ୍ୟରୁ ୫ଟି ଗୁଳି ଛାତିରେ ଓ ଗୋଟିଏ ଗୁଳି ମୁଣ୍ଡରେ ବାଜିଥିଲା। ଲକି ଓବରୟ ମଡେଲ ଟାଉନ୍ ଅଞ୍ଚଳରେ ଥିବା ଗୁରୁଦ୍ୱାରକୁ ଦର୍ଶନ କରିବାକୁ ଆସିଥିଲେ। ଗୁରୁଦ୍ୱାରରୁ ବାହରି ନିଜ ଥାର୍ ଗାଡ଼ି ବସିବାକୁ ଯାଉଥିବା ବେଳେ, ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ଗୁଳି ଚଳାଇବାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆମେରିକାର ଅତି ଭୟଙ୍କର ଅପରାଧୀ ତାଲିକାରେ ୮୯ ଭାରତୀୟ

ୱାଶିଂଟନ, ୬।୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ପକ୍ଷରୁ କଡ଼ା ଅଭିଯାନ ଚାଲିଥିବା ବେଳେ ଏକ 'ଅତି ଭୟଙ୍କର ଅପରାଧୀ ତାଲିକା' ପ୍ରକାଶିତ ହୋଇଛି। ଏହି ତାଲିକାରେ ୮୯ ଜଣ ଭାରତୀୟ ବଂଶୋଦ୍ଭବ ସାମିଲ ହୋଇଛନ୍ତି। ଆମେରକିକା ଗୃହ ସୁରକ୍ଷା ବିଭାଗ (ଡିଏଚ୍‌ଏସ୍) ଦ୍ୱାରା ପ୍ରକାଶିତ ଏହି ଡାଟାବେସ୍‌ରେ ୨୫, ୦୦୦ ବେଆଇନ୍ ପ୍ରବାସୀଙ୍କ ନାମ ରହିଛି। ଏମାନଙ୍କ ମଧ୍ୟରେ ହତ୍ୟାକାରୀ, ଯୌନ ଅପରାଧୀ, ନିଶାଦ୍ରବ୍ୟ ତଥା ଡ୍ରଗ୍ସ ଚୋରଚାଲାଣକାରୀ ସାମିଲ ଅଛନ୍ତି। ଏମାନଙ୍କୁ ଆମେରିକା ଇମିଗ୍ରେସନ ଓ କଷ୍ଟମ ଏନଫୋର୍ସମେଣ୍ଟ (ଆଇସିଇ) ଗିରଫ କରିଛି। ଟ୍ରମ୍ପଙ୍କ ପ୍ରବାସୀ ବିରୋଧୀ କାର୍ଯ୍ୟାନୁଷ୍ଠାନର ଏହା ଏକ ଅଂଶ। ସାର୍ବଜନୀନ ଭାବେ ପ୍ରକାଶିତ ହୋଇଥିବା ଏହି ଡାଟାବେସ୍‌ରେ ଅପରାଧୀଙ୍କ ନାମ, ଫଟୋ, ସେମାନଙ୍କ ଅପରାଧ ଓ ଜାତୀୟତା ବିଷୟରେ ସୂଚନା ଦିଆଯାଇଛି। ଏକ ସୋସିଆଲ ମିଡିଆ ପୋଷ୍ଟରେ ଡିଏଚ୍‌ଏସ୍ କହିଛି ଯେ, ଏ ନେଇ ଏକ ୱେବସାଇଟ୍ ଲଞ୍ଚ୍ ହୋଇଛି।

## ଆମେରିକୀୟ ନାଗରିକଙ୍କୁ ତୁରନ୍ତ ଇରାନ ଛାଡ଼ିବା ପାଇଁ ଚେତାବନୀ

ୱାଶିଂଟନ/ତେହେରାନ, ୬।୨(ଏଜେନ୍ସି): ଇରାନରେ ରହୁଥିବା ନିଜ ନାଗରିକଙ୍କୁ ତୁରନ୍ତ ଦେଶ ଛାଡ଼ିବା ପାଇଁ ଆମେରିକା କଠୋର ଚେତାବନୀ ଦେଇଛି। ଆଭାସୀ ଆମେରିକୀୟ ଦୂତାବାସ କହିଛି ଯେ, ଦେଶର ସୁରକ୍ଷା ସ୍ଥିତି ଅତ୍ୟନ୍ତ ଖରାପ ହୋଇଯାଇଛି। ବଢୁଥିବା ଅଶାନ୍ତି, କଟକଣା ଓ ଯାତ୍ରାରେ ବାଧା ଲୋକଙ୍କ ସୁରକ୍ଷା ପାଇଁ ଗମ୍ଭୀର ବିପଦ ସୃଷ୍ଟି କରୁଛି। ଦୂତାବାସ ସ୍ପଷ୍ଟ ଭାବେ କହିଛି ଯେ, ଆମେରିକୀୟ ମାନେ ଯଥାଶୀଘ୍ର ଇରାନ ଛାଡ଼ି ଚାଲିଯାଆନ୍ତୁ। ନିଜେ ବାହରିବା ପାଇଁ ଯୋଜନା କରନ୍ତୁ। ଏଥିପାଇଁ ଆମେରିକୀୟମାନେ ସରକାରଙ୍କ ସହାୟ୍ୟକୁ ଅପେକ୍ଷା କରନ୍ତୁ ନାହିଁ। ବର୍ତ୍ତମାନର ସ୍ଥିତିରେ ସରକାରୀ ସହାୟତା ଅତ୍ୟନ୍ତ ସୀମିତ। ଇରାନରେ ଦେଶବ୍ୟାପୀ ବିରୋଧ ପ୍ରଦର୍ଶନ ଓ ଅଶାନ୍ତି ଯୋଗୁଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ରାସ୍ତାଘାଟ ବନ୍ଦ ରହିଛି। ସାଧାରଣ ପରିବହନ ଠପ୍ ହୋଇଛି ଓ ଇଣ୍ଟରନେଟ ସେବା ବାରମ୍ବାର ବାଧାପ୍ରାପ୍ତ ହୋଇଛି। ଅନେକ ଏୟାରଲାଇନ ମଧ୍ୟ ଇରାନକୁ ଉଡ଼ାଣ ବାତିଲ କରି ଦେଇଛନ୍ତି। ଦ୍ୱୈତ ନାଗରିକତା ଥିବା ଲୋକଙ୍କ ପାଇଁ ଅଧିକ ବିପଦ ରହିଛି ବୋଲି ଦୂତାବାସ କହିଛି।

## ପଶ୍ଚିମବଙ୍ଗରେ ବେକାରୀଙ୍କୁ ମିଳିବ ୧୫୦୦ ଟଙ୍କା ଭତ୍ତା



କୋଲକାତା, ୬।୨(ଏଜେନ୍ସି): ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ସରକାର ବିଧାନସଭାରେ ୪.୦୬ ଲକ୍ଷ କୋଟି ଟଙ୍କାର ଅନ୍ତରୀଣ ବଜେଟ୍ ଉପସ୍ଥାପନ କରିଛନ୍ତି। ଆଗାମୀ ୩ ମାସ ମଧ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ମୁଖ୍ୟମନ୍ତ୍ରୀ ମମତା ଭୋଟରମାନଙ୍କୁ ଲୋଭ ଦେଖାଇବାକୁ ପ୍ରୟାସ କରିଛନ୍ତି। ଏହିକ୍ରମରେ ସେ ରାଜ୍ୟରେ ଥିବା ୨୧ରୁ ୪୦ ବର୍ଷ ବୟସ୍କ ବେକାର ଯୁବକ- ଯୁବତୀଙ୍କୁ ମାସିକ ୧, ୫୦୦ ଟଙ୍କାର ଭତ୍ତା ଦେବାକୁ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ତାଙ୍କ ସରକାର ଯଦି ପୁଣି କ୍ଷମତାକୁ ଫେରନ୍ତି, ତେବେ ଅଗଷ୍ଟ ୧୫ରୁ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏହାକୁ 'ବାଙ୍ଗଲାର ଯୁବ ସାଥି ଯୋଜନା' ବୋଲି ସେ ନାମ ରଖିଛନ୍ତି। ସେହିପରି ସେ ସରକାରୀ କର୍ମଚାରୀମାନଙ୍କ ପାଇଁ ୪ ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି। ପୁଣି ସପ୍ତମ ବେତନ କମିଶନ ଲାଗୁ କରିବା ଦିଗରେ ସରକାର କାମ କରୁଛନ୍ତି ବୋଲି ସେ କହିଛନ୍ତି। ସେହିପରି ଅଙ୍ଗନାବାଡ଼ି, ଆଶା କର୍ମୀ, ସିଭିଲ ସ୍ୱେଚ୍ଛାସେବୀ ଓ ଗ୍ରାମ ପୁଲିସଙ୍କ ମାସିକ ଭତ୍ତା ମଧ୍ୟ ବୃଦ୍ଧି କରାଯାଇଛି। ସେହିପରି ୫ଟି ଏମ୍‌ଏସ୍‌ଏମ୍‌ଇ ଶିଳ୍ପ ପାର୍କ ସହ ମୁର୍ଶିଦାବାଦ ଓ ମାଲଦାରେ ଗଙ୍ଗାନଦୀର କୂଳ ଖାଇବାକୁ ରୋକିବା ପାଇଁ ମାଷ୍ଟର ପ୍ଲାନ ଘୋଷଣା କରିଛନ୍ତି ରାଜ୍ୟ ସରକାର

## ସଂସଦ ଅଚଳ ଯୋଗୁଁ ୫୭ କୋଟି କ୍ଷତି



ମିନିଟ୍‌କୁ ଖର୍ଚ୍ଚ ହେଉଛି ୨.୫ ଲକ୍ଷ

ନୂଆଦିଲ୍ଲୀ, ୬।୨(ଏଜେନ୍ସି): ଦେଶର ସଂସଦ ପରିଚାଳନାରେ ପାଣି ଭଳି ଅର୍ଥ ଖର୍ଚ୍ଚ ହେଉଛି। ମାତ୍ର ହଟ୍ଟଗୋଳ ଚାଲିଥିବାରୁ ଏହା ବର୍ବାଦ ହୋଇଯାଉଛି। ବଜେଟ ଅଧିବେଶନରେ ଏ ପର୍ଯ୍ୟନ୍ତ ସାର୍ଥକ ଚର୍ଚ୍ଚା ହୋଇପାରି ନାହିଁ। ଶାସକ ଏବଂ ବିରୋଧୀ ମୁହାଁମୁହିଁ ସ୍ଥିତିରେ ଥିବାରୁ ତୁହାକୁ ତୁହା ସଂସଦ କାର୍ଯ୍ୟକୁ ବନ୍ଦ କରିବାକୁ ପଡୁଛି। ଯେତେ ସମୟ ସଂସଦ ମୁଲତବୀ ରହୁଛି ସେତେ କ୍ଷତିର ପରିମାଣ ବୃଦ୍ଧି ପାଇ ଚାଲିଛି। ଏଥିରେ ଅତ୍ୟାଧୁନିକ ସଂସଦ ଭବନର ପରିଚାଳନା ଖର୍ଚ୍ଚ, କର୍ମଚାରୀଙ୍କ ଦରମା ଓ ସୁରକ୍ଷା ତଥା ନିରାପତ୍ତା ଖର୍ଚ୍ଚ ଅନ୍ତର୍ଭୁକ୍ତ। ସଂସଦ ପରିଚାଳନାରେ ମିନିଟ୍‌କୁ ୨.୫ ଲକ୍ଷ, ଘଣ୍ଟାକୁ ୧.୫ କୋଟି ଓ ଦିନକୁ ୯ କୋଟି ଟଙ୍କା ଖର୍ଚ୍ଚ ହୋଇଥାଏ। ତେଣୁ ଏହି ଅନୁସାରେ ଏପର୍ଯ୍ୟନ୍ତ ମୋଟ୍ ୫୭ କୋଟି ଟଙ୍କା କ୍ଷତି ହୋଇଛି। ସଂସଦର ଚଳିତ ବଜେଟ ଅଧିବେଶନରେ ହଟ୍ଟଗୋଳ ଯୋଗୁଁ ଜନସାଧାରଣଙ୍କ ପ୍ରାୟ ଏତିକି ଟଙ୍କା ଖର୍ଚ୍ଚ ହୋଇଛି। ଜାନୁଆରୀ ୨୮ ରୁ ଆରମ୍ଭ ହୋଇଥିବା ବଜେଟ ଅଧିବେଶନରେ ଲୋକସଭା ପାଇଁ ୩୦ରୁ ୩୫ କାର୍ଯ୍ୟ ନିର୍ଘଣ୍ଟ ଧାର୍ଯ୍ୟ କରାଯାଇଥିବା ବେଳେ ସେଥିମଧ୍ୟରୁ ୨୦ରୁ ୨୫ ଘଣ୍ଟା ହଟ୍ଟଗୋଳ ଯୋଗୁଁ ନଷ୍ଟ ହୋଇଛି। ତେଣୁ ଏହାର ଆନୁମାନିକ କ୍ଷତି ପ୍ରାୟ ୩୦ରୁ ୩୫ କୋଟି ଟଙ୍କା। ସେହିପରି ରାଜ୍ୟ ସଭାରେ ୧୨ରୁ ୧୫ ଘଣ୍ଟା କାର୍ଯ୍ୟ ନଷ୍ଟ ହୋଇଛି ଓ ଏହା ଦ୍ୱାରା ୧୮ ରୁ ୨୨ କୋଟି ଟଙ୍କା କ୍ଷତି ହୋଇଛି। ଉଭୟ ଗୃହକୁ ମିସାଇଲେ ହଟ୍ଟଗୋଳ ଯୋଗୁଁ ଏପର୍ଯ୍ୟନ୍ତ ୫୭ କୋଟି ଟଙ୍କା କ୍ଷତି ହୋଇଛି।

### ବାଂଲାଦେଶରେ ପ୍ରାକ୍ ନିର୍ବାଚନୀ ହିଂସା

# ୟୁନୁସଙ୍କ ଘର ଆଗରେ ସଂଘର୍ଷ



■ 'ପେଟରେ ଭାତ ନାହିଁ- ପାଟିରେ କି ବିକାଶ'

ଢାକା, ୬।୨(ଏଜେନ୍ସି): ବାଂଲାଦେଶରେ ସାଧାରଣ ନିର୍ବାଚନ ହେବାକୁ ଆଉ ମାତ୍ର ୬ ଦିନ ବାକି ରହିଛି। ଏପରି ସମୟରେ ରାଜଧାନୀ ଢାକାରେ ଶୁକ୍ରବାର ଦିନ ଭୟଙ୍କର ହିଂସାକାଣ୍ଡ ଘଟିଛି। ଅନ୍ତରୀଣ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସଙ୍କ ସରକାରୀ ବାସଭବନ 'ଯମୁନା' ବାହାରେ ବଡ଼ ଧରଣର ସଂଘର୍ଷ ଦେଖିବାକୁ ମିଳିଛି। ୯ମ ଜାତୀୟ ବେତନ ସ୍କେଲ କାର୍ଯ୍ୟକାରୀ କରିବା ଦାବିରେ ସରକାରୀ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ପୁଲିସ ସହ ସେମାନଙ୍କର ସଂଘର୍ଷ ହୋଇଥିଲା। ଏଥିରେ ଅନେକ ଆହତ ହୋଇଛନ୍ତି। ୨୦୨୪ ଅଗଷ୍ଟରେ ହୋଇଥିବା ହିଂସା ପରେ ଶେଖ ହସିନା ସରକାରଙ୍କୁ ଗାଦିଚ୍ୟୁତ କରାଯାଇଥିଲା। ଏହାପରେ ପ୍ରଥମଥର ପାଇଁ ସରକାର ଗଠନ ନିମନ୍ତେ ଆସନ୍ତା ୧୨ ତାରିଖରେ ନିର୍ବାଚନ ହେବାକୁ ଯାଉଛି। କିନ୍ତୁ ଏହା ପୂର୍ବରୁ ସୃଷ୍ଟି ହୋଇଥିବା ଏହି ଅଶାନ୍ତି ୟୁନୁସଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାରଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ସେ ଜାଣିଶୁଣି ନିର୍ବାଚନକୁ ଭଣ୍ଡୁର କରିବାକୁ ଚାହୁଁଥିବା କୁହାଯାଉଛି। କାରଣ ପୂର୍ବରୁ ସଂଖ୍ୟାଲଘୁ ବିରୋଧରେ ହୋଇଥିବା ହିଂସାକୁ ରୋକିବାରେ ତାଙ୍କ ସରକାର କୌଣସି ପଦକ୍ଷେପ ନେଇ ନ ଥିଲେ।

ଏବେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସରକାରୀ କର୍ମଚାରୀମାନେ 'ଶହୀଦ ମିନାର'ଠାରେ ଏକତ୍ରିତ ହୋଇ 'ଯମୁନା' ଅଭିମୁଖେ ଯାତ୍ରା କରିଥିଲେ। ସେମାନେ ୯ମ ବେତନ କମିଶନ ରିପୋର୍ଟର ତୁରନ୍ତ କାର୍ଯ୍ୟକାରିତା ପାଇଁ ଦାବି କରିଥିଲେ। ଦେଶରେ ବୃଦ୍ଧି ପାଉଥିବା ଦରଦାମ ବୃଦ୍ଧି ଓ ଜୀବିକା ସଂକଟ ପାଇଁ ସେମାନେ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ପ୍ରଦର୍ଶନକାରୀମାନେ 'ପେଟରେ ଭାତ ନାହିଁ- ପାଟିରେ କି ବିକାଶ' ବୋଲି ସ୍ଲୋଗାନ ଦେଇଥିଲେ। ବ୍ୟାରିକେଡ୍ ଭାଙ୍ଗି ପ୍ରଦର୍ଶନକାରୀମାନେ 'ଯମୁନା' ଆଡ଼କୁ ମାଡ଼ିଯାଇଥିଲେ। ସେମାନଙ୍କୁ ଛତ୍ରଭଙ୍ଗ ଦେବା ପାଇଁ ପୁଲିସ ୱାଟର କାନନ, ଲୁହବୁହା ଗ୍ୟାସ ଓ ସାଉଣ୍ଡ ଗ୍ରେନେଡ ବ୍ୟବହାର କରିବା ସହ ଲାଠି ଚାର୍ଜ କରିଥିଲା। ଏହି ସଂଘର୍ଷରେ ଅନେକ ଆହତ ହୋଇଛନ୍ତି। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସେନାକୁ ମୁତୟନ କରାଯାଇଛି। ତେଣେ ପୁଲିସର ଏହି କାର୍ଯ୍ୟାନୁଷ୍ଠାନକୁ କର୍ମଚାରୀ ସଂଘ କ୍ଷୋଭ ପ୍ରକାଶ କରିଛି। ଯଦି ଆମ ଉପରେ ଆକ୍ରମଣ ଜାରି ରହେ, ତେବେ ନିର୍ବାଚନ ବର୍ଜନ କରିବୁ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଫେବୃଆରୀ ୧୨ରେ ବାଂଲାଦେଶରେ ସାଧାରଣ ନିର୍ବାଚନ ହେବ ଓ ସାରା ବିଶ୍ୱର ନଜର ଏହା ଉପରେ ରହିଛି।

### ପାକ୍ ପ୍ରଧାନମନ୍ତ୍ରୀଙ୍କ ପାଗଳ ପ୍ରଳାପ

## କଶ୍ମୀର ପାକିସ୍ତାନର ଅଂଶ ହେବ; ଶେହବାଜ

ଇସଲାମାବାଦ୍, ୬।୨(ଏଜେନ୍ସି): ପାକିସ୍ତାନ ପୁଣିଥରେ କଶ୍ମୀରକୁ ନେଇ ନିଜର ପ୍ରଳାପ କରିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଗୁରୁବାର ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ କଶ୍ମୀରକୁ ନେଇ ପୁଣି ଥରେ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ମୁଜାଫରାବାଦ୍‌ରେ ବିଧାନସଭାକୁ ସମ୍ବୋଧିତ କରି ସେ କହିଛନ୍ତି ଯେ, କଶ୍ମୀର ପାକିସ୍ତାନର ଅଂଶ ହେବ। ପାକିସ୍ତାନ କଶ୍ମୀରବାସୀଙ୍କ ସହ ଦୃଢ଼ ଭାବେ ଛିଡ଼ା ହୋଇଛି। ଜମ୍ମୁ-କଶ୍ମୀର ବିବାଦର ସମାଧାନ କଶ୍ମୀରବାସୀଙ୍କ ଇଚ୍ଛା ଅନୁଯାୟୀ ହେବା ଉଚିତ। ସେ ଆହୁରି କହିଛନ୍ତି ଯେ, ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ କରିବା ଦ୍ୱାରା ହିଁ ବିବାଦର ସମାଧାନ ସମ୍ଭବ। ମୁଁ ପାକିସ୍ତାନ ଜନସାଧାରଣ ଓ ପାକିସ୍ତାନୀ ନେତୃତ୍ୱ ପକ୍ଷରୁ କଶ୍ମୀର ଭାଇମାନଙ୍କ ସହ ଏକତା ପ୍ରଦର୍ଶନ କରିବାକୁ ଆସିଛି ବୋଲି ସେ କହିଛନ୍ତି। ପାକିସ୍ତାନର ପ୍ରତିଷ୍ଠାତା ମହମ୍ମଦ ଅଲି ଜିନ୍ନା ଏହି ଅଞ୍ଚଳକୁ ପାକିସ୍ତାନର 'ଲାଇଫ୍ ଲାଇନ୍' ବୋଲି କହିଥିଲେ। କଶ୍ମୀର ପ୍ରସଙ୍ଗ ଆମ ବୈଦେଶିକ ନୀତିର ମୂଳଦୁଆ। ୨୦୧୫ ମେ'ରେ ଭାରତ ସହ ଏକ ୪ ଦିନିଆ ଯୁଦ୍ଧ ତଥା ଅପରେସନ ସିନ୍ଦୂର କଥା ସେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ମଧ୍ୟ ଭାରତ ବିରୋଧରେ ଶେହବାଜ ଏକାଧିକବାର ଏହି ପରି ବିଶୋଦଗାର କରିଛନ୍ତି। ଉଲ୍ଲେଖଥାଉ କି, ପହଲଗାମରେ ଆତଙ୍କବାଦୀଙ୍କ ନରସଂହାର ପରେ ଭାରତ ୨୦୨୫ ମେ ୭ରେ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା ଓ ପାକିସ୍ତାନରେ ଥିବା ୯ଟି ଆତଙ୍କବାଦୀ ଆଡ୍ଡା ଉପରେ ସଠିକ ସାମରିକ ଆକ୍ରମଣ କରିଥିଲା ଓ ଏଥିରେ ୧୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ।

### 'ପରୀକ୍ଷା ପେ ଚର୍ଚ୍ଚା'ରେ ଛାତ୍ରଛାତ୍ରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

## ସମସ୍ତଙ୍କ କଥା ଶୁଣନ୍ତୁ; ନିଜ ଇଚ୍ଛା ଅନୁଯାୟୀ ଢାଞ୍ଚା ବଦଳାନ୍ତୁ



ନୂଆଦିଲ୍ଲୀ, ୬।୨ (ଏଜେନ୍ସି):ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପରୀକ୍ଷା ପେ ଚର୍ଚ୍ଚା (ପିପିସି)ର ନବମ ସଂସ୍କରଣରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଏକଜାମ୍ ୱାରିୟର୍ସମାନଙ୍କ ସହ ଏକ ଅନୌପଚାରିକ ଆଲୋଚନା କରିଥିଲେ। ମୋଦୀ ପ୍ରଥମେ ପିଲାମାନଙ୍କୁ ଆସାମୀ ଗାମୁଛା (ସ୍କାର୍ଫ) ପିନ୍ଧାଇଲେ ଏବଂ ତା'ପରେ ସେମାନଙ୍କ ପ୍ରଶ୍ନର ଉତ୍ତର ଦେଲେ।ପ୍ରଥମ ଅଧ୍ୟାୟରେ ପ୍ରଧାନମନ୍ତ୍ରୀ ପିଲାମାନଙ୍କୁ ବିଦେଶୀ ସାମଗ୍ରୀ ପରିତ୍ୟାଗ କରି ସ୍ୱଦେଶୀ ଉତ୍ପାଦ ଆପଣାଇବାକୁ ପରାମର୍ଶ ଦେଇଥିଲେ। ସେମାନଙ୍କୁ ୨୫5 ବର୍ଷ ମଧ୍ୟରେ ଏକ ବିକଶିତ ଭାରତ ଗଠନ କରିବାର ସ୍ୱପ୍ନକୁ ସାକାର କରିବାକୁ ମଧ୍ୟ ଅନୁରୋଧ କରିଥିଲେ। ସମସ୍ତଙ୍କ ପରାମର୍ଶ ଶୁଣି ନିଜ ଇଚ୍ଛା ଅନୁଯାୟୀ ଢାଞ୍ଚା ବଦଳାଇବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଯେତେବେଳେ ସ୍ୱାଧୀନତାର ଶହେ ବର୍ଷ ପୂରଣ ହେବ ତୁମେ ୩୯-୪୦ ବର୍ଷ ବୟସର ହେବ। ତୁମେ ଏବେ ଏକ ବିକଶିତ ଭାରତକୁ ନିଜ ସ୍ୱପ୍ନରେ ପରିଣତ କରିବା ଉଚିତ। ଭଗତ ସିଂହଙ୍କୁ ତାଙ୍କ ହୃଦୟରେ ସ୍ୱାଧୀନତାର ସ୍ୱପ୍ନ ସହିତ ଫାଶୀ ଦିଆଯାଇଥିଲା। ସ୍ୱାଧୀନତାର ୨୫ ଏବଂ ୩୦ ବର୍ଷ ପୂର୍ବରୁ ଦିଆଯାଇଥିବା ବଳିଦାନ ସ୍ୱାଧୀନତାର କାରଣ ଥିଲା। ଏକ ବିକଶିତ ଭାରତ ପାଇଁ ତୁମେ କ'ଣ କରିବାକୁ ଚାହୁଁଛ ସେ ବିଷୟରେ ତୁମର ସ୍ୱପ୍ନକୁ ସୃଷ୍ଟି କର।ଆତ୍ମବିଶ୍ୱାସ ସହିତ ଯେକୌଣସି ଭୟକୁ ଦୂର କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜଣେ ଛାତ୍ର ପଚାରିଲେ, 'ମୁଁ ଉପସ୍ଥାପନା ଦେବା ସମୟରେ ନର୍ଭସ ହୋଇଯାଏ। ମୁଁ ଏହି ଭୟକୁ କିପରି ଦୂର କରିବି?' ଉତ୍ତରରେ ପ୍ରଧାନମନ୍ତ୍ରୀ କହିଥିଲେ, "ତୁମେ କେବେ ଲକ୍ଷ୍ୟ କରିଛ କି ଫୁଟପାଥରେ ଜଣେ ଗରିବ ମହିଳା ଟିଭିରେ ଏକ ଘଟଣା ବିଷୟରେ କେତେ ଆତ୍ମବିଶ୍ୱାସର ସହିତ କହୁଛନ୍ତି? ସେ ସାକ୍ଷାତକାର ପାଇଁ ଅଭ୍ୟାସ କରିଛନ୍ତି କି? ନା। ତାଙ୍କର ଆତ୍ମବିଶ୍ୱାସ ସତ୍ୟରୁ ଆସେ। ସେ ଜାଣନ୍ତି ଯେ ସେ ଯାହା ଦେଖିଛନ୍ତି ତାହା ତାଙ୍କୁ କହିବାକୁ ପଡିବ। ଯଦି ତୁମେ ଯାହା କରୁଛ ସେଥିରେ ଆତ୍ମବିଶ୍ୱାସ ଅଛି, ତେବେ ଉପସ୍ଥାପନାର ଭୟ ଦୂର ହୋଇଯିବ।

## ପ୍ରଶାନ୍ତ କିଶୋରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

■ ଲୋକପ୍ରିୟତା ପାଇଁ କୋର୍ଟଙ୍କୁ ବ୍ୟବହାର କରନି ବୋଲି କହିଲେ
■ ବିହାର ବିଧାନସଭା ନିର୍ବାଚନ ରଦ୍ଦ କରିବାକୁ ହୋଇଥିଲା ଆବେଦନ

ନୂଆଦିଲ୍ଲୀ, ୬।୨(ଏଜେନ୍ସି): ସୁପ୍ରିମକୋର୍ଟ ବିହାରର ଜନ ସୁରାଜ ପାର୍ଟି ମୁଖ୍ୟ ତଥା ଜଣାଶୁଣା ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋରଙ୍କୁ ଭର୍ତ୍ସନା କରିବା ସହ କଡ଼ା ସମାଲୋଚନା କରିଛନ୍ତି। ଏଥିସହ ବିହାର ବିଧାନସଭା ନିର୍ବାଚନ ଫଳାଫଳକୁ ରଦ୍ଦ କରିବା ପାଇଁ ପାର୍ଟି ତରଫରୁ ହୋଇଥିବା ଆବେଦନକୁ କୋର୍ଟ ଖାରଜ କରିଛନ୍ତି। ଶୁକ୍ରବାରରେ ଏ ନେଇ ହୋଇଥିବା ଶୁଣାଣି ସମୟରେ କୋର୍ଟ ଏହି ପାର୍ଟିକୁ କଡ଼ା ସମାଲୋଚନା କରିଛନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ମୁଖ୍ୟ ବିଚାରପତି ପ୍ରଶାନ୍ତଙ୍କ ପାର୍ଟିକୁ ତିରସ୍କାର କରି କହିଥିଲେ ଯେ, ଆପଣ କେତେ ଭୋଟ ପାଇଛନ୍ତି? ଲୋକମାନେ ଆପଣଙ୍କୁ ପ୍ରତ୍ୟାଖାନ କରିଛନ୍ତି ଓ ଆପଣ ପବ୍ଲିସିଟି ତଥା ଲୋକପ୍ରିୟତା ପାଇଁ କୋର୍ଟ ତଥା ନ୍ୟାୟିକ ମଞ୍ଚକୁ ବ୍ୟବହାର କରୁଛନ୍ତି। କୋର୍ଟ କହିଛନ୍ତି ଯେ, ଏହା ଏକ ସର୍ବଭାରତୀୟ ସମସ୍ୟା ନୁହେଁ। ତେଣୁ ଆବେଦନକାରୀ ପ୍ରଥମେ ବିହାର ହାଇକୋର୍ଟକୁ ଯିବାର ଥିଲା। ଆବେଦନରେ ଜେଡିୟୁ ଓ ବିଜେପି ମେଣ୍ଟ ବିରୋଧରେ ଗମ୍ଭୀର ଅଭିଯୋଗ କରାଯାଇଥିଲା। ନିର୍ବାଚନ ସମୟରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ପ୍ରତ୍ୟେକ ପରିବାରର ଜଣେ ମହିଳାଙ୍କୁ ୧୦, ୦୦୦ ଟଙ୍କା ଲେଖାଏ ବଣ୍ଟନ କରାଯାଇଥିଲା ବୋଲି ଅଭିଯୋଗ ହୋଇଥିଲା। ଏହି କ୍ରମରେ ପ୍ରାୟ ୨୫ରୁ ୩୫ ଲକ୍ଷ ମହିଳା ଭୋଟରଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଯାଇଛି। ଏହା ଏକ ବଡ଼ ଧରଣର ଦୁର୍ନୀତିକୁ ସୂଚାଉଛି ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା।

### ମହାରାଷ୍ଟ୍ରର ଗଡ଼ଚିରୋଲିରେ ନକ୍ସଲଙ୍କ ସହ ଗୁଳିବିନିମୟ

## ୩ ନକ୍ସଲ ନିହତ; ଜଣେ ଯବାନ ସହିଦ

ମୁମ୍ବଇ, ୬।୨(ଏଜେନ୍ସି): ମହାରାଷ୍ଟ୍ରର ଗଡ଼ଚିରୋଲିରେ ପୁଲିସର ସି-୬୦ କମାଣ୍ଡୋ ଓ ନକ୍ସଲ ତଥା ମାଓବାଦୀଙ୍କ ସହ ଗୁଳିବିନିମୟ ଜାରି ରହିଛି। ଏଥିରେ ୩ ଜଣ ମାଓବାଦୀ ନିହତ ଓ ଜଣେ ଯବାନ ସହିଦ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜଣେ ମହିଳାଙ୍କ ସମେତ ୩ ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏଥିସହ ଗୋଟିଏ ଏକେ-୪୭ ଓ ଗୋଟିଏ ଏସ୍‌ଏଲ୍‌ଆର ଜବତ କରାଯାଇଛି। ତେବେ ୩ ମାଓବାଦୀଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିପାରି ନାହିଁ। ପୁଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ଗଡ଼ଚିରୋଲି ଘଞ୍ଚ ଜଙ୍ଗଲରେ ନକ୍ସଲମାନଙ୍କ ବଡ଼ କ୍ୟାମ୍ପ ସକ୍ରିୟ ଥିବା ସୂଚନା ମିଳିଥିଲା। ଗୁଇନ୍ଦା ସୂଚନା ଆଧାରରେ ସି-୬୦ କମାଣ୍ଡୋ ସେହି ଅଞ୍ଚଳରେ ସର୍ଚ୍ଚ ଓ କମ୍ବିଂ ଅପରେସନ ଆରମ୍ଭ କରିଥିଲା। ଏହି ସମୟରେ ନକ୍ସଲମାନେ ଗୁଳି ଚଳାଇଥିଲେ। ଜବାବରେ ସୁରକ୍ଷାବାହିନୀ ମଧ୍ୟ ପାଲଟା ଆକ୍ରମଣ କରିଥିଲା। କିଛି ଘଣ୍ଟାର ଗୁଳି ବିନିମୟ ପରେ ଏହି ନକ୍ସଲ କ୍ୟାମ୍ପକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦିଆଯାଇଛି।

## ଟୁରିଷ୍ଟ ବସ୍‌ରେ ନିଆଁ; ଅଳ୍ପକେ ବର୍ତ୍ତିଲେ ୩୦ ଯାତ୍ରୀ

ବେଙ୍ଗାଲୁରୁ, ୬।୨(ଏଜେନ୍ସି): କର୍ଣ୍ଣାଟକର ନେଲମଙ୍ଗଲା ନିକଟରେ ଏକ ଟୁରିଷ୍ଟ ବସ୍‌ରେ ନିଆଁ ଲାଗିବା କାରଣରୁ ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ବେଙ୍ଗାଲୁରୁ- ତୁମକୁର ହାଇୱେର ନେଲମଙ୍ଗଲା ତାଲୁକରେ ହନୁମନ୍ତପୁରା ଗେଟ୍ ନିକଟରେ ଶୁକ୍ରବାର ଭୋର ସମୟରେ ଏହି ପର୍ଯ୍ୟଟକ ବସ୍‌ରେ ନିଆଁ ଲାଗିଯାଇଥିଲା। ବସରେ ବସିଥିବା ୩୦ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ରାତି ୧.୩୦ରେ ସମୟରେ ବେଙ୍ଗାଲୁରୁରୁ କଲବୁର୍ଗୀ ଯାଉଥିବା 'ସଞ୍ଜନା ଟୁରିଷ୍ଟ' ବସ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲେ। ବସ୍‌ଟି ରାସ୍ତା କଡ଼ରେ ଥିବା ଏକ ନାଳ ପଟକୁ ଢଳି ପଡ଼ିଥିଲା ଓ ଉପରେ ଦେଇ ଯାଇଥିବା ବିଦ୍ୟୁତ୍ ତାର ସମ୍ପର୍ଶରେ ଆସିଥିଲା। ଫଳରେ ବିଦ୍ୟୁତ ସ୍ପାର୍କ ହୋଇ ସମ୍ପୂର୍ଣ୍ଣ ବସ୍‌ରେ ନିଆଁ ଲାଗିଯାଇଥିଲା। କିନ୍ତୁ ବିପଦ ପୂର୍ବରୁ ତୁରନ୍ତ ସବୁ ୩୦ ଯାତ୍ରୀଙ୍କୁ ବସ୍‌ରୁ ବାହାରକୁ ବାହାର କରାଯାଇଥିଲା। ନେଲମଙ୍ଗଲା ଟ୍ରାଫିକ ମାମଲା ରୁଜୁ କରିଛି ଓ ଘଟଣାର ଯାଞ୍ଚ୍ ଆରମ୍ଭ କରିଛି।

### ଏପଷ୍ଟିନ ନୂଆ ଫାଇଲରେ ଦାବି

# ଝିଅମାନଙ୍କୁ ଜବରଦସ୍ତି କରାଯାଉଥିଲା ଗର୍ଭବତୀ

■ ଯୌନ ସମ୍ପର୍କ ସମୟରେ ତଣ୍ଟି ଚିପି ମାରୁଥିଲେ
■ ଫାର୍ମ ହାଉସ୍‌ରେ ପୋତା ଯାଉଥିଲା ମୃତଦେହ
■ ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କ ଉପରେ ଇସ୍ତଫା ଚାପ
■ ରହିଛି ପୂର୍ବତନ ହାଇକମିଶନର ୱାଇକେ ସିହ୍ନାଙ୍କ ନାମ



ୱାଶିଂଟନ, ୬।୨(ଏଜେନ୍ସି): ଜେଫ୍ରି ଏପଷ୍ଟିନଙ୍କ ସହ ଜଡ଼ିତ ମାମଲାରେ ପୁଣିଥରେ ଗମ୍ଭୀର ଓ ଚକିତ କଲା ଭଳି ଅଭିଯୋଗ ସାମ୍ନାକୁ ଆସିଛି। ଆମେରିକା ନ୍ୟାୟ ବିଭାଗ ନିକଟରେ କିଛି ନୂଆ ଫାଇଲ ଜାରି କରିଛି, ଯେଉଁଥିରେ ନାବାଳିକା ଓ ମହିଳାଙ୍କ ପ୍ରତି ହୋଇଥିବା ଅତ୍ୟାଚାରର ପର୍ଦ୍ଦାଫାସ ହୋଇଛି। ଗୋଟିଏ ଫାଇଲ ଅନୁଯାୟୀ, ଯୌନ ସମ୍ପର୍କ ରଖିବା ସମୟରେ ତଣ୍ଟି ଚିପି ହତ୍ୟା ଯୋଗୁଁ ଦୁଇଜଣ ବିଦେଶୀ ମହିଳାଙ୍କ ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ସମୟରେ ଏପଷ୍ଟିନ୍‌ଙ୍କ ଜଣେ କର୍ମଚାରୀ ସେମାନଙ୍କୁ ନ୍ୟୁ ମେକ୍ସିକୋ ଫାର୍ମ ହାଉସ୍ 'ଜିରୋ ର୍ୟାଞ୍ଚ'ରେ ପୋତି ଦେଇଥିଲେ। ଏଥିରେ ଏପଷ୍ଟିନଙ୍କ ନିକଟତମ ସହଯୋଗୀ ଗିସ୍ଲେନ ମ୍ୟାକ୍ସୱେଲ ମଧ୍ୟ ସାମିଲ ଥିଲେ।

ଅନ୍ୟଏକ ଫାଇଲ ଅନୁଯାୟୀ, ଜଣେ ନାବାଳିକା ନିଜକୁ 'ହ୍ୟୁମାନ ଇନକ୍ୟୁବେଟର' ବା ମଣିଷ ତିଆରି ମେସିନ ଭଳି ବ୍ୟବହାର କରାଯାଉଥିବା ଦାବି କରିଛନ୍ତି। ଇମେଲ ଅନୁଯାୟୀ, ଜିରୋ ର୍ୟାଞ୍ଚ୍‌ରେ ଝିଅମାନଙ୍କୁ ଦୀର୍ଘ ସମୟଧରି ବନ୍ଦୀ କରି ରଖାଯାଉଥିଲା ଓ ସେମାନଙ୍କୁ ଜବରଦସ୍ତି ଗର୍ଭବତୀ କରାଯାଉଥିଲା। ସେଠାରେ ପିଲା ଜନ୍ମ କରାଯାଉଥିଲା। ଜନ୍ମ ହେବା ପରେ ସେହି ଶିଶୁମାନେ ନିଖୋଜ ହୋଇଯାଉଥିଲେ। ଜଣେ ମହିଳା ଆତ୍ମହତ୍ୟା କରିବାକୁ ମଧ୍ୟ ଚେଷ୍ଟା କରିଥିଲେ। ନୂଆ ଫାଇଲରୁ ଜଣାପଡ଼ିଛି ଯେ, ଏପଷ୍ଟିନ ସହିତ କିଛି କାରବାର ବା ନେଣଦେଣ ପାରମ୍ପରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ବଦଳରେ ବିଟ୍‌କଏନ ଭଳି କ୍ରିପ୍ଟୋକରେନ୍ସି ମାଧ୍ୟମରେ କରାଯାଉଥିଲା। ଏହି ମାମଲାର ତଦନ୍ତ ଫାଇଲରେ ନ୍ୟାୟ ବିଭାଗର ଅବହେଳା ଯୋଗୁଁ ଅନେକ ପୀଡିତାଙ୍କ ତଥ୍ୟ ଓ ଫଟୋ ଏବେ ମଧ୍ୟ ସାର୍ବଜନୀନ ହୋଇ ରହିଛି। ସାଧାରଣତଃ ଏଭଳି ଫାଇଲରେ ପୀଡିତାଙ୍କ ପରିଚୟ ଲୁଚାଇବା ପାଇଁ କଳା ଦାଗ ବ୍ଲାକ ମାର୍କ୍ସ ଦିଆଯାଇଥାଏ। କିନ୍ତୁ ଏଠାରେ ନାବାଳିକା ପୀଡିତାଙ୍କ ଫଟୋ ଓ ଫୋନ ନମ୍ବର ସାମ୍ନାକୁ ଆସିଛି। ବିଭାଗ ଏହି ଭୁଲକୁ ସ୍ୱୀକାର ମଧ୍ୟ କରିଛି। ଫାଇଲରେ ରେଡିଓ ଉପସ୍ଥାପକ ତଥା ଲେଖକ ବ୍ରାୟନ ବିଶପ୍‌ଙ୍କ ସହ ଏପଷ୍ଟିନ୍‌ଙ୍କ ଇମେଲ ଯୋଗାଯୋଗ ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି। ତେଣୁ ଏପଷ୍ଟିନ ଫାଇଲର ରହସ୍ୟ ଦିନକୁ ଦିନ ଆହୁରି ଜଟିଳ ହେବାରେ ଲାଗିଛି।

ଜଷ୍ଟିସ ଡିପାର୍ଟମେଣ୍ଟ ଦ୍ୱାରା ଜାରି କରାଯାଇଥିବା ଦଲିଲ ଅନୁଯାୟୀ, ଏପଷ୍ଟିନଙ୍କ ସହଯୋଗୀ ତଥା ବାନ୍ଧବୀ ଗିସ୍ଲେନ ମ୍ୟାକ୍ସୱେଲ ୧୯୯୪ରୁ ୧୯୯୭ ମଧ୍ୟରେ ଅନେକ ନାବାଳିକାଙ୍କୁ ଯୌନ ଶୋଷଣ ପାଇଁ ପ୍ରଲୋଭିତ କରି ପ୍ରସ୍ତୁତ କରିଥିଲେ ଓ ସେମାନଙ୍କୁ ଜାଲରେ ଫସାଇଥିଲେ। ନାବାଳିକାମାନଙ୍କୁ ପିଲ୍ମ ଦେଖାଇବା କିମ୍ବା ସପିଂ କରିବାକୁ ନେଇ ଯାଉଥିଲେ। ଏହି ଭଳି ଭାବେ ସେମାନେ ପୀଡିତାଙ୍କ ନିକଟତର ହେଉଥିଲେ। ମ୍ୟାକ୍ସୱେଲ ନାବାଳିକାଙ୍କୁ ମ୍ୟାସେଜ କରିବା ପାଇଁ ବାଧ୍ୟ କରୁଥିଲେ। ଏପଷ୍ଟିନ ଫାଇଲରେ ବିଲ୍ ଗେଟ୍ସ, ଏଲନ ମସ୍କ ଓ ବହୁ ନାମୀଦାମୀ ଲୋକଙ୍କ ନାମ ଉଲ୍ଲେଖ କରାଯାଉଛି। ସପଟେ ଏପଷ୍ଟିନ ବିବାଦକୁ ନେଇ ବ୍ରିଟେନ ପ୍ରଧାନମନ୍ତ୍ରୀ ଷ୍ଟାର୍ମରଙ୍କ ଉପରେ ଇସ୍ତଫା ଚାପ ବଢ଼ିବାରେ ଲାଗିଛି। ଫାଇଲରେ ଭାରତୀୟ ପୂର୍ବତନ ହାଇକମିଶନର ୱାଇକେ ସିହ୍ନାଙ୍କ ନାମ ମଧ୍ୟ ସାମ୍ନାକୁ ଆସିଛି। ସେ ସେହି ସମୟରେ ବ୍ରିଟେନରେ ହାଇକମିଶନର ଥିଲେ।

## ମହାନଦୀ ପ୍ରସଙ୍ଗରେ ବର୍ଷିଲା ବିଜେଡି

# ଦଳୀୟ ସ୍ୱାର୍ଥ ପାଇଁ ରାଜ୍ୟ ସ୍ୱାର୍ଥକୁ ବଳି ଦେଉଛନ୍ତି ସରକାର

ଭୁବନେଶ୍ୱର,୬।୨(ସମିସ): ମହାନଦୀ ଜଳ ବିବାଦ ସମାଧାନ ଦିଗରେ ରାଜ୍ୟ ବିଜେପି ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି। ଗତ ୧୯ ମାସରେ ଛତିଶଗଡ଼ ଅନେକ ଚେକ୍ ଡ୍ୟାମ ଓ ବାଲି ବନ୍ଧ ନିର୍ମାଣ କରିଛି। ଗୋଟିଏ ପଟେ ଓଡ଼ିଶାର ଲୋକେ ତାଙ୍କ ନିତ୍ୟ ବ୍ୟବହାର ନିମନ୍ତେ ମହାନଦୀରୁ ପାଣି ପାଇଁ ଡହଳ ବିକଳ ହେଉଥିବା ବେଳେ ଛତିଶଗଡ଼ ଅବୈଧ ଭାବେ ପାଣିକୁ ରୋକି ଶିଳ୍ପ ଅନୁଷ୍ଠାନ ଗୁଡିକୁ ବିକ୍ରି କରି ଚାଲିଛି ବୋଲି ବିଜେଡି ଅଭିଯୋଗ କରିଛି। ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବିଧାୟକ ନିରଞ୍ଜନ ପୂଜାରୀ ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀ ମିଶ୍ର କହିଛନ୍ତି ଯେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ରାଜ୍ୟ ବିଜେପି ସରକାରଙ୍କ କୌଣସି ସ୍ପଷ୍ଟ ଆଭିମୁଖ୍ୟ ନାହିଁ। ସରକାର ଦ୍ୱନ୍ଦରେ ଅଛନ୍ତି। ପ୍ରଥମେ ଆପୋସ ଆଲୋଚନା ମାଧ୍ୟମରେ ସମାଧାନର ରାସ୍ତା ବାହାର କରାଯିବ ବୋଲି କୁହାଗଲା, ପୁଣି ଟ୍ରିବ୍ୟୁନାଲକୁ ଯିବାକଥା କୁହାଗଲା; କିନ୍ତୁ ଟ୍ରିବ୍ୟୁନାଲର ଅବଧିକୁ ବୃଦ୍ଧି କରିବା ପାଇଁ ନିର୍ଦ୍ଧାରିତ ସମୟ ଭିତରେ ଚିଠି ଲେଖାଗଲା ନାହିଁ, ଯେଉଁଥି ପାଇଁ ଟ୍ରିବ୍ୟୁନାଲ ସରକାରଙ୍କୁ ଭର୍ତ୍ସନା କଲେ ବୋଲି ସେ କହିଛନ୍ତି। ଅନୁରୂପ ଭାବରେ ଶ୍ରୀ ଆଚାର୍ଯ୍ୟ କହିଛନ୍ତି, ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମହାନଦୀ ଜଳ ବିବାଦକୁ ସମାଧାନର ସୂତ୍ର ବାହାର କରିବା ପରିବର୍ତ୍ତେ ପରିସ୍ଥିତିକୁ ଅଧିକ ଗୋଳିଆ କରୁଛନ୍ତି। ସରକାର କେବଳ ବୟାନବାଜିରେ ବ୍ୟସ୍ତ ଅଛନ୍ତି। ଗତ ୧୯ ମାସରେ ଛତିଶଗଡ଼ ଏକାଧିକ ଚେକ୍ ଡ୍ୟାମ ଓ ବାଲିବନ୍ଧ ନିର୍ମାଣ କରିଛି, ଯାହା ପରିସ୍ଥିତିକୁ ଅଧିକ ଜଟିଳ କରିଛି। ନବୀନ ସରକାରଙ୍କ ସମୟରେ ଏହି ବିବାଦ ଦେଖା ଦେବା ପରେ, ପ୍ରଥମେ କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ଦୁଇ ରାଜ୍ୟ ମଧ୍ୟରେ ଆପୋସ ଆଲୋଚନା ମାଧ୍ୟମରେ ଏହି ବିବାଦର ସମାଧାନ କରିବା ପାଇଁ ଚେଷ୍ଟା କରାଯାଇଥିଲା। ଛତିଶଗଡ଼ ସରକାରଙ୍କ ଅସହଯୋଗ ଓ କେନ୍ଦ୍ର ସରକାର ନୀରବଦ୍ରଷ୍ଟା ସାଜିବା କାରଣରୁ ଏହି ବିବାଦର ସମାଧାନ ବାହାରି ପାରି ନଥିଲା। ଏହାପରେ ଓଡ଼ିଶା ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ଓ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ଟ୍ରିବ୍ୟୁନାଲର ଗଠନ ହୋଇଥିଲା। ଭାରତର ଇତିହାସରେ ଦୁଇ ରାଜ୍ୟ ମଧ୍ୟରେ ହୋଇଥିବା ଜଳ ବିବାଦ କେବେ ବି ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ହେବାର ନଜିର ନାହିଁ। ରାଜ୍ୟ ବିଜେପି ସରକାର ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ବସିଛି । ତେଣୁ ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ରାଜ୍ୟ ସରକାର ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।



**ଆପୋସ ଆଲୋଚନା ଓ ଟ୍ରିବ୍ୟୁନାଲକୁ ନେଇ ସରକାର ଦ୍ୱନ୍ଦରେ**

**ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ହେବାର ନଜିର ନାହିଁ**

**୧୯ ମାସରେ ଛତିଶଗଡ଼ ନିର୍ମାଣ କହିଛି ବହୁ ଚେକ୍‌ଡ୍ୟାମ ଓ ବାଲିବନ୍ଧ**

ନିରଞ୍ଜନ ପୂଜାରୀ କହିଚନ୍ତି ଯେ ମନ୍ତ୍ରିସ୍ତରୀୟ କମିଟିରେ ସେ ସଦସ୍ୟ ରୂପେ ମନୋନୀତ ହୋଇଥିବାରୁ, ହୋଇଥିବା ଦୁଇଟି ବୈଠକରେ ସେ ଯୋଗ ଦେଇଥିଲେ। ଦ୍ୱିତୀୟ ବୈଠକରେ ସର୍ବଦଳୀୟ ଓ ଷ୍ଟେକହୋଲଡରଙ୍କ ସହ ଜାନୁଆରୀ ୨୩ ତାରିଖରେ ବୈଠକ ହେବ ବୋଲି ସ୍ଥିର ହୋଇଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ଏହାକୁ ବାତିଲ କରି ଦିଆଯାଇଥିଲା। ଏହାଛଡା ମନ୍ତ୍ରୀ ସ୍ତରୀୟ ପ୍ରତିନିଧି ମଣ୍ଡଳୀ ଜାନୁଆରୀ ୩୧ ତାରିଖରେ ଛତିଶଗଡ଼ ଯାଇ ସେଠାରେ ସେମାନଙ୍କ ଏକ ମନ୍ତ୍ରୀ ସ୍ତରୀୟ ପ୍ରତିନିଧି ମଣ୍ଡଳୀଙ୍କ ସହିତ ବୈଠକ ହେବା ପାଇଁ ସ୍ଥିର ହୋଇଥିଲା, ଯାହାକୁ ମଧ୍ୟ ବାତିଲ କରି ଦିଆଯାଇଛି। ବର୍ତ୍ତମାନ ଓଡିଶା, ଛତିଶଗଡ଼ ଓ କେନ୍ଦ୍ରରେ ଟ୍ରିପଲ ଇଞ୍ଜିନ ସରକାର ଥିବାରୁ, ଏହାର ସମାଧାନ ସମ୍ଭବ ହୋଇପାରିବ ବୋଲି ଯେଉଁ ଆଶା ଦେଖା ଯାଉଥିଲା, କିନ୍ତୁ ସେ ଦିଗରେ ସେପରି କିଛି ଅଗ୍ରଗତି ହୋଇନାହିଁ ବୋଲି ସେ କହିଛନ୍ତି।

## ଏସ୍ଆଇ ପରୀକ୍ଷା କେଳେଙ୍କାରୀ

# ସୀତାରାମଙ୍କୁ ଉଠାଇ ନେଲା ସିବିଆଇ

ବ୍ରହ୍ମପୁର/କୁକୁଡ଼ାଖଣ୍ଡି,୬।୨(ସମିସ): ଏସ୍ଆଇ ପରୀକ୍ଷା କେଲେଙ୍କାରୀ ମାମଲାରେ ସମ୍ପୃକ୍ତ ଥିବା ବ୍ରହ୍ମପୁରର ଜଣେ ଦଲାଲକୁ ଆଜି ସିବିଆଇ ଉଠାଇ ନେଇଛି। ଦଲାଲ ଜଣକ ହେଲେ କୁକୁଡ଼ାଖଣ୍ଡି ଶାନ୍ତି ନଗର ଇପିଲି. ସୀତାରାମ (୪୫)। ସୀତାରାମ ପୁଲିସ ଏସଆଇ କେଲେଙ୍କାରୀ ମାମଲାରେ ସମ୍ପୃକ୍ତ ଥିବା ସିବିଆଇ ତଦନ୍ତରେ ଜଣାପଡ଼ିଥିଲା। ସୀତାରାମଙ୍କୁ ବାରମ୍ବାର ଡାକରା ସତ୍ତ୍ୱେ ସେ ନ ଆସିବାରୁ ସିବିଆଇ ଟିମ୍ ବ୍ରହ୍ମପୁର ପୁଲିସର ସହାୟତା ଲୋଡିଥିଲା। ସଦର ଥାନା ପୁଲିସ ସହାୟତାରେ ସିବିଆଇ ଆଜି ଦଲାଲ ସୀତାରାମକୁ ଉଠାଇ ନେଇ ଜେରା କରୁଥିବା ଜଣାପଡ଼ିଛି। ମାମଲାର ମାଷ୍ଟର ମାଇଣ୍ଡ ତଥା ପଞ୍ଚସଫ୍ଟ ଟେକନଲୋଜି ପ୍ରାଇଭେଟ ଲିମିଟେଡ ମାଲିକ ଗଞ୍ଜାମ ଜିଲ୍ଲା ବ୍ରାହ୍ମଣଛାଇ ଗ୍ରାମର ଶଙ୍କର ପୃଷ୍ଟି ସମେତ ସିଲିକନ କମ୍ପାନୀର ମାଲିକ ସୁରେଶଚନ୍ଦ୍ର ନାୟକ, ମୁଖ୍ୟ ଦଲାଲ ଅରବିନ୍ଦ ଦାସ ଓ ମୁନା ମହାନ୍ତି, ବିଶ୍ୱରଞ୍ଜନ ବେହେରା, ଶ୍ରୀକାନ୍ତ ମହାରଣା, ଏ. ଅଭିମନ୍ୟୁ ଦୋରା, ପ୍ରିୟଦର୍ଶନୀ ସାମଲ, ସାଗର କୁମାର ଗୌଡ, ଲୋକନାଥ ସାହୁ, ବିଶ୍ୱଜିତ ହରିଚନ୍ଦନ ଓ ତଫିମ ଅହମଦ ଖାନଙ୍କ ସମେତ ୧୨ରୁ ଉର୍ଦ୍ଧ୍ୱ ଅଭିଯୁକ୍ତକୁ ସିବିଆଇ ଜେରା କରି ବହୁ ତଥ୍ୟ ହାସଲ କରିବା ପରେ ପର୍ଯ୍ୟାୟକ୍ରମେ ଜଣଙ୍କ ପରେ ଜଣଙ୍କୁ ଗିରଫ କରୁଥିବା ଜଣାପଡିଛି। ଏହି ମାମଲାରେ ୧୧୨ରୁ ଉର୍ଦ୍ଧ୍ୱ ଆଶାୟୀଙ୍କୁ ପୁଲିସ ଗିରଫ କରିଥିଲା। ଆଶାୟୀଙ୍କୁ ବି ସିବିଆଇ ଜେରା କରି ବହୁ ତଥ୍ୟ ହାସଲ କରିଥିଲା।



# ଅଗ୍ନି ୩ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ବାଲେଶ୍ୱର,୬।୨(ସମିସ): ଭାରତୀୟ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡ଼ିଆରଡ଼ିଓ) ସ୍ଥାନୀୟ ଅବଦୁଲ କଲାମ ଦ୍ୱୀପରୁ ସଫଳତାର ସହିତ ପରୀକ୍ଷଣ କରିଛି ଅଗ୍ନି-୩ କ୍ଷେପଣାସ୍ତ୍ର। ଏହି ବାଲାଷ୍ଟିକ କ୍ଷେପଣାସ୍ତ୍ର ୧.୫ ଟନ୍ ପରମାଣୁ ଯୁଦ୍ଧାସ୍ତ୍ର ବହନ କରି ୩୫୦୦ କିଲୋମିଟର ଦୂରବର୍ତ୍ତୀ ଲକ୍ଷ୍ୟସ୍ଥଳକୁ ଭେଦ କରିବାକୁ ସମର୍ଥ ବୋଲି କୁହାଯାଉଛି। ଅଗ୍ନି-୩ କ୍ଷେପଣାସ୍ତ୍ର ୧୭ ମିଟର ଲମ୍ବା ଓ ଏହାର ବ୍ୟାସ ୨ ମିଟର। କ୍ଷେପଣାସ୍ତ୍ରର ଓଜନ ପ୍ରାୟ ୫୦ ଟନ୍ । ପ୍ରଥମଥର ଏହାକୁ ୨୦୨୯ରେ ପରୀକ୍ଷଣ କରାଯାଇଥିଲା ଓ ଏବେ ଏହାର ପୁନଃ ପରୀକ୍ଷଣ କରାଯାଇଛି ।

**ଆକ୍ରମଣ ସୀମା ୩୫୦୦ କିଲୋମିଟର**

**ଦେଢ଼ ଟନ୍ ପରମାଣୁ ବୋମା ବହନ କ୍ଷମତା**

# ଦିନରେ ବଢୁଛି ତାତି

ଭୁବନେଶ୍ୱର,୬।୨(ସମିସ): ନିର୍ମଳ ଆକାଶ ଯୋଗୁଁ ରାଜ୍ୟରେ ଦିନର ତାପମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି। ଶୁକ୍ରବାର ଝାରସୁଗଡ଼ାରେ ତାପମାତ୍ରା ୩୪.୪ ଡିଗ୍ରୀ ଛୁଇଁଥିବା ବେଳେ ଏଠାରେ ପାରଦ ସ୍ୱାଭାବିକ ତୁଳନାରେ ୪.୩ ଡିଗ୍ରୀ ଅଧିକ ରହିଛି। ସେହିପରି ପାରଳଖେମୁଣ୍ଡିରେ ତାପମାତ୍ରା ୩୩.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଭୁବନେଶ୍ୱରରେ ପାରଦ ୩୨.୨ ଡିଗ୍ରୀ ରେକର୍ଡ ହୋଇଛି। ଏକପକ୍ଷରେ ଦିନର ତାପମାତ୍ରା ବୃଦ୍ଧି ହେଉଥିବା ବେଳେ ଶୁକ୍ରବାରଠାରୁ ରାତିର ତାପମାତ୍ରାରେ ହ୍ରାସ ଘଟିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଫଳରେ କିଛିଦିନ ବ୍ୟବଧାନରେ ରାତିରେ ଥଣ୍ଡା ବଢ଼ି ପାରେ ବୋଲି କୁହାଯାଉଛି। ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇବ। ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବା ସହ ଏହା ପରେ ତାପମାତ୍ରାରେ ବୃଦ୍ଧି ଘଟିବ। ଏହାସହିତ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଯାଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି।

# ସହରାଞ୍ଚଳରେ ଖାଲି ସରକାରୀ ଘରକୁ ଭଡ଼ା ଦେବେ ସରକାର

ଭୁବନେଶ୍ୱର, ୬।୨(ସମିସ): ସହରାଞ୍ଚଳରେ ଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଲି ଏବଂ ଅବ୍ୟବହୃତ ଘରଗୁଡ଼ିକୁ ଚିହ୍ନଟ କରି ତାକୁ ଭଡ଼ା ଦେବା ପାଇଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ପ୍ରକ୍ରିୟା । ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ଚିଠି ଲେଖି ସେମାନଙ୍କ ବିଭାଗ ଅଧୀନରେ ଖାଲି ଓ ଅବ୍ୟବହୃତ ସରକାରୀ ଗୃହ ଚିହ୍ନଟ କରି ରିପୋର୍ଟ ଦେବାକୁ ପରାମର୍ଶ ଦେଇଛନ୍ତି। ଚିହ୍ନଟ ହୋଇଥିବା ସମ୍ପତ୍ତି ସମ୍ପର୍କିତ ତଥ୍ୟଗୁଡ଼ିକୁ ଓଡ଼ିଶା ଅର୍ବାନ ହାଉସିଂ ମିଶନରେ ପହଞ୍ଚିବା ପରେ ତାହାକୁ ପୁନର୍ନିର୍ମାଣ ଓ ମରାମତି କରି ପର୍ଯ୍ୟାୟକ୍ରମେ ଭଡ଼ା ଦିଆଯିବ ବୋଲି ସେ କହିଛନ୍ତି। ଯେଉଁମାନେ ତୁରନ୍ତ ଘର କିଣିବା ଅବସ୍ଥାରେ ନାହାଁନ୍ତି, ସେମାନଙ୍କ ପାଇଁ ଭଡ଼ା ମାଧ୍ୟମରେ ସରକାର ସୁଲଭ ଗୃହ ଯୋଗାଇଦେବେ। ସୁଲଭ ଭଡ଼ା ଘର କାର୍ଯ୍ୟକ୍ରମ ଦୁଇଟି ମଡେଲ୍ ମାଧ୍ୟମରେ କାର୍ଯ୍ୟକାରୀ ହେବ। ପ୍ରଥମ ମଡେଲ୍ ଅନୁଯାୟୀ ସରକାରୀ ଅନୁଦାନରେ ନିର୍ମିତ ଖାଲି ଗୃହଗୁଡ଼ିକୁ ପିପିପି ମୋଡ୍ କିମ୍ବା ସରକାରୀ ସଂସ୍ଥା ମାଧ୍ୟମରେ ଭଡ଼ା ଘରେ ପରିଣତ କରାଯିବ। ଦ୍ୱିତୀୟ ମଡେଲ୍ ଅନୁଯାୟୀ ଘରୋଇ କିମ୍ବା ସରକାରୀ ସଂସ୍ଥାଗୁଡ଼ିକ ଆର୍ଥିକ ଅନଗ୍ରସର ଓ ନିମ୍ନ ଆୟକାରୀ ପରିବାରମାନଙ୍କ ପାଇଁ ଭଡ଼ା ଘର ନିର୍ମାଣ ଓ ପରିଚାଳନା କରିବେ। ଗୃହଗୁଡ଼ିକର ଭଡ଼ା ନିର୍ଦ୍ଧାରଣ ସ୍ଥାନୀୟ କର୍ତ୍ତୃପକ୍ଷ ଦ୍ୱାରା ପ୍ରାରମ୍ଭିକ ଭାବରେ କରାଯିବ। ପରବର୍ତ୍ତୀ ସମୟରେ ପ୍ରତି ଦୁଇ ବର୍ଷରେ ୮% ପର୍ଯ୍ୟନ୍ତ ଭଡ଼ା ବୃଦ୍ଧି କରାଯାଇପାରିବ, ଯାହା ୫ ବର୍ଷ ମଧ୍ୟରେ ସର୍ବାଧିକ ୨୦% ରୁ ଅଧିକ ହେବ ନାହିଁ।

# ଲୁଣାନଦୀରୁ ନିଖୋଜ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

ଡେରାବିଶ, ୬।୨(ସମିସ): ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦୈନିକ ବିଭିନ୍ନ ଥାନା ଅଞ୍ଚଳରେ ନାରୀ ନିର୍ଯାତନା, ହତ୍ୟା, ଦୁଷ୍କର୍ମ ଓ ଚୋରି ଘଟଣା ବଢ଼ି ବଢ଼ି ଚାଲିଛି। ଧିରେ ଧିରେ ଥାନାରେ ମାମଲା ସଂଖ୍ୟା ବଢ଼ି ଚାଲିଥିବା ଦେଖିବାକୁ ମିଳିଛି।

**ଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ**

ଏପରିକି କେନ୍ଦ୍ରାପଡ଼ା ଅଞ୍ଚଳରେ ନାରୀ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଜି ଏଭଳି ଏକ ଘଟଣା ମାର୍ଶାଘାଇ ଅଞ୍ଚଳରେ ଦେଖିବାକୁ ମିଳିଛି। ଜଣେ ଯୁବତୀଙ୍କ ମୃତଦେହକୁ ସନ୍ଦେହଜନକ ଅବସ୍ଥାରେ ମାର୍ଶାଘାଇ ନିକଟସ୍ଥ ଲୁଣାନଦୀରୁ ଭାସୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି।

ସୂଚନା ମୁତାବକ, ଡେରାବିଶ ଥାନା ପଲେଇ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିକେଶ୍ୱରପୁର ଗ୍ରାମର ହରପ୍ରସାଦ ସାମଲଙ୍କ ଝିଅ ସ୍ୱାତୀ ସ୍ୱରୁପା (୨୧) ଗୁରୁବାର ସକାଳୁ ଘରୁ କେନ୍ଦ୍ରାପଡ଼ାସ୍ଥ ଏକ ଘରୋଇ କୋଚିଂ ସେଣ୍ଟରକୁ କୋଚିଂ ନେବାକୁ ଯାଇ ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକ ବିଭିନ୍ନ ଆଡ଼େ ଖୋଜାଖୋଜି ପରେ ଆଜି ସକାଳୁ ଡେରାବିଶ ଥାନାରେ ଝିଅର ନିଖୋଜ ନେଇ ଏକ ଅଭିଯୋଗ କରିଥିଲେ। ସ୍ୱାତୀ ଚାକିରି ନିମନ୍ତେ କେନ୍ଦ୍ରାପଡ଼ାର ଜିନିୟସ୍ କୋଚିଂ ସେଣ୍ଟରକୁ ସବୁଦିନ ପରି ମୁଖ୍ୟମନ୍ତ୍ରୀ ବସ୍ ଯୋଗେ ଘରୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଫୋନ୍ କରିଥିଲେ ମଧ୍ୟ ତାଙ୍କ ଫୋନ୍ ସୁଇଚଅଫ୍ ଥିବାରୁ ଯୋଗାଯୋଗ ହୋଇପାରିନଥିଲା। ବାଧ୍ୟ ହୋଇ ପରିବାର ଲୋକ ଡେରାବିଶ ଥାନାରେ ଆଜି ସକାଳୁ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଡେରାବିଶ ପୁଲିସ ୯/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଆଜି ଅପରାହ୍ନରେ ମାର୍ଶାଘାଇ ପୁଲିସ ପକ୍ଷରୁ ପରିବାରବର୍ଗଙ୍କୁ ସ୍ୱାତୀ ଲୁଣାନଦୀରେ ମୃତ ଅବସ୍ଥାରେ ଭାସୁଥିବା ଖବର ଦେଇଥିଲେ। ପରିବାର ଲୋକ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ପରେ ମାର୍ଶାଘାଇ ପୁଲିସ୍ ମୃତଦେହକୁ ଜବତ କରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ତେବେ ପରିବାର ଲୋକ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ପରିବାର ଲୋକଙ୍କ କହିବା ଅନୁଯାୟୀ ତାଙ୍କ ଝିଅ ଜଣେ ମେଧାବୀ ଛାତ୍ରୀ ଥିବାବେଳେ କୋଚିଂ ସେଣ୍ଟରକୁ ଯାଇଥିବା ଝିଅର ଶବ କିପରି ମାର୍ଶାଘାଇରୁ ମିଳିଲା ? ତାଙ୍କ ଝିଅକୁ କେହି ମାରି ସେଠାରେ ନେଇ ଫୋପାଡ଼ି ଦେଇଥିବା କହିଛନ୍ତି। ବରିଷ୍ଠ ଆଇନଜୀବୀ ବିଧୁଭୂଷଣ ମାପାତ୍ର ତୁରନ୍ତ ଏହି ଘଟଣାରେ ସାଇଂଟିଫିକ୍ ଟିମ୍ ଦ୍ୱାରା ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।



# ଶିକାରୀ ବନ୍ଧୁକରୁ ଗୁଳି ଫୁଟି ଯୁବକ ଗୁରୁତର

ଠାକୁରମୁଣ୍ଡା,୬।୨(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଦିରିବ ଗ୍ରାମ ଓ ଦାନୁଆ ବାଲିପୋଷି ଗ୍ରାମ ମଧ୍ୟରେ ଥିବା ଏକ ପୋଲ ନିକଟରୁ ଶୁକ୍ରବାର ସକାଳେ ମୁମୂର୍ଷ ଅବସ୍ଥାରେ ପଡ଼ିରହିଥିବା ଜଣେ ଯୁବକ ଉଦ୍ଧାର ହୋଇଛନ୍ତି। ଉଦ୍ଧାର ହୋଇଥିବା ଯୁବକ ଜଣକ ଦାନୁଆଁ ବାଲିପୋଷି ଗ୍ରାମର ସନ୍ତୋଷ ମହାନ୍ତ(୪୦) ବୋଲି ଜଣାପଡ଼ିଛି। ତାଙ୍କୁ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଥିବାବେଳେ ତାଙ୍କ ଡାହାଣ ଆଖିରେ ଗୁଳି ବାଜିଥିବା ଜଣାପଡ଼ିଛି। ସେଠାରେ ତାଙ୍କର ଚିକିତ୍ସା ପରେ ମୁମୂର୍ଷ ଅବସ୍ଥାରେ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳକୁ ଯାଇ ଠାକୁରମୁଣ୍ଡା ଥାନା ପୁଲିସ ତଦନ୍ତ କରୁଛି। ମିଳିଥିବା ପ୍ରାଥମିକ ସୂଚନାରୁ ଜଣାପଡିଛି ଯେ ଦିରିବ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଏକ ଇଟାଭାଟିକୁ ଗୁରବାର ରାତିରେ ନିଆଁ ଲଗାଇବାକୁ କେତେଜଣ ଯାଇଥିଲେ। ସେଠାକୁ ମଧ୍ୟ ଦାନୁଆ ବାଲିପୋଷି ଗ୍ରାମର ସନ୍ତୋଷ ଯାଇଥିଲେ। ଶୁକ୍ରବାର ସକାଳେ ତାଙ୍କୁ ଗୁରୁତର ଅବସ୍ଥାରେ ରାସ୍ତା କଡରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ରାତିରେ ଜନ୍ତୁ ଶିକାର ଉଦ୍ଦେଶ୍ୟରେ ବ୍ୟବହୃତ ବନ୍ଧୁକରୁ ଗୁଳି ଫୁଟି ତାଙ୍କ ଆଖିରେ ବାଜିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୁଲିସ ବ୍ୟବହୃତ ବନ୍ଧୁକକୁ ଉଦ୍ଧାର କରିଥିବାବେଳେ ସନ୍ତୋଷ ସହିତ ରାତିରେ ଥିବା ଅନ୍ୟ ବ୍ୟକ୍ତିଙ୍କୁ ଆଣି ଥାନାରେ ପଚରାଉଚରା କରୁଛି। ଏ ନେଇ ସନ୍ତୋଷଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଚାନ୍ଦବାଲି ନିର୍ବାଚନୀ ମାମଲାକୁ ଖାରଜ କରିବାକୁ ମନାକଲେ ହାଇକୋର୍ଟ

କଟକ,୬।୨(ସମିସ): ଚାନ୍ଦବାଲି ବିଧାନସଭା ନିର୍ବାଚନୀ ମାମଲାକୁ ଖାରଜ କରିବାକୁ ହାଇକୋର୍ଟ ମନା କରିଦେଇଛନ୍ତି। ମୂଳ ନିର୍ବାଚନୀ ମାମଲାର ପ୍ରତିପକ୍ଷ ତଥା ବିଧାୟକ ବ୍ୟୋମକେଶ ରାୟଙ୍କ ପକ୍ଷରୁ ରୁଜୁ ଅନ୍ତରୀଣ ଆବେଦନର ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଫଳରେ ଶ୍ରୀ ରାୟଙ୍କ ବିରୋଧରେ କିଶୋର କୁମାର ନାୟକ ଦାୟର କରିଥିବା ମୂଳ ନିର୍ବଚନୀ ମକଦ୍ଦମାର ଶୁଣାଣି ଚାଲିବ। ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ରାୟ ପ୍ରଦାନ କରିଛନ୍ତି। ନିର୍ବାଚନୀ ମାମାର ପରବର୍ତ୍ତୀ ଶୁଣାଣି ଫେବ୍ରୁଆରୀ ୨୩କୁ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ ତ୍ରୁଟିପୂର୍ଣ୍ଣ ସତ୍ୟପାଠ ଦାଖଲ ଅଭିଯୋଗ କରି ଚାନ୍ଦବାଲି ବିଧାୟକ ଶ୍ରୀ ରାୟଙ୍କ ବିରୋଧରେ କିଶୋର କୁମାର ନାୟକ ହାଇକୋର୍ଟରେ ଏହି ନିର୍ବାଚନୀ ମାମଲା ଦାୟର କରିଥିଲେ। ପରବର୍ତ୍ତୀ ସମୟରେ ଏହି ନିର୍ବାଚନୀ ମକଦ୍ଦମାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଖାରଜ କରିବାକୁ ନିବେଦନ କରି ପ୍ରତିପକ୍ଷ ଶ୍ରୀ ରାୟ ଏକ ଅନ୍ତରୀଣ ଆବେଦନ ଦାୟର କରିଥିଲେ। ଶ୍ରୀ ନାୟକଙ୍କ ତରଫରୁ ଆଇନଜୀବୀ ଏନ.କେ. ସାହୁ ଓ ପ୍ରତିପକ୍ଷ ଶ୍ରୀ ରାୟଙ୍କ ପକ୍ଷରୁ ଆଇନଜୀବୀ ଉପେନ୍ଦ୍ର କୁମାର ସାମଲ, ପ୍ରଦୀପ କୁମାର ମହାପାତ୍ର ମାମଲା ପରିଚାଳନା କରୁଥିଲେ।

# ଅନୁକମ୍ପା ନିଯୁକ୍ତିରୁ ବଞ୍ଚିତ ହେବେନି ବିବାହିତ ଝିଅ: ହାଇକୋର୍ଟ

## ନିଯୁକ୍ତି ନଦେଲେ ଦରମାରୁ ଦୈନିକ ୫୦୦ ଟଙ୍କା ଗଣିବେ ଦୋଷୀ ଅଧିକାରୀ

କଟକ,୬।୨(ସମିସ): ବିବାହ ଜଣେ ଝିଅର ପରିଚୟ ବଦଳାଇ ଦିଏନାହିଁ। ବିବାହ ଦ୍ୱାରା ପିତାମାତାଙ୍କ ସହ ଝିଅର ଥିବା ସମ୍ପର୍କ ଛିନ୍ନ ହୁଏ ନାହିଁ। ସରକାରୀ ଚାକିରିରେ ଥାଇ ପିତାମାତାଙ୍କ ମୃତ୍ୟୁ ପରେ ଯଦି ଜଣେ ବିବାହିତ ପୁଅ ଅନୁକମ୍ପା ନିଯୁକ୍ତି ପାଇବାକୁ ଯୋଗ୍ୟ, ତେବେ ଜଣେ ବିବାହିତ ଝିଅକୁ ଏଥିରୁ ବଞ୍ଚିତ କରିବା ସମ୍ବିଧାନର ସମାନତା ଅଧିକାରର ଉଲ୍ଲଙ୍ଘନ ଅଟେ ବୋଲି ଅନୁକମ୍ପାମୂଳକ ନିଯୁକ୍ତି ପ୍ରସଂଗରେ ରୁଜୁ ଏକ ଆବେଦନର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଜଣେ ମହିଳା ମଣି ମାଛଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତକୃଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ରାୟ ପ୍ରଦାନ କରିଛନ୍ତି।

ଏଥିସହ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲ ଦେଇଥିବା ଗତ ୨୦୧୧ ନଭେମ୍ବର ୮ର ଆଦେଶକୁ ରଦ୍ଦ କରିଛନ୍ତି। ଆସନ୍ତା ୮ ସପ୍ତାହ ମଧ୍ୟରେ ଆବେଦନକାରୀଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଏହି ସମୟ ମଧ୍ୟରେ ନିଯୁକ୍ତି ଦିଆ ନଯାଏ, ତେବେ ପ୍ରତିଦିନ ପିଛା ୫୦୦ ଟଙ୍କା ଜରିମାନା ଆବେଦନକାରୀଙ୍କୁ ପ୍ରଦାନ କରାଯିବ, ଯାହା ଦୋଷୀ ଅଧିକାରୀଙ୍କ ଦରମାରୁ କଟାଯିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ପ୍ରାୟ ୨୫ ବର୍ଷ ଧରି ଜଣେ ମୃତ କର୍ମଚାରୀଙ୍କ ପରିବାରକୁ ନ୍ୟାୟ ପାଇଁ ଅପେକ୍ଷା କରିବାକୁ ପଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଏନେଇ କର୍ତ୍ତୃପକ୍ଷଙ୍କ ମନୋଭାବକୁ କୋର୍ଟ 'ମତିହୀନତା' ବୋଲି ଅଭିହିତ କରିଛନ୍ତି।



ମାମଲାରୁ ପ୍ରକାଶ ଯେ ମଣିଙ୍କ ବାପା ହରି ୩୦ ବର୍ଷର ନିଷ୍କଳଙ୍କ ସେବା ପରେ ୧୯୯୯ରେ ମୃତ୍ୟୁବରଣ କରିଥିଲେ। ତାଙ୍କ ପରେ ତାଙ୍କର ଏକମାତ୍ର ଝିଅ ମଣି ମାଛ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ୨୦୦୦ରେ ଆବେଦନ କରିଥିଲେ। ଆବେଦନ ବିଚାରାଧୀନ ଥିବା ସମୟରେ, ଅର୍ଥାତ୍ ୨୦୦୬ରେ ସେ ବିବାହ କରିଥିବା ଦର୍ଶାଇ କର୍ତ୍ତୃପକ୍ଷ ତାଙ୍କ ନିଯୁକ୍ତି ଦାବିକୁ ୨୦୧୧ରେ ଖାରଜ କରିଦେଇଥିଲେ। ଏହା ବିରୋଧରେ ଆବେଦନକାରୀ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ଆବେଦନ ବିଚାରାଧୀନ ଥିବା ସମୟରେ ଆବେଦନକାରିଣୀ ବିବାହ କରିଥିବା ଦର୍ଶାଇ କର୍ତ୍ତୃପକ୍ଷ ତାଙ୍କ ଦାବିକୁ ନାକଚ କରିଥିଲେ, ଯାହାକୁ ଟ୍ରିବ୍ୟୁନାଲ୍ କାଏମ ରଖିଥିଲେ। ଏହାକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଶିମିଳିପାଳ ପାଦଦେଶରେ ପଞ୍ଚତାରକା ହୋଟେଲ ନିର୍ମାଣ ପ୍ରସଙ୍ଗ

# ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ଏନ୍‌ଜିଟିର ନିର୍ଦ୍ଦେଶ

ବାରିପଦା,୬।୨(ସମିସ): ଶିମିଳିପାଳ ପାଦଦେଶ ଶାମାଖୁଣ୍ଟା ବ୍ଲକ୍‌ର ଲକ୍ଷ୍ମୀପୋଷି ଅଞ୍ଚଳରେ ଏକ ପଞ୍ଚତାରକା ହୋଟେଲ ନିର୍ମାଣ ପାଇଁ ଇଡ୍‌କୋ ପକ୍ଷରୁ ୧୦୦ ଏକର ଜମି ପ୍ରଦାନ ହେବାକୁ ପ୍ରୟାସ ଜାରି ରହିଥିଲା। ଯାହାକୁ ନେଇ ଇଷ୍ଟର୍ଣ୍ଣ ବେଞ୍ଚ କୋଲକାତା ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି) ପକ୍ଷରୁ ଆବେଦନ ମାମଲାକୁ କୋର୍ଟ ଗ୍ରହଣ ପୂର୍ବକ ଶୁଣାଣି ହୋଇଛି। ଜୁଡିସିଆଲ ମେମ୍ବର ଜଜ୍ ଅରୁଣ ତ୍ୟାଗି ଓ ଏକ୍ସପୋର୍ଟ ମେମ୍ବର ଜଜ୍ ଡ. ଆଫ୍ରୋଜ ଅହମଦଙ୍କ ସମ୍ବଳିତ ବେଞ୍ଚରେ ଉଭୟ ପକ୍ଷରୁ ମାମଲାର ଶୁଣାଣି କରି ରାଜ୍ୟ ସରକାର ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନୋଟିସ ଜାରି କରି ଉତ୍ତର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ମାର୍ଚ୍ଚ ୩୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଅଭିଯୋଗକାରୀ ପକ୍ଷରୁ ଆଇନଜୀବୀ ଆକାଶ ଶର୍ମା ପ୍ରକାଶ କରିଛନ୍ତି।

ସୂଚନା ମୁତାବକ, ଶିମିଳିପାଳ ଜାତୀୟ ଉଦ୍ୟାନର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସଂଲଗ୍ନ ଅଞ୍ଚଳରେ ନିର୍ମାଣକୁ ନେଇ ପରିବେଶ ସୁରକ୍ଷା ଓ ପ୍ରତିରୋଧାତ୍ମକ ଆଇନଗତ ହସ୍ତକ୍ଷେପ ସମ୍ପର୍କରେ କୋର୍ଟ ମାମଲାକୁ ଗମ୍ଭୀର ଭାବେ ଗ୍ରହଣ କରିଛନ୍ତି। ଅଭୟାରଣ୍ୟ ପାଦଦେଶରେ ଥିବା ଇକୋ ସେନସିଟିଭ ଜୋନରେ ପଞ୍ଚତାରକା ହୋଟେଲ ସୋନାର ବାଙ୍ଗଲା ଓ ରିସର୍ଟ ନିର୍ମାଣକୁ ନେଇ ଜମି ଚିହ୍ନଟ ଓ ପ୍ରଦାନ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନଫ୍ରାକଷ୍ଟ୍ରକଚର ଡେଭେଲପମେଣ୍ଟ କର୍ପୋରେସନ(ଇଡକୋ) ପକ୍ଷରୁ ଶାମାଖୁଣ୍ଟା ତହସିଲ ଲକ୍ଷ୍ମୀପୋଷି ଅଞ୍ଚଳର ଖାତା ନଂ ୧୨୩, ପ୍ଲଟ ନଂ ୧୩୮ରୁ ୯୩.୨୮୦ଏକର ଜଙ୍ଗଲ ଜମି ପ୍ରଦାନ ପାଇଁ ଉଦ୍ୟମ ହୋଇଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ତଥା ଅଭୟାରଣ୍ୟର ଇକୋ ସେନସିଟିଭ ଜୋନକୁ କ୍ଷତି ପହଞ୍ଚାଇବାକୁ ଥିବାରୁ ବିଭିନ୍ନ ମହଲରୁ ପ୍ରତିବାଦର ସ୍ୱର ଉଠିଥିଲା। ଏ ନେଇ ଭଞ୍ଜସେନାର ବାରପଦା ସହର ସଭାପତି ରାକେଶ କୁମାର ମହାନ୍ତିଙ୍କ ଅଭିଯୋଗକୁ ନେଇ ଏନଜିଟିରେ ଏକ ମାମଲା କେସ ନଂ ୧୨୭/୨୦୨୫/ ଇଜେଡ୍‌ରେ ରୁଜୁ ହୋଇଥିଲା । ଏପରିକି ଆବେଦନକାରୀଙ୍କ ପକ୍ଷରୁ ଜଙ୍ଗଲଜ ମିର ପ୍ରତିରୋଧାତ୍ମକ ହସ୍ତକ୍ଷେପ ଆବଶ୍ୟକ ବୋଲି କୋର୍ଟଙ୍କ ନିକଟରେ ଅଭିଯୋଗ କରିଥିଲେ। ଯାହାକୁ ନେଇ ଆଇନଜୀବୀ ଶର୍ମା ଉକ୍ତ ଜମିଟି ଇକୋ ସେନସିଟିଭ ଜୋନ ଅଧୀନରେ ଆସୁଥିବାବେଳେ ଏହା ଶିମିଳିପାଳ ଅଭୟାରଣ୍ୟ ଓ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ମଧ୍ୟରେ ଥିବା ଘନ ଶାଳ ଜଙ୍ଗଲ ରହୁଥିବା ଦର୍ଶାଇଥିଲେ। ପାହାଡ, ପର୍ବତ ଘେରା ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ଦ୍ୱାରା ବନ୍ୟଜନ୍ତୁ ପ୍ରଭାବିତ ହେବେ ବୋଲି ଯୁକ୍ତି ବାଢିଥିଲେ। ଏପରିକି ସରକାରୀ ଦସ୍ତାବିଜ୍ ଓ ବନ ବିଭାଗର ରିପୋର୍ଟକୁ ଦର୍ଶାଇ ପରିବେଶ ସମ୍ବେଦନଶୀଳତାକୁ ସ୍ପଷ୍ଟ କରୁଥିବା ନେଇ ତଥ୍ୟ ଉପସ୍ଥାପନ କରିଥିଲେ। ସରକାରୀ ଏପରିକି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଇକୋ ସେନସିଟିଭ ଜୋନରେ କଂକ୍ରିଟ ନିର୍ମାଣ କରାଗଲେ ପରିବେଶକୁ କ୍ଷତି ପହଞ୍ଚାଇବା ସହ ବନ୍ୟଜନ୍ତୁଙ୍କ ଉପରେ ଏହାର ଘୋର ପ୍ରଭାବ ପଡିବା ସୁନିଶ୍ଚିତ ବୋଲି ଯୁକ୍ତିରେ ଦର୍ଶାଇଥିଲେ । ଜଙ୍ଗଲ ଜମିରେ ହୋଟେଲ ପ୍ରକଳ୍ପ ନିର୍ମାଣ ପାଇଁ ଜମି ହସ୍ତାନ୍ତର ପ୍ରକ୍ରିୟାକୁ ବିରୋଧ କରିଥିଲେ। ଉଭୟ ପକ୍ଷର ଯୁକ୍ତିକୁ ଶୁଣିବା ପରେ ପ୍ରତିବାଦୀମାନଙ୍କୁ ନୋଟିସ ଜାରି କରିଛନ୍ତି। ତେବେ ଶିମିଳିପାଳ ପରିସର ଏବଂ ଇକୋ ସେନସିଟିଭ ଜୋନର ସୁରକ୍ଷାକୁ ନେଇ ଜଡିତ ମାମଲାକୁ ସ୍ଥାନୀୟ ମହଲରେ ନଜର ରଖାଯାଇଛି।



● ଜନଗଣନା ପ୍ରସ୍ତୁତି ନେଇ ପ୍ରଶିକ୍ଷଣ ଶିବିର

# ସଠିକ ଓ ନିର୍ଭୁଲ ତଥ୍ୟ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱାରୋପ




କେନ୍ଦୁଝର,୬।୨(ସମିସ): ଜନଗଣନା-୨୦୨୭କୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ସମସ୍ତ କର୍ମଚାରୀଙ୍କୁ ସହକାରୀ ନିର୍ଦ୍ଦେଶକ, ଜନଗଣନା ପରିଚାଳନା ନିର୍ଦ୍ଦେଶାଳୟ ଉମାଶଙ୍କର ସାହୁ, ପରିସଂଖ୍ୟାନ ଅନୁସନ୍ଧାନକାରୀ ବସନ୍ତ ସେନାପତିଙ୍କ ଅଧ୍ୟକ୍ଷତାରେ 'ଗୃହ ତାଲିକାକରଣ ଓ ଗୃହ ଗଣନା'ର ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରାଯାଇଥିଲା। ଜନଗଣନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆସନ୍ତା ୧୬ ଏପ୍ରିଲ ୨୦୨୬ରୁ ଆରମ୍ଭ ହୋଇ ୧୫ ମଇ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହା ଦେଶର ପ୍ରଥମ ଡିଜିଟାଲ ଜନଗଣନା ହୋଇଥିବାରୁ ସାଧାରଣ ଜନତାଙ୍କ ସୁବିଧା ପାଇଁ ୦୧ ଏପ୍ରିଲ ୨୦୨୬ରୁ ୧୫ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ନିଜସ୍ୱ ଗଣନା ବ୍ୟବସ୍ଥା ଉପଲବ୍ଧ ହେବ, ଯେଉଁଠାରେ ନାଗରିକମାନେ ନିଜେ ନିଜର ତଥ୍ୟ ପ୍ରଦାନ କରିପାରିବେ। ମୋବାଇଲ ଆପ୍ ବ୍ୟବହାର ଏବଂ 'ଜନଗଣନା ପରିଚାଳନା ଓ ନିରୀକ୍ଷଣ ପୋର୍ଟାଲ' ସମ୍ପର୍କରେ ସମସ୍ତ ଚାର୍ଜ ଅଧିକାରୀଙ୍କୁ ବିଧିବଦ୍ଧ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଉପଜିଲ୍ଲାପାଳ କେନ୍ଦୁଝର ଉମାଶଙ୍କର ଦଳେଇ, ଉପଜିଲ୍ଲାପାଳ ଆନନ୍ଦପୁର ନୀଳମାଧବ ସୁନା, ଉପଜିଲ୍ଲାପାଳ ଚମ୍ପୁଆ ଉମାକାନ୍ତ ପରିଡା, ସହକାରୀ ଜିଲ୍ଲାପାଳ ସରୋଜ ମଲ୍ଲିକ ଓ ଜିଲ୍ଲାର ସମସ୍ତ ତହସିଲଦାର ଏବଂ ପୌରପାଳିକାର ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ଜନଗଣନା କାର୍ଯ୍ୟକୁ ସଠିକ୍ ସମୟରେ ଓ ନିର୍ଭୁଲ ଭାବେ ସମ୍ପାଦନ କରିବାକୁ ଜିଲ୍ଲାପାଳ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଧାନବିକ୍ରିରେ କଟ୍‌ନୀ-ଛଟ୍‌ନୀ; ଚାଷୀ ଅସନ୍ତୋଷ

## ମନମାନି ଚଳାଇଛନ୍ତି ପାକ୍ସ ଓ ମିଲର୍ କର୍ତ୍ତୃପକ୍ଷ

ହାଟଡ଼ିହି,୬।୨(ସମିସ): ଧାନ ମଣ୍ଡିରେ କୁଇଣ୍ଟାଲ ପିଛା ୫ କି.ଗ୍ରାରୁ ଆରମ୍ଭ କରି କାହାର ୮ କି.ଗ୍ରା, କାହାର ୧୦ କି.ଗ୍ରା ତ ଆଉ କାହାର ୧୫ କି.ଗ୍ରା ପର୍ଯ୍ୟନ୍ତ ଧାନ କଟାଯାଉଛି। ଚାଷୀ ମୁହଁ ଖୋଲିଲେ ଧାନ ନିଆଯିବ ନାହିଁ ବୋଲି ଧମକ ମିଳୁଛି। କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକ୍‌ର ଅଧିକାଂଶ ମଣ୍ଡିରେ ଏଭଳି ସ୍ଥିତିକୁ ନେଇ ଚାଷୀମାନେ ଅଭିଯୋଗ ଉଠାଇଛନ୍ତି। ମଣ୍ଡିରେ ସରକାରୀ ବାବୁଙ୍କ ପାଦ ପଡୁ ନଥିବାରୁ ମିଲର୍‌ମାନେ ମନଇଚ୍ଛା କଟ୍‌ନୀ-ଛଟ୍‌ନୀ କରୁଥିବା ଚାଷୀ କହିଛନ୍ତି। ଏଫ୍‌ଏକ୍ୟୁ ମାନକୁ ଆଳ କରି ଗତବର୍ଷଠାରୁ ସହମତିରେ କଟ୍‌ନୀ-ଛଟ୍‌ନୀ ଚାଲିଛି। ପୂର୍ବରୁ କୁଇଣ୍ଟାଲ ପ୍ରତି ସର୍ବନିମ୍ନ ୫ କିଗ୍ରା ଧାନ କଟାଯାଉଥିବାବେଳେ ଏବେ ତାହା ୧୫ କି.ଗ୍ରାରେ ପହଞ୍ଚିଲାଣି। ମଣ୍ଡିରେ ଧାନ ନନେବା ଓ ବେପାରୀଙ୍କୁ କମ୍ ଦରରେ ବିକିବା ଆଶଙ୍କା କରି ଚାଷୀମାନେ ବାଧହୋଇ କଟ୍‌ନୀ-ଛଟ୍‌ନୀରେ ସମ୍ମତି ଜଣାଉଛନ୍ତି। ଏହାକୁ ସୁଯୋଗ ଭାବି କୁଇଣ୍ଟାଲ୍ ପିଛା ୫ କି.ଗ୍ରାରୁ ଅଧିକ ଧାନ କଟାଯାଉଛି। ବ୍ଲକ୍‌ର ଅନେକ ମଣ୍ଡିରେ ସର୍ବନିମ୍ନ ୭ରୁ ୮କି.ଗ୍ରା ପର୍ଯ୍ୟନ୍ତ କଟାଯାଉଛି। ଧାନର ମାନ ସାମନ୍ୟ ଖରାପ ଥିଲେ ୧୨କି.ଗ୍ରା ପର୍ଯ୍ୟନ୍ତ କଟାଯାଉଥିବା ଚାଷୀ କହିଛନ୍ତି।

ହାଟଡ଼ିହୀର ଚାଷୀ ଗୌରାଙ୍ଗ ରଣା ମଣ୍ଡିକୁ ଧାନ ନେଇଥିବା ବେଳେ ତାଙ୍କ ୧୨କି.ଗ୍ରା ଲେଖାଏଁ କଟିଥିବା କହିଛନ୍ତି। ସେବା ସମବାୟ ସମିତି କର୍ତ୍ତୃପକ୍ଷ ଓ ମିଲର୍‌ଙ୍କ ମର୍ଜିରେ କଟ୍‌ନୀ-ଛଟ୍‌ନୀ ଚାଲିଥିବାରୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରିବାକୁ ଢେଙ୍କା ଅଞ୍ଚଳର ଶେଷଦେବ ସାମଲ, ରେବତୀ ନାୟକ, ସୁବାସ ମଣ୍ଡଳ, ଲୋକନାଥ ମଣ୍ଡଳ, କେଶବ ଜେନା, ଦିଲ୍ଲୀପ ଜେନା, ସତ୍ୟାନନ୍ଦ ପହି, ମଧୁସୂଦନ ମଣ୍ଡଳ, ସୁଦର୍ଶନ ନାୟକ, ପ୍ରଭାତ ବିଶ୍ୱାଳ, ନାରାୟଣ ରାଉତ, ପ୍ରଶାନ୍ତ ମହାନ୍ତି, ବିଜୟ ନାୟକ, ନାରାୟଣ ବେହେରା, ପ୍ରଫୁଲ୍ଲ ମହାନ୍ତି, ଦୀନବନ୍ଧୁ ମହାନ୍ତି, ରମେଶ ମଣ୍ଡଳ, ଡ଼ମ୍ବରୁ ବିଶେଇ, କୁଶଚରଣ ରାଉତ, ଟିକନ ବେହେରା, ରଶ୍ମିକାନ୍ତ ଜେନା, କୈଳାସ ନାୟକ, ଅଣିଜ ମୁଦୁଲି, ଗୌରାଙ୍ଗ ସାହୁ, ଗଣେଶ ମୁଦୁଲି, ବିଶ୍ୱପ୍ରକାଶ ବେହେରା, ଗଦାଧର ନାୟକ, ସୁରେଶ ଦାସ, ବାବାଜୀ ମଣ୍ଡଳ, ବଟକୃଷ୍ଣ ମହାନ୍ତି, ସୁରେନ୍ଦ୍ର ପଣ୍ଡା, ରଞ୍ଜନ ମାଝୀ, ଗୌରାଙ୍ଗ ସ୍ୱାଇଁ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଦାବି କରିଛନ୍ତି।

# ତରମାକାନ୍ତ ଚା' ବଗିଚା ପରିଚାଳନା କମିଟି ଗଠିତ



ବାଂଶପାଳ, ୬।୨(ସମିସ): ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲା ଭୂୟାଁ ସଂସ୍କୃତିକ ସଂଗଠନର ସଭାପତି ତଥା କେନ୍ଦୁଝର ପୌରପାଳିକା ସାଂସଦ ପ୍ରତିନିଧି ଶ୍ୟାମସୁନ୍ଦର ନାଏକ, ବାଂଶାପାଳ ମଣ୍ଡଳର ଲୋକସଭା ପ୍ରତିନିଧି ପ୍ରହଲାଦ ମାହାକୁଡ଼, ବିଧାୟକ ପ୍ରତିନିଧି ଉମାକାନ୍ତ ବାରିକ, ମଣ୍ଡଳ ସଭାପତି ଶୁକ୍ରା ମୁଣ୍ଡା, ଯାତ୍ରା ପଞ୍ଚାୟତର ସମିତିସଭ୍ୟ ସଞ୍ଜୟ ଶେଖର ଗିରିଙ୍କ ଅଧ୍ୟକ୍ଷତାରେ ତରମାକାନ୍ତ ଚା ବଗିଚା ପୁନରୁଦ୍ଧାର ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏକ ୨୫ ଜଣିଆ କମିଟି ଗଠନ କରାଯିବା ସହ ୯ ଜଣକୁ ସରକାରୀ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବା ପାଇଁ ଚୟନ କରାଯାଇଛି। ସର୍ବସମତିକ୍ରମେ ସଭାପତି ଭାବେ ଗୁରୁଚରଣ ମହାନ୍ତ ଓ ଉପସଭାପତି ଭାବରେ ମଧୁସୂଦନ ପ୍ରଧାନ ଓ ଶୁକ୍ରା ମୁଣ୍ଡା ଚୟନ ହୋଇଥିବା ବେଳେ ସମ୍ପାଦକ ଭାବେ ସଞ୍ଜୟ ଶେଖର ଗିରି ଓ ସହସମ୍ପାଦକ ଚିନ୍ତାମଣି ଦେହୁରୀ ଓ କୋଷାଧ୍ୟକ୍ଷ ବିନୟ ଦେବ ସିଂହଙ୍କୁ ଚୟନ କରାଯାଇଛି। ଏହି କମିଟିରେ ଲୋକସଭା ଓ ବିଧାନସଭା ପ୍ରତିନିଧିଙ୍କ ସହ ୧୧ଟି ଗ୍ରାମରୁ ୨ ଜଣ ଲେଖାଏ ସଭ୍ୟ ମଧ ଚୟନ କରାଯାଇଛି। ଏହି ବୈଠକରେ ବାହାର ଲୋକଙ୍କୁ ପ୍ରଶ୍ରୟ ନଦେବା ପାଇଁ ସିଦ୍ଧାନ୍ତ ହୋଇଥିବା ସୂଚନା ମିଳିଛି।

## ସିପାହୀ ମହାସଂଘ ନିର୍ବାଚନର ପ୍ରାର୍ଥିପତ୍ର ଦାଖଲ

ଆନନ୍ଦପୁର, ୬।୨ (ସମିସ): କେନ୍ଦୁଝର ଜିଲ୍ଲା ସିପାଇ ମହାସଂଘର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଅବସରରେ ଘସିପୁରା ଥାନା ପରିସରରେ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ଆଗାମୀ ୧୦ ତାରିଖ ହେବାକୁ ଥିବା ଏହି ନିର୍ବାଚନକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମସ୍ତ ପ୍ରସ୍ତୁତି କରାଯାଇଛି। ଘସିପୁରା ଥାନା ପରିସରରେ ସଭାପତି ପ୍ରାର୍ଥୀ ପ୍ରଫୁଲ୍ଲ ପଣ୍ଡା ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଥାନାର ନିଜ ସମର୍ଥକ ହାବିଲଦାର ଓ କନେଷ୍ଟବଳ ସାଥୀଙ୍କୁ ନେଇ ପହଞ୍ଚିଥିଲେ। ନିଜର ପ୍ରାର୍ଥିପତ୍ର ଦାଖଲ କରି ଏକ ଶୋଭାଯାତ୍ରାରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଥାନା ଅଭିମୁଖେ ଯାଇଥିଲେ। ଦୁଇ ବର୍ଷରେ ଥରେ ହେବାକୁ ଥିବା ଏହି ନିର୍ବାଚନକୁ ନେଇ ସଂଘ ସଦସ୍ୟଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି।

# ୧୯୭୫ ବ୍ୟାଚ୍ ବିଏନ୍ ହାଇସ୍କୁଲ ଛାତ୍ରଙ୍କ ବନ୍ଧୁ ମିଳନ



ଆନନ୍ଦପୁର, ୬।୨ (ସମିସ):

ସର୍ବପୁରାତନ ଶିକ୍ଷାନୁଷ୍ଠାନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ୧୯୭୫ ମସିହା ବ୍ୟାଚ ଛାତ୍ରମାନଙ୍କର ବାର୍ଷିକ ବନ୍ଧୁମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦିବଂଗତ ଶିକ୍ଷକ ଓ ସହପାଠୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅଶୋକ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପ୍ରଥମେ ପ୍ରବଚକ ଉମାକାନ୍ତ ନାୟକ ମଙ୍ଗଳାଷ୍ଟକ ଆବୃତ୍ତି କରିଥିଲେ। ସାହିତ୍ୟିକ ରମାକାନ୍ତ ନାୟକ, କବି କୀର୍ତ୍ତନ ସାହୁ, ଓଡ଼ିଶା ଅଲିମ୍ପିକ ଆସୋସିଏସନର ପ୍ରାକ୍ତନ ଉପସଭାପତି ନବରଞ୍ଜନ ପଟ୍ଟନାୟକ, ରାଜେନ୍ଦ୍ର ନାରାୟଣ ଦାସ, ବିରଜା ପ୍ରସାଦ ନାୟକ ପ୍ରମୁଖ ଅତୀତର ସ୍କୁଲ ଅଧ୍ୟୟନ କାଳର ସ୍ମୃତି ରୋମନ୍ଥନ କରିଥିଲେ। ବ୍ୟାଚ୍‌ର ୫୦ ବର୍ଷ ପୂର୍ତ୍ତି ଅବସରରେ ନବରଞ୍ଜନ ପଟ୍ଟନାୟକ ସମସ୍ତ ସହପାଠୀ ବନ୍ଧୁମାନଙ୍କୁ ସ୍ମୃତିଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅମୀୟ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଜଗନ୍ନାଥ ସିଂ, ପ୍ରଦୀପ ନନ୍ଦୀ, ନିରାକାର ସାହୁ, ଭାଗୀରଥି ସାମଲ, କୃଷ୍ଣ ସିଂ, ଲକ୍ଷ୍ମୀଧର ସାହୁ, ରରୋତ୍ତମ ସାହୁ, ନରେନ୍ଦ୍ର ରାଜ, ଗୋଲକ ବିହାରୀ ସାହୁ, ଶ୍ରୀକାନ୍ତ ପଟ୍ଟନାୟକ, କିଶୋର ମିଶ୍ର, ଗଗନ ବିହାରୀ ଭଟ୍ଟାଚାର୍ଯ୍ୟ, ଦାମୋଦର ରାମ, ଜଗବନ୍ଧୁ ରାମ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସନାତନ ବେହେରା, ଈଶ୍ୱର ପାଢ଼ୀ, ସୁଦର୍ଶନ ରଣା, ପ୍ରଦୀପ ପାତ୍ର, ଜୟନ୍ତ ତ୍ରିପାଠୀ, ବଳରାମ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ସାହୁ, ଶରତ ସାହୁ, ଶରତ ମହାରଣା, ଯୋଗେନ୍ଦ୍ର ସାହୁ, ପଞ୍ଚାନନ ଦାସ, ବିନୟ ଦାସ, ସନାତନ ଖୁଣ୍ଟିଆ, ବୀରକିଶୋର ବେହେରା, ପ୍ରଫୁଲ୍ଲ ପାଢ଼ୀ, ଉତ୍ସବ ଜେନା, ରମେଶ ସିଂହ, ଶ୍ୟାମସୁନ୍ଦର ମହାନ୍ତି, ରମେଶ ସାହୁ, ହାଡିବନ୍ଧୁ ସାହୁଙ୍କ ସମେତ ଶତାଧିକ ପୁରାତନ ଛାତ୍ର ଯୋଗ ଦେଇଥିଲେ।

# ମାଣିଗିରିରେ ବନ ସୁରକ୍ଷା ସଚେତନତା



ଆନନ୍ଦପୁର, ୬।୨ (ସମିସ): ଆନନ୍ଦପୁର ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଦେଓଗାଁ ବନାଞ୍ଚଳର ମାଣିଗିରିଠାରେ ଡିଏଫଓ ପ୍ରଶାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଜଙ୍ଗଲ ନିଆଁର ପ୍ରତିରୋଧ ଓ ପ୍ରତିକାର ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫରେଷ୍ଟର ମଙ୍ଗୁଳିଚରଣ ସା, ଫରେଷ୍ଟ ଗାର୍ଡ ମମତା ପ୍ରିୟଦର୍ଶିନୀ ରାଉତ, ପ୍ରିୟଦର୍ଶିନୀ ଜେନା, ଅଙ୍କିତା ସାହୁ, ଆମ ଜଙ୍ଗଲ ଯୋଜନାର ଟିମ ଲିଡ଼ର ଛବିନ୍ଦ୍ର ପାତ୍ର, ଡିଓ ତ୍ରିଲୋଚନ ପ୍ରଧାନ ଯୋଗ ଦେଇଥିଲେ। ମାଣିଗିରି, ସାମୁକାନେଣ୍ଡି, ତଳନଟିଆ, ବରବାହାଲି, କେନ୍ଦୁଡ଼ିହା, ଝିଙ୍କିପିଟା, ପଞ୍ଚୁଗୋଛିଆ, ନିଆଳି ଝରଣ, ସୁଆପୁର, ଧବାଡିର ବନ ସୁରକ୍ଷା ସମିତିର ସଦସ୍ୟ ସଦସ୍ୟା ଅଂଶଗ୍ରହଣ କରିଥିଲେ।

# କ୍ୟାରିଅର ପରାମର୍ଶ ସମ୍ବନ୍ଧୀୟ ବ୍ଲକସ୍ତରୀୟ କର୍ମଶାଳା



ତେଲକୋଇ, ୬।୨(ସମିସ): ସ୍ୱେଚ୍ଛାସେବୀ ସଂଗଠନ ୟୁଏସି ଦ୍ୱାରା କ୍ୟାରିଅର ପରାମର୍ଶ ସମ୍ବନ୍ଧୀୟ ବ୍ଲକସ୍ତରୀୟ କର୍ମଶାଳା ତେଲକୋଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକର ୩୨ଟି ଉଚ୍ଚବିଦ୍ୟାଳୟ ଓ ୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଅଧାପକ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ୟୁଏସିର ସମ୍ପାଦକ ନିମାଇଁ ନାରାୟଣ ଶତପଥୀ ଜାତୀୟ ଶିକ୍ଷାନୀତି ଓ ଆନ୍ତର୍ଜାତିକ ସ୍ତରରେ ନିରୂପିତ ସ୍ଥାୟୀ ବିକାଶ ଲକ୍ଷ୍ୟର ଅବତାରଣା କରି ଉଚ୍ଚବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ କ୍ୟାରିଅର ଯୋଜନା ହିଁ ପ୍ରକୃତ ବାଟ ଦେଖାଇବ ବୋଲି ମତ ପୋଷଣ କରିଥିଲେ। କାର୍ମଶାଳାର ମୁଖ୍ୟଅତିଥି ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗେଶ୍ୱର ବେହେରା ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ମାର୍ଗଦର୍ଶନ କରିଥିଲେ। ତେଲକୋଇ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର୍ଷଣ ନାୟକ ଶିଶୁଙ୍କ ଭବିଷ୍ୟତ ଗଢ଼ିବା ଆମ ସମସ୍ତଙ୍କ ଗୁରୁଦାୟିତ୍ୱ ବୋଲି କହିଥିଲେ। ଆଇଏଲ୍‌ପିର ସଂଯୋଜକ ଇଂ ବିଜୟକୃଷ୍ଣ ପଣ୍ଡା ତାଲିମ ପ୍ରଦାନ କରିବା ସହ ହଲାଣ୍ଡ କୋଡ ଓ କ୍ୟାରିଅର ଚାର୍ଟ ସମ୍ବନ୍ଧରେ ଧାରଣା ପ୍ରଦାନ କରିଥିଲେ। ୟୁଏସିର କର୍ମୀ ଭଉଣୀବୃନ୍ଦ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ କ୍ଷେତ୍ର ସଂଯୋଜକ ଅଶୋକ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ୟୁଏସିର ସାଥୀ ଶିବବ୍ରତ ଦାସ, ମନୋଜ ପ୍ରଧାନ, ବାସନ୍ତୀ ନାୟକ, ସ୍ମିତାରାଣୀ ପହି, ଯଶୋଦା ନାୟକ, ଧୀରେନ ମହାନ୍ତ, ସୋମନାଥ ସାହୁ, ଧନେଶ୍ୱରୀ ସାହୁ, ଭୁଲେଶ୍ୱରୀ ସାହୁ, ଲିକିତା ପ୍ରଧାନ, ସଞ୍ଜୁଲତା ସାହୁ, କୃପାସିନ୍ଧୁ ପେଣ୍ଟେଇ, ସୁଜ୍ଞାନ ମିଶ୍ର ସହଯୋଗ କରିଥିଲେ।

# ଧକୋଠା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ



ଆନନ୍ଦପୁର, ୬।୨ (ସମିସ): ଆନନ୍ଦପୁର ବ୍ଲକ ଧକୋଠା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ସେଣ୍ଠଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଇଓ ହରିହର ଦଳେଇ, ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧ୍ୟକ୍ଷ ଆନନ୍ଦପୁର କଲେଜର ରମାକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ଏବିଇଓ ହେମେନ୍ଦ୍ରନାଥ ମହାନ୍ତି, ସରପଞ୍ଚ ବୀରଭଦ୍ର ସେଠୀ, ପୂର୍ବତନ ପ୍ରଧାନଶିକ୍ଷକ ଶତ୍ରୁଘନ ସାହୁ, ବ୍ରଜକିଶୋର ସାହୁ, କୃଷ୍ଣଚନ୍ଦ୍ର ମହାନ୍ତ, ଶିବଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଅତିଥିମାନେ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନିବେଦିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ ବିବରଣୀ ବିଶ୍ୱବନ୍ଦିତା ସାହୁ ପାଠ କରିଥିଲେ। ଅଶୋକଚନ୍ଦ୍ର ଗୋଛାୟତ ଧନ୍ୟବାଦ ଦେଇଥିଲେ। ସୌଜନ୍ୟ ପଣ୍ଡା, ସତ୍ୟାନନ୍ଦ ନାଏକ, ସୌମେନ୍ଦ୍ର ପଟ୍ଟନାୟକ, ରାକେଶ ନାୟକ, ଶିକ୍ଷୟିତ୍ରୀ ସୁଜାତା ଦଳେଇ, ଅନିତା ପରିଡ଼ା, ଦୀପ୍ତିମୟୀ ଜେନା, ଅର୍ପିତା ଦାଶ ଓ କର୍ମଚାରୀ ଅଖିଳ ଦେହୁରୀ, ଭାଗୀରଥି ବାରିକ ପରିଚାଳନା କରିଥିଲେ।

# ୮୦ ଟନ୍ ଚୋରା ମାଙ୍ଗାନିଜ୍ ଜବତ



ଯୋଡ଼ା, ୬।୨ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣିକ୍ଷେତ୍ର ଅନ୍ତର୍ଗତ ବୈତରଣୀ (କ) ସଂରକ୍ଷିତ ଜଙ୍ଗଲ ଡିଙ୍ଗି ପାହାଡ଼ ଅଞ୍ଚଳରୁ ୮୦ ଟନ୍ ଚୋରା ମାଙ୍ଗାନିଜ ଜବତ କରିଛି ଖଣି ବିଭାଗ। ଡିଙ୍ଗି ପାହାଡ଼ ଜଙ୍ଗଲ ଅଞ୍ଚଳରେ କିଛି ମାଙ୍ଗାନିଜ ଖଣିଜ ଚୋରାରେ ଉତ୍ତୋଳନ କରି ମାଫିଆ ବିକ୍ରି କରିବାକୁ ରଖିଥିବା ବେଳେ କୌଣସି ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା ଯୋଡ଼ା ଖଣି ବିଭାଗ। ଖଣି ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ଉ କରିଥିଲା। ଗଚ୍ଛିତ ଥିବା ପାଖାପାଖି ୮୦ ଟନ ମାଙ୍ଗାନିଜ ଖଣି ବିଭାଗ ଜବତ କରିବାରେ ସକ୍ଷମ ହୋଇଛି। ତେବେ ଏହି ଚୋରା କାରବାରରେ କେଉଁମାନେ ସଂପୃକ୍ତ ଅଛନ୍ତି ଏବଂ ଏହା କେଉଁ ଅଞ୍ଚଳକୁ ଚୋରା ଚାଲାଣ ହେବାକୁ ଥିଲା ସେନେଇ ଖଣି ବିଭାଗ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି। ତେବେ ଆଗକୁ ଏପରି ଚଢ଼ଉ ଜାରି ରହିବ ବୋଲି ଖଣି ବିଭାଗ ପକ୍ଷରୁ ଜଣାପଡ଼ିଛି।

# ସାଇଁକୁଲରେ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ



ଆନନ୍ଦପୁର,୬।୨ (ସମିସ): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ଅନ୍ତର୍ଗତ ସାଇଁକୁଲ ପତିତପାବନ ମହାବିଦ୍ୟାଳୟର ୧୯୯୩-୧୯୯୮ ବ୍ୟାଚର ପୁରାତନ ଛାତ୍ରଛାତ୍ରୀମାନଙ୍କ ବନ୍ଧୁମିଳନ ହଦଗଡ଼ ଡ୍ୟାମ ପରିସରରେ ଦ୍ୱିପପ୍ରକାଶ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସୁଶାନ୍ତ ମହାପାତ୍ର, ରଞ୍ଜିତ ପାଢ଼ୀ, ସରୋଜ ଦାସ, ସୁପ୍ରଭା ସ୍ୱାଇଁ, ରଶ୍ମିତା ପଣ୍ଡା, ପ୍ରୀତିନନ୍ଦା ଭୁଇଆଁ, ମଧୁସ୍ମିତା ଲେଙ୍କା ପରିଚାଳନା କରିଥିବା ବେଳେ ପାଠପଢ଼ା ସମୟର ସ୍ମୃତି, କଲେଜ ଜୀବନର ମଜା ଓ ସ୍ମୃତିଚାରଣ ମଧ୍ୟରେ ପରିବେଶ ହସ-ଖୁସିରେ ଭରିଯାଇଥିଲା। ଅନେକେ ଦୂରଦୁରାନ୍ତରୁ ଆସି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୁରୁଣା ସମ୍ପର୍କକୁ ପୁନଃ ଜୀବନ୍ତ କରିଥିଲେ। ଆଜି ପୁଣି ସେହି କଲେଜ ଦିନକୁ ମନେ ପକାଇଦେଲା ବୋଲି ପୁରାତନ ଛାତ୍ରଛାତ୍ରୀମାନେ ପ୍ରକାଶ କରିଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ପୁରୁଣା ସମ୍ପର୍କକୁ ଆଉ ମଜବୁତ କରିବା ସହ ଆଗାମୀ ଦିନରେ ମଧ ଏପରି ଆୟୋଜନ କରିବାକୁ ସମସ୍ତଙ୍କୁ ପ୍ରେରଣା ଦେଇଛି।

# ବିନା କ୍ୟାମେରାରେ ଅସୁରକ୍ଷିତ ରହିଛି ଏନ୍‌ଏଚ୍ ୨୦



ଆନନ୍ଦପୁର,୬।୨(ସମିସ): କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥରେ କ୍ୟାମେରା ଲଗାଇବାକୁ ବହୁଦିନରୁ ଦାବିହୋଇଆସୁଥିଲେ ମଧ ପରିବହନ ବିଭାଗ ଦୃଷ୍ଟି ଦେଉ ନଥିବା ଅଭିଯୋଗ ହେଉଛି। ଏଥିରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ବିଭିନ୍ନ ସମୟରେ ବେପରୁଆ ଗାଡ଼ି ଚାଳନା ସହ ଅପରାଧୀଙ୍କ ଗତିବିଧି ଦୃଷ୍ଟିରୁ ଏନ୍‌ଏଚ୍ ପରିସରରେ କ୍ୟାମେରା ସଂଲଗ୍ନ କରାଯାଇ ଶୃଙ୍ଖଳିତ ଯାତାୟାତ ଏବଂ ଆଇନଶୃଙ୍ଖଳା ପରିସ୍ଥିତିକୁ ନିରୀକ୍ଷଣ କରାଯିବା ନେଇ ପୁଲିସ ପକ୍ଷରୁ ବିଶେଷ ମାନଦଣ୍ଡ ରହିଥିବା ବେଳେ ଏହାକୁ ଖୋଦ ପ୍ରଶାସନ ପକ୍ଷରୁ ଉଲ୍ଲଂଘନ କରାଯାଉଥିବା ଆଲୋଚନା ପରିସରକୁ ଆସିଛି। ତେବେ, ଏନେଇ ଜାତୀୟ ରାଜପଥ ବିଭାଗ ପରିବହନ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କ୍ୟାମେରା ଲାଗି ନପାରିବା ଚିନ୍ତାର କାରଣ ହୋଇଛି। ଏଥିପାଇଁ ପରିବହନ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି। ଏହାଦ୍ୱାରା ଗାଡ଼ିର ବେଗ ନିୟନ୍ତ୍ରଣ କରାଯିବା ସହିତ ଦ୍ରୁତ ଗତିରେ ଯାଉଥିବା ଗାଡ଼ିର ଚାଲାଣ କଟାଯିବାକୁ ଯୋଜନା କରାଯାଇଛି। ୨୦ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଘସିପୁରା ଥାନା ଅନ୍ତର୍ଗତ କୋଳିମାଟି, ଶାଳପଡ଼ା ଅଞ୍ଚଳରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ପରିବହନ ବିଭାଗ ପକ୍ଷରୁ ବୀରଗୋବିନ୍ଦପୁର, ଧକୋଠା, କୋଳିମାଟି, ଦରଖଳା, ମେଲାଣ, ବାଲିଯୋଡ଼ି, ଘଟଗାଁ, ବାଟହରିଚନ୍ଦନପୁର, ଘସିପୁରା, ଶାଳପଡ଼ା, ହସନପୁର, ପଦନାରେ କ୍ୟାମେରା ଲଗାଯିବାକୁ ଖୁଣ୍ଟ ପୋତାଯାଇଛି। ଖୁବଶୀଘ୍ର ଏଥିରେ ଅତ୍ୟାଧୁନିକ କ୍ୟାମେରା ଲଗାଯିବା ପରିବହନ ବିଭାଗ ପକ୍ଷରୁ କ୍ୟାମେର ଲଗାଯାଉଥିବା ନେଇ ଏନ୍‌ଏଚଏଆଇ ଅଧିକାରୀ ଅରୁଣ ଦାସ କହିଛନ୍ତି। ଜାତୀୟ ରାଜପଥରେ ଯାଉଥିବା ଗାଡ଼ିଗୁଡ଼ିକର ଚାଲାଣ କଟାଯିବ ବୋଲି କେନ୍ଦୁଝର ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ କହିଛନ୍ତି। ଏହାଦ୍ୱାରା ଦୁର୍ଘଟଣା ହ୍ରାସ ପାଇବ ବୋଲି ଆଶା ରହିଛି।

● ଯୋଡ଼ା ପଞ୍ଚାୟତସମିତିର ଉନ୍ନୟନ ସମୀକ୍ଷା

# ସମୟ ପୂର୍ବରୁ ପ୍ରକଳ୍ପ ସାରିବାକୁ ନିର୍ଦ୍ଦେଶ

ଯୋଡ଼ା,୬।୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ସଭା ଗୃହଠାରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତସମିତି ଅଧ୍ୟକ୍ଷ କବିନ୍ଦ୍ର ନାଏକ, ଯୋଡା ବିଡ଼ିଓ ଡେନିସ ବେହେରା ପ୍ରମୁଖ ୧୯ଟି ପଞ୍ଚାୟତରେ ଚାଲିଥିବା ବିଭିନ୍ନ ସରକାରୀ କାର୍ଯ୍ୟର ସମୀକ୍ଷା କରିଥିଲେ। ସମ୍ପୃକ୍ତ ସରପଞ୍ଚ, ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ସମୟ ପୂର୍ବରୁ ଉକ୍ତ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ୨୦୨୧-୨୨ ଆର୍ଥିକ ବର୍ଷର ଅସମ୍ପୂର୍ଣ ପ୍ରକଳ୍ପଗୁଡିକର ସମୀକ୍ଷା କରାଯାଇଥିଲା। ସେହି ଆର୍ଥିକ ବର୍ଷରେ ୫୧୭ଟି ବିଭିନ୍ନ ପ୍ରକଳ୍ପରେ ୩ କୋଟି ୫୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇନାହିଁ। ଏହି ଅର୍ଥକୁ ପ୍ରକଳ୍ପ ମାଧ୍ୟମରେ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ଖର୍ଚ୍ଚ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏତଦବ୍ୟତୀତ କାନପୁର ବୃହତ୍ ଜଳସେଚନ ପ୍ରକଳ୍ପରେ ବୁଡ଼ି ଅଞ୍ଚଳରେ ଯାଉଥିବା ବିରିକଲା, କଣ୍ଡରା ଓ ଚମକପୁର ଗ୍ରାମପଞ୍ଚାୟତର ବିସ୍ଥାପିତ ଗ୍ରାମବାସୀଙ୍କୁ ଭୋଟର ତାଲିକାରୁ ନାମକୁ ନ କାଟି ଥଇଥାନ ହୋଇ ରହୁଥିବା ଗ୍ରାମରେ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ପଞ୍ଚାୟତର ବିଏଲଓ, ସରପଞ୍ଚ, ଏବିଓଙ୍କୁ ବ୍ଲକ୍ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ। ବିସ୍ଥାପିତମାନେ ଯେପରି ଭୋଟର ତାଲିକାରୁ ବାଦ୍ ନ ପଡନ୍ତି ସେନେଇ ନିର୍ଭୁଲ ସର୍ଭେ କରିବା ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ||



ସ୍ୱର୍ଗତ ଭାସ୍କର ମହାରଣା
ରାମନଗର ପ୍ରଥମ ଲେନ, କମାପଲି, ବ୍ରହ୍ମପୁର (ଗଞ୍ଜାମ)
ଆବିର୍ଭାବ : ୧୦.୧୦.୧୯୪୮
ତିରୋଧାନ : ୨୮.୦୧.୨୦୨୬
ବାପା ଆପଣ ଯିବାର ୧୧ ଦିନ ହେଇଗଲା ।
ଆପଣଙ୍କର ସ୍ନେହ, ଭଲ ପାଇବା, ତ୍ୟାଗ ଆମପାଇଁ ଚିର ସ୍ମରଣୀୟ ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳି ସହ : ପୁତ୍ର ଜଗଦୀଶ, ମହେଶ, ପୁତ୍ରବଧୂ କ୍ରୀଷ୍ଣା, ଝିଅ,ଜୋଇଁ ଓ ନାତି ନାତୁଣୀମାନେ

# ପିଏମଶ୍ରୀ ବାଲେଶ୍ୱର ଜିଲ୍ଲା ସ୍କୁଲରେ ପୁରସ୍କାର ବିତରଣ ଉତ୍ସବ



ବାଲେଶ୍ୱର,୬।୨(ସମିସ): ପିଏମଶ୍ରୀ ଜିଲ୍ଲା ସ୍କୁଲରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ସୁବାସ ଚନ୍ଦ୍ର ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ୧୭୫ ବର୍ଷ ପୂର୍ବରୁ ଜିଲ୍ଲା ସ୍କୁଲର ପ୍ରତିଷ୍ଠା ପଛରେ ବହୁ ଇତିହାସ ରହିଛି ବୋଲି କହିଥିଲେ। ବାଲେଶ୍ୱର ପୌରପାଳିକା ନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି, ଜିଲ୍ଲା ସ୍କୁଲ ପୁରାତନ ଛାତ୍ର ସଂସଦ ସଭାପତି ଡାକ୍ତର ସୁରେନ୍ଦ୍ର ନାଥ ସାହୁ, କାଉନସିଲର ସତ୍ୟ ଶିବ ସୁନ୍ଦର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ପ୍ରଧାନ ଏହି ଉତ୍ସବରେ ସଭାପତିତ୍ୱ କରିଥିବାବେଳେ ବରିଷ୍ଠ ଶିକ୍ଷକ ଆଦିକନ୍ଦ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପି ସୁସ୍ମିତା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ପରେ ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଶାନ୍ତ ମଲ୍ଲିକ, ଭାଗ୍ୟଶ୍ରୀ ସାହୁ, ସୋନାଲି ମହାନ୍ତି, ଶୁଭସ୍ମିତା ମହାନ୍ତି, ଅନିତା ସିଂ, ଦେଶପ୍ରିୟା ବିଶ୍ୱାଳ, ଲିପି ପୁଷ୍ପା ବେହେରା, ରଞ୍ଜିତା ରାଣୀ ପାଣା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ତିନି ବ୍ଲକ୍‌ରେ ସାପକାମୁଡ଼ା ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ

ବାଲେଶ୍ୱର, ୬।୨(ସମିସ)




କ୍ରମାଗତ ଭାବେ ରାଜ୍ୟରେ ସାପ କାମୁଡ଼ାରେ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଛି। ବାଲେଶ୍ୱର ଜିଲ୍ଲାରେ ମଧ୍ୟ ଏହାର ସଂଖ୍ୟା କମ୍ ନୁହେଁ। କେତେବେଳେ ଚିକିତ୍ସା ଅବହେଳା ନ ହେଲେ ସବୁଠି ଆଣ୍ଟି ସ୍ନେକ ଭେନମ୍ ନ ମିଳିବା ଯୋଗୁଁ ସାପ କାମୁଡା ଆକ୍ରାନ୍ତଙ୍କ ମୃତ୍ୟୁ ମଧ୍ୟ ହୋଇଯାଉଛି। ସାପକାମୁଡା ରୋଗୀଙ୍କୁ କାମୁଡିବାର ଏକ ଘଣ୍ଟା ଭିତରେ (ଗୋଲ୍ଡେନ ସମୟ) ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦେଲେ ରୋଗୀଙ୍କୁ ବଞ୍ଚାଇବା ସମ୍ଭବ ହେବ। ସେହି ସମୟ ଭିତରେ ଚିକିତ୍ସା ଆରମ୍ଭ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ସାପକାମୁଡାର ତ୍ୱରିତ ଚିକିତ୍ସା ଓ ପରିଚାଳନା ଉପରେ ଭେଷଜ ଓ ଶିଶୁ ରୋଗ ବିଶେଷଜ୍ଞ, ଚିକିତ୍ସାଳୟ ଅଧୀକ୍ଷକମାନଙ୍କ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଇସିଏମଆର-ଆରଏମଆରସି, ଭୁବନେଶ୍ୱର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କର୍ମଶାଳାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଭାତ କୁମାର ବେହେରା ଉଦଘାଟନ କରିଥିଲେ। ଜିଲ୍ଲାର ସମସ୍ତ ୭୧ ଟି ପ୍ରାଥମିକ ଚିକିତ୍ସାଳୟ ସ୍ତରରେ ମଧ୍ୟ ସାପକାମୁଡାର ଔଷଧ (ଆଣ୍ଟି ସ୍ନେକ ଭେନମ୍) ଉପଲବ୍ଧ ହେବା ସହିତ ଚିକିତ୍ସକଙ୍କୁ ତାଲିମ ମଧ୍ୟ ଦିଆଯାଇଛି ବୋଲି ସୂଚନା ଦେଇଥିଲେ। ୧୭ ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହି ତ୍ୱରିତ ଚିକିତ୍ସା ସବୁବେଳେ ପ୍ରଦାନ କରାଯାଉଛି ବୋଲି କହିଥିଲେ। କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱରର ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ରଞ୍ଜନ କୁମାର ରାଜ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ସାପ କାମୁଡାର ଆଧୁନିକ ଚିକିତ୍ସା ପଦ୍ଧତି ସମ୍ପର୍କରେ ତାଲିମ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକ୍ଷକ ତଥା ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ଅମୂଲ୍ୟ କୁମାର ଦାସ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର କର, ରାଜ୍ୟ ଅତିରିକ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସମନ୍ୱିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଡା. ଅଶୋକ ପାଇକରାୟ, ରାଜ୍ୟ ଯୁଗ୍ମ ନିର୍ଦ୍ଦେଶକ ଡା. ସୁରଜିତ ଗରାବଡୁ, ଆଂଚଳିକ ଭେଷଜ ଗବେଷଣା କେନ୍ଦ୍ର ଭୁବନେଶ୍ୱରର ବରିଷ୍ଠ ବୈଜ୍ଞାନିକ ଡା. ଶ୍ରୀକାନ୍ତ କାନୁନଗୋ, ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ଚକ୍ରଧର ଜେନା ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମହାମାରୀ ରୋଗ ବିଶେଷଜ୍ଞ ଡା. ଅରୂପ ଅଭିଷେକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସୂଚନାଯୋଗ୍ୟ, ବାଲେଶ୍ୱର ଜିଲ୍ଲାରେ ବସ୍ତା, ସୋର, ବାଲିଆପାଳ ବ୍ଲକରେ ସାପକାମୁଡା ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ। ସେଥିପାଇଁ ଲୋକଙ୍କୁ ସଚେତନ କରାଇବା ପାଇଁ ଏହି ସବୁ ବ୍ଲକରେ ସମସ୍ତ ଚିକିତ୍ସକ ଓ ଆୟୁଷ ଡାକ୍ତରମାନଙ୍କୁ ରାଜ୍ୟର ତାଲିମ ଦିଆଯାଇଛି। ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର ଭୁବନେଶ୍ୱର ଏକ ଗବେଷଣା କାର୍ଯ୍ୟକ୍ରମ ଆରମ୍ଭ କରିବା ସମ୍ପର୍କରେ ବୈଜ୍ଞାନିକ ଅନିମେଷ ଜେନା ସୂଚନା

### ସାପକାମୁଡା ରୋଗୀର ତ୍ୱରିତ ଚିକିତ୍ସା ଓ ପରିଚାଳନା ସମ୍ପର୍କିତ କର୍ମଶାଳା

ଦେଇଥିଲେ। ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ତଥା ଓମସାର ରାଜ୍ୟ ସମ୍ପାଦକ ଡା. ସଂଜୀବ ପ୍ରଧାନ, ଡା. ସୁମିତ୍ରା ଦେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଣୁଜୀବ ବିଜ୍ଞାନୀ ଦେବସ୍ମିତା ରାୟ ମହାପାତ୍ର, ଦୋଳ ଗୋବିନ୍ଦ ବେହେରା, ବିକ୍ରମ ବିଶ୍ୱାଳ, ଆରଏମଆରସି ଭୁବନେଶ୍ୱରର ଡା. ପ୍ରଶାନ୍ତି ଜ୍ୟୋତି ମହାନ୍ତି, ଡା. ପ୍ରୀତିମୟୀ ସେଠୀ, ଡା. ସମୀର ସାହୁ, ଡା ମନସ୍ୱିନୀ ନାୟକ, ସ୍ୱାଗତିକା ପତି, ସୁଶାନ୍ତ ବ୍ରହ୍ମା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସେମାନଙ୍କର ମତ ରଖିଥିଲେ। ଶେଷରେ ଡ. ଅନିମେଷ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ରବୀନ୍ଦ୍ର ଦର୍ଶନ କାର୍ଯ୍ୟକ୍ରମ




ବାଲେଶ୍ୱର, ୬।୨(ସମିସ): ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ଓ ବାଲେଶ୍ୱର ଓଡ଼ିଆ ଭାଷାବିକାଶ ଆନ୍ଦୋଳନର ମିଳିତ ଆନୁକୂଲ୍ୟରେ ଶାନ୍ତିନିକେତନର ଭାଷା ଭବନରେ ଦିବସବ୍ୟାପି ରବୀନ୍ଦ୍ର ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗ ମୁଖ୍ୟ ତଥା ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ରଫେସର ସବିତା ପ୍ରଧାନ ଆସରକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଉଦ୍‌ବୋଧନ ଦେଇ ଶାନ୍ତିକାନନ ଓ ଶାନ୍ତିନିକେତନ ମଧ୍ୟରେ ଥିବା ସାମଞ୍ଜସ୍ୟକୁ ଶ୍ରୋତାମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ, ବିଶିଷ୍ଟ କବି ଡ. ହରିଶ୍ଚନ୍ଦ୍ର ବେହେରା, ଶାନ୍ତିନିକେତନ ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଡ. ଇନ୍ଦ୍ରମଣି ସାହୁ ରବୀନ୍ଦ୍ରନାଥଙ୍କ ସାହିତ୍ୟକୃତି, ସ୍ୱାଧୀନତା ସଂଗ୍ରାମ ପାଇଁ ତାଙ୍କର ଅବଦାନ, ଓଡ଼ିଶା ସହ ରବୀନ୍ଦ୍ରନାଥଙ୍କ ସଂପର୍କ ତଥା ବିଶ୍ୱକବି ଓ ବ୍ୟାସକବିଙ୍କ ମଧ୍ୟରେ ଏକ ତୁଳନାତ୍ମକ ଆଲୋଚନାକୁ ନିବନ୍ଧ ଆକାରରେ ପାଠ କରିଥିଲେ। ବିଶ୍ୱଭାରତୀର ଛାତ୍ର ଶ୍ରୀତମ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଶ୍ୱବିଦ୍ୟାଳୟ ଛାତ୍ରୀମାନେ ଡ. ରବୀନ୍ଦ୍ର କୁମାର ଦାସଙ୍କ ନିର୍ଦ୍ଦେଶନାରେ ଫକୀରମୋହନ, ଗଙ୍ଗାଧର ଓ ମଧୁସୂଦନ ଦାସଙ୍କ କବିତାର ଏକ ମିଶ୍ରିତ ଅଂଶକୁ ଗାନ କରିଥିଲେ। ପ୍ରଫେସର ସବିତା ପ୍ରଧାନଙ୍କ ଦ୍ୱାରା ପ୍ରଦତ୍ତ "ଉଡ଼ିବାକୁ ଡେଣା ପ୍ରସାରିଲି ଯେ ଆକାଶ କାହିଁ' ଶୀର୍ଷକୀୟ ଏକ ବାକ୍ୟାଂଶକୁ କବିମାନେ ଏକତ୍ର କବିତା ଭାବରେ ରଚନା କରିଥିଲେ। ସେହି କବିତାଗୁଡ଼ିକୁ କବି ଦୀପକ ବୋଷ ଓ ସଂଗଠନ ସଂପାଦକ ତପନ ରାୟ ସଂଯୋଜନା କରିଥିଲେ। କବିତା ପାଠୋତ୍ସବରେ ୧୨୫ଜଣ କବି କବିତା ପାଠ କରିଥିଲେ। ଡ. ଶରତ କୁମାର ଜେନା ଏକତ୍ର କବିତା ଓ ସାଂପ୍ରତିକ କବିତା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅପରାହ୍ନରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଦ୍ୱାରା ରଚିତ, ନିରଂଜନ ରାଉତଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ କଲ୍ୟାଣୀ ନନ୍ଦଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ "ଧୂର୍ଜଟୀ ଓ ଭାନୁସିଂହର ଗାଥା' ନାମରେ ଏକ ନାଟକ ମଞ୍ଚସ୍ଥ କରାଯାଇଥିଲା। ଏହି ନାଟକରେ ବାସନ୍ତୀ ଦେ, ଅର୍ଚ୍ଚନା କର, କବିତା ଜେନା, ସ୍ନିଗ୍ଧା ସାମନ୍ତରାୟ, ତୃପ୍ତିରାଣୀ ପାତ୍ର, କୃଷ୍ଣା ପ୍ରଧାନ, ସୁନାମଣି ଜେନା, ଶାନ୍ତି ବିଶି, ଶାନ୍ତିଲତା ପଣ୍ଡା, ପୁଷ୍ପଲତା ଚକ୍ରବର୍ତ୍ତୀ, ମମତା ଦାସ, କଲ୍ୟାଣୀ ନନ୍ଦ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ବେଣୁଧର ସାହୁ, ପ୍ରଫୁଲ୍ଲ ଦାସ, ପଣ୍ଡିତ ସଂଜୟ ପଣ୍ଡା, ଜୁମରନାଥ ପାତ୍ର, ପ୍ରଭାକର ସାହୁ ଓ ଡ. ସାରଙ୍ଗଧର ତ୍ରିପାଠୀ ଅଭିନୟରେ ଅଂଶଗ୍ରହଣ କରିଥିଲେ। ଡ. ଲକ୍ଷ୍ମଣ ଚରଣ ବିଶ୍?ାଳ ସ୍ମାରକ ଭୂମିକା ନିର୍ବାହ କରିଥିଲେ। ଓଡ଼ିଆ ଭାଷାବିକାଶ ଆନ୍ଦୋଳନ ତରଫରୁ ଫକୀରମୋହନଙ୍କ ଏକ ପ୍ରତିମୂର୍ତ୍ତି ବିଭାଗୀୟ ମୁଖ୍ୟଙ୍କୁ ସମର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଫେସର ମନୋରଂଜନ ପ୍ରଧାନ, ନିବାରଣ ଜେନା, ମମତା ମହାପାତ୍ର, ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ, ଅଂଜଳି ପଣ୍ଡା, ଶରତ କୁମାର ମହାପାତ୍ର, ଡ. ଶିରୀଶଚନ୍ଦ୍ର ଜେନା, ଡ. ରମାକାନ୍ତ ନାୟକ, ଡ. କ୍ଷିତୀଶ୍ୱର ଦାଶ, ଡ. ଭାଗବତ ପ୍ରସାଦ ଦାସ, ଅରୁଣ ଚାଟାର୍ଜୀ, ଗଗନ ଦଳାଇ, ଡ. ରତ୍ନାକର ସିଂହ ପ୍ରମୁଖ ରବୀନ୍ଦ୍ର ଦର୍ଶନ ଯାତ୍ରୀ ଅଂଶଗ୍ରହଣ କରିଥିଲେ।

## ପୁରୁଣା ବାଲେଶ୍ୱର ପ୍ରିମିଅର୍ ଲିଗ୍

# ୭ ଟିମ୍ ପାଇଁ ହେଲା ଖେଳାଳି ଚୟନ




ବାଲେଶ୍ୱର, ୬।୨(ସମିସ): ପୁରୁଣା ବାଲେଶ୍ୱର ପ୍ରିମିଅର୍ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱାଦଶ ସଂସ୍କରଣ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପୁରୁଣା ବାଲେଶ୍ୱର କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଆସନ୍ତା ୧୮ ତାରିଖରୁ ଆରମ୍ଭ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ଶିବ ନନ୍ଦନ ପାନ୍ଥର ଟିମ୍ ,ଏନ.ସି.ସି ଟାଇଗର, ବଜରଙ୍ଗି ଇଲେଭେନ, ଜଗନ୍ନାଥ ୱାରିଅର୍, ଏମ.ସି.ସି ଇଲେଭେନ୍, ମାଁ ସିତୁଲା ଇଲେଭେନ, ଭାଇରସ ଟିମ୍ ପ୍ରଭୃତି ମୋଟ ୭ଟି ଟିମ୍ ଅଂଶଗ୍ରହଣ କରିବେ। ଏହି ପରିପ୍ରେକ୍ଷୀରେ ଟିମଗୁଡ଼ିକ ପାଇଁ ଖେଳାଳି ଚୟନ ପ୍ରକ୍ରିୟା ସ୍ଥାନୀୟ ପବିତ୍ର ରିସ୍ତା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଖେଳାଳି ଚୟନ ପ୍ରକ୍ରିୟାରେ ପ୍ରତ୍ୟେକ ଟିମର ମେଣ୍ଟର ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆସୋସିଏସନ ସଭାପତି ମନ୍ମଥ ସ୍ୱାଇଁ ଓ ସମ୍ପାଦକ ସୁକାନ୍ତ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳାଳି ଚୟନ ପ୍ରକ୍ରିୟା ପରିଚାଳିତ ହୋଇଥିଲା। ଏଥିପାଇଁ ପୁରୁଣା ବାଲେଶ୍ୱର ଅଂଚଳରୁ ମୋଟ ୧୩୦ ଜଣ ଖେଳାଳିଙ୍କ ନାମ ବିଚାରକୁ ନିଆଯାଇଥିଲା। ସେମାନଙ୍କୁ ଭିନ୍ନ ଭିନ୍ନ ଟିମରେ ସାମିଲ ପାଇଁ ଏହି ଚୟନ ପ୍ରକ୍ରିୟା ଆୟୋଜିତ ହୋଇଥିବା ଆସୋସିଏସନର କର୍ମକର୍ତ୍ତା ସୂଚନା ଦେଇଥିଲେ। ପ୍ରାୟ ଦେଢ଼ ମାସ ଧରି ପିବିସି ଫିଲ୍ଡ, ଅଟାନକ ଫିଲ୍ଡ ଓ ଗବଗାଁ ଫିଲ୍ଡରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଆଇପିଏଲ ଢାଞ୍ଚାରେ ପ୍ରତ୍ୟେକ ମ୍ୟାଚ୍ ୧୫ ଓଭର ବିଶିଷ୍ଟ ହେବ। ଟୁର୍ଣ୍ଣାମେଣ୍ଟର ଚମ୍ପିୟାନ ଦଳକୁ ଟ୍ରଫି ସହ ୩୦ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୨୦ହଜାର ଟଙ୍କା ପୁରସ୍କାର ଅର୍ଥ ରାଶି ପ୍ରଦାନ କରାଯିବ। ଏହା ସହିତ ମ୍ୟାନ ଅଫ ଦି ସିରିଜ୍, ପ୍ରତ୍ୟେକ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ୍, ବେଷ୍ଟ ବ୍ୟାଟର ଓ ବେଷ୍ଟ ବୋଲରଙ୍କୁ ପୁରସ୍କୃତ କରାଯିବ। ରାଜେଶ ବେହେରା, ରମେଶ ଦାସ, ଅରୁଣ କୁମାର ବେହେରା, ଜୟଦେବ, ମନ୍ମଥ ପାତ୍ର, ଅଶ୍ୱିନ, ଜଗଦୀଶ, ଗୟାଧର, ଚିକୁନ୍, ଅନିଲ, ସୁରେଶ, ଲିକନ, ରାଜୁ, ପିଙ୍କୁ ପ୍ରମୁଖ ପୁରୁଣା ବାଲେଶ୍ୱର କ୍ରିକେଟ ଆସୋସିଏସନର କର୍ମକର୍ତ୍ତା ଓ ସଦସ୍ୟମାନେ ଖେଳାଳି ଚୟନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଇନଜୀବୀଙ୍କ ଶାନ୍ତିପୂର୍ଣ୍ଣ ଧାରଣା

ବାଲେଶ୍ୱର, ୬।୨ (ସମିସ): କଚେରୀ ହତା ପରିସରରେ ଆଇନଜୀବୀମାନଙ୍କ ପକ୍ଷରୁ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ଏହି ଗଣଧାରଣାରେ ବରିଷ୍ଠ ଆଇନଜୀବୀ ସମୀର ଦେ ସଭାପତିତ୍ୱ କରିଥିଲେ। ସଭା ଆରମ୍ଭରେ ବରିଷ୍ଠ ଆଇନଜୀବୀ ନିତ୍ୟ ନାରାୟଣ ପ୍ରହରାଜ, ରବିନ୍ଦ୍ର ନାଥ ବେହେରା, ଦୀପ୍ତିକାନ୍ତ ମିଶ୍ର ପ୍ରମୁଖ ମଧୁବାବୁଙ୍କ ପ୍ରତିମୂର୍ତ୍ତି ପୁଷ୍ପମାଲ୍ୟ ଦେଇ ସ୍ମୃତିଚାରଣ କରିଥିଲେ। ଦୀର୍ଘ ଦିନ ଧରି ବାଲେଶ୍ୱର ବାର ଆସୋସିଏସନ୍ ସାଧାରଣ ପରିଷଦ ବୈଠକ ନ ଡାକିବା, ବରାଦୀ ଦରଖାସ୍ତ ଶହ ଶହ ଓକିଲ ଦସ୍ତଖତ କରିଦେଇଥିଲେ ମଧ୍ୟ ଦରଖାସ୍ତ ପାଇ ନୀରବ ବସିବା, କ୍ରିକେଟ ଖେଳକୁ ପୂର୍ବ ଦିନ ବାତିଲ କରାଇବା, ବାର ଆସୋସିଏସନ୍‌ର ଆୟବ୍ୟୟ ର ହିସାବ କିତାବ ସାଧାରଣ ପରିଷଦ ବୈଠକରେ ଦାଖଲ ନକରିବା, ସର୍ବୋପରି ୨୦୨୫ ଜୁନ, ଜୁଲାଇ ମାସ ପୁଲିସ ନିଷ୍କ୍ରିୟତା ଯୋଗୁଁ ଚାଲିଥିବା ଆନ୍ଦୋଳନକୁ ଭଣ୍ଡୁର କରାଇ ସାରା ଓଡ଼ିଶାରେ ବାଲେଶ୍ୱର ଓକିଲ ସଂଘ ମିଳିତ କରାଇଥିବା ବିରୋଧରେ ଏହି ଶାନ୍ତିପୂର୍ଣ୍ଣ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଏହି ଗଣଧାରଣାକୁ ସମସ୍ତ ଆଇନଜୀବୀ ସମର୍ଥନ ଜଣାଇଥିଲେ। ବହୁ ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ। ଆଇନଜୀବୀ ସଂଘ ସମ୍ପାଦକ ଧାରଣା ସ୍ଥଳରେ ପହଞ୍ଚି ଧାରଣାରତ ଓକିଲମାନଙ୍କୁ ଧାରଣା ସ୍ଥଳରୁ ଉଠିବା ପାଇଁ ଅନୁରୋଧ କରିଥିଲେ ଓ ଧାରଣା ନିମନ୍ତେ ଦିଆଯାଇଥିବା ସ୍ମାରକପତ୍ରରେ ଉଲ୍ଲେଖିତ ସମସ୍ତ ତଥ୍ୟ ଯୁକ୍ତିଯୁକ୍ତ ଓ ଆସନ୍ତା ୨୧ ତାରିଖ ସୁଦ୍ଧା ସାଧାରଣ ପରିଷଦ ବୈଠକ ଡକାଇ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି କହିଥିଲେ। ବରିଷ୍ଠ ଆଇନଜୀବୀ ପ୍ରତାପ ଚନ୍ଦ୍ର ପଣ୍ଡା, ବିପ୍ଳବ କେଶରୀ ଦେଓ, ପ୍ରଦୀପ କୁମାର, ସମରେନ୍ଦ୍ର ନାଥ ଦାସ, ଗୋପିନାଥ ମହାନ୍ତି, କୈଳାସ ଚନ୍ଦ୍ର ସେଠୀ, ନବ କୁମାର ପଣ୍ଡା, ରବୀନ୍ଦ୍ର ନାଥ ବେହେରା, କୃଷ୍ଣଚନ୍ଦ୍ର ଦାଶ, ଦୀପ୍ତି କାନ୍ତ, ନିରଞ୍ଜନ ପ୍ରଧାନ, ପ୍ରଶାନ୍ତ ପ୍ରଧାନ ପ୍ରମୁଖଙ୍କ ପରିମର୍ଶକ୍ରମେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଶ୍ରୀରାଧାକୃଷ୍ଣ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ




ବାଲେଶ୍ୱର, ୬।୨(ସମିସ): ମୋତିଗଞ୍ଜ ବଜାରସ୍ଥିତ ଶ୍ରୀ ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟରେ ଏନର୍ଜି କ୍ଲବର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମଧୁସ୍ମିତା ନାୟକଙ୍କ ଅଧକ୍ଷ୍ୟତାରେ ଆୟୋଜିତ ଏହି ଉତ୍ସବରେ ବାଲେଶ୍ୱର ବିଇଡି କଲେଜର ଅଧ୍ୟାପିକା ଡ଼. ନିବେଦିତା ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ଏନର୍ଜି କ୍ଲବର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ଅନୀତା ଦାସ, ବନଜା ନାୟକ ଓ ଗୀତିସୁଧା ମହାନ୍ତି ନିଜର ବକ୍ତବ୍ୟ ରଖିଥିଲେ। ଏନର୍ଜି କ୍ଲବର ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ଦୁର୍ଘଟଣାରେ ଅଟୋ ଯାତ୍ରୀ ଗୁରୁତର

ସିମୁଳିଆ, ୬।୨ (ସମିସ): ଭଦ୍ରକରୁ ଅଟୋ ଯୋଗେ ଘରକୁ ଫେରୁଥିବା ସମୟରେ ଜାତୀୟ ରାଜପଥରେ ଅଜଣା ଗାଡି ଧକ୍କାରେ ଅଟୋ ଚାଳକ ସମେତ ଯାତ୍ରୀ ଗୁରୁତର ହୋଇଛନ୍ତି। ଭଦ୍ରକରୁ ଅଟୋ ଯୋଗେ ଘରକୁ ଫେରୁଥିବା ସମୟରେ ୧୬ନଂ ଜାତୀୟ ରାଜପଥର ମଞ୍ଜୁରୀପୁର ବିହାରୀ ପେଟ୍ରୋଲ ପମ୍ପ ନିକଟରେ ଏକ ଅଜଣା ଗାଡି ଅଟୋଟିକୁ ଧକ୍କା ଦେଇ ଚାଲି ଯାଇଥିଲା । ଅଟୋରେ ଥିବା ଚାଳକ ଦିଲ୍ଲୀପ ମଲ୍ଲିକଙ୍କ ଆଖି ମାଡ଼ ହୋଇ ଗୁରୁତର ଆହତ ହୋଇଥିବା ବେଳେ ଅଟୋରେ ଥିବା ଦୁଇ ଜଣ ଯାତ୍ରୀ ବାସୁଦେବପୁର ବ୍ଲକ କୃଷ୍ଣପୁର ଅଞ୍ଚଳର ସୁରେନ୍ଦ୍ର ସାମଲ ଓ ବିଦେଇପୁର ଅଞ୍ଚଳର ସତ୍ୟବ୍ରତ ବିଶ୍ୱାଳ ଗୁରୁତର ଆହତ ହୋଇଥିଲେ । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭଦ୍ରକ ମେଡିକାଲକୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି । ଖବର ପାଇ ସିମୁଳିଆ ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

# ରକ୍ତଦାନ ଶିବିର



ବାଲେଶ୍ୱର, ୬।୨(ସମିସ): ପୁତ୍ର ଜନ୍ମଦିନରେ ପିତା ପ୍ରଦୀପ କୁମାର ବେଜ ଏବଂ ତାଙ୍କ ପରିବାରବର୍ଗ ଓ ସାଙ୍ଗସାଥୀମାନଙ୍କୁ ନେଇ ରକ୍ତଦାନ ଶିବିର କରି ଉଦାହରଣ ସୃଷ୍ଟି କରିଛନ୍ତି। ସହରର ଆଇଟିଆଇରେ ରହୁଥିବା ପ୍ରଦୀପ କୁମାର ବେଜଙ୍କ ଫାର୍ମାସିଷ୍ଟ ପଢୁଥିବା ପୁତ୍ର ଆଦ୍ୟା ଆଶୁତୋଷଙ୍କ ଜନ୍ମଦିନ ଥିବାବେଳେ ଏକ ରକ୍ତଦାନ ଶିବିର ଜିଲ୍ଲା ବ୍ଲଡବ୍ୟାଙ୍କ ପରିସରରେ ଆୟୋଜନ କରିଥିଲେ। ଏହି ଶିବିରକୁ ବିଜେଡ଼ିର ବରିଷ୍ଠ ନେତା ରଂଜନ ବାଗ ଉଦ୍‌ଘାଟନ କରିଥିଲେ। ପ୍ରାକ୍ତନ ଉପନଗରପାଳ ମନୋଜ କୁମାର ରାଉତ, ରାଜ୍ୟ ବିଜୁ ଯୁବଜନତା ଦଳର ସାଧାରଣ ସମ୍ପାଦକ ଧିରେନ ନାୟକ, ଟାଉନ ମହିଳା ଜନତାଦଳର ସଭାପତି ମୀନା ମହାନ୍ତି, କାଉନସିଲର ସେକ୍ ଆୟୁବ, ଶ୍ରମିକ ନେତା ଅଭିଜିତ ଦାସ, ବିଜେଡ଼ିର ଜିଲ୍ଲା ଛାତ୍ରନେତା ବିଭୁଦତ୍ତ ପରିଡ଼ା ପ୍ରମୁଖ ଏହି ଶିବିରରେ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକାଶ ବେହେରା, ସୌଭାଗ୍ୟ ଖୁଣ୍ଟିଆ, ହୃଷିକେଶ ବେହେରା, ହର୍ଷ ଖଣ୍ଡେଲୱାଲ, ମଳୟ ରଂଜନ ବିଶ୍ୱାଳ, ଅଂଶୁମାନ ପ୍ରଧାନ, ପ୍ରୀତପ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସ୍ୱାସ୍ଥ୍ୟ ସଚେତନତା ଶିବିର ନିମନ୍ତେ ପ୍ରସ୍ତୁତି ବୈଠକ



ବାଲେଶ୍ୱର, ୬।୨ (ସମିସ): ଆସନ୍ତା ୨୧ ତାରିଖରେ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ବାଲେଶ୍ୱର ଲୟର୍ସ କ୍ଲବ ଆନୁକୂଲ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ କନଫରେନ୍ସ ହଲରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ସ୍ୱାସ୍ଥ୍ୟ ଶିବିରରେ ଓଡ଼ିଶାର ସୁନାମଧନ୍ୟ ଡାକ୍ତର ସମୂହ ଉପସ୍ଥିତ ରହି ରୋଗୀମାନଙ୍କୁ ନିଃଶୁଳ୍କ ପରୀକ୍ଷା ଓ କିପରି ଏକ ନିରୋଗ ଜୀବନ ଯାପନ କରିପାରିବେ ସେ ସଂକ୍ରାନ୍ତରେ ପରାମର୍ଶ ଦେବେ। ଏନେଇ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଇନଜୀବୀ ରଘୁନାଥ ପ୍ରଧାନ, ଦେବୀ ପ୍ରସାଦ ମହାପାତ୍ର, ଦୁର୍ଗା ଦାଶ, ଶଶାଙ୍କ ଶେଖର ପଣ୍ଡା, ସାହିରୁଲ ହକ, ବାଦଲ ବେହେରା, କୁମାର କଶ୍ୟପ, ନୃସିଂହ ପଟ୍ଟନାୟକ, ଶାନ୍ତନୁ ରାଉତ, ସମରେଶ ସାହୁ, ଗୀତେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ କଲ୍ୟାଣ ପରିଷଦର ବୈଠକ

ସିମୁଳିଆ, ୬।୨ (ସମିସ): ବାଟି ପଞ୍ଚାୟତରେ ବୟସ୍କ ନାଗରିକ କଲ୍ୟାଣ ପରିଷଦର ବୈଠକ ବେଦପୁର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରମାକାନ୍ତ ଅଗସ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ଥାୟୀ କମିଟି ଗଠନ କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ବ୍ଲକ କମିଟିରୁ ବୀରେନ୍ଦ୍ର ନାୟକ ଓ ଉପେନ୍ଦ୍ର ବିଶ୍ୱାଳ ଯୋଗ ଦେଇ ସର୍ବସମ୍ମତି କ୍ରମେ ସଭାପତି ଭାବେ ଗଣନାଥ ସାହୁ, ଉପସଭାପତି ମୁରଲୀଧର ମହାପାତ୍ର, ସମ୍ପାଦକ ମହେଶ୍ୱର ବିଶ୍ୱାଳ, ସହସମ୍ପାଦକ ମନୋରଞ୍ଜନ ଦାସ, ସଂଗଠନ ସମ୍ପାଦକ ରମାକାନ୍ତ ପାତ୍ର, କୋଷାଧକ୍ଷ ଦାଶରଥି ଦାସଙ୍କୁ ମନୋନୀତ କରିଥିଲେ। କାର୍ଯ୍ୟକାରୀ ସଭ୍ୟ ଭାବେ ଖଗେନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ସନାତନ ବେହେରା, ଭୋଳାନାଥ ବେହେରା, ଭଗବାନ ପାତ୍ର ଓ ଉପଦେଷ୍ଟା ଭାବେ ରମାକାନ୍ତ ଅଗସ୍ତି, ବୁଦ୍ଧିରାମ ବିଶ୍ୱାଳ, ଜଗବନ୍ଧୁ ଜେନା, ତ୍ରୈଲୋକ୍ୟ ଜେନାଙ୍କୁ ମନୋନୀତ କରାଯାଇଥିଲା।

## 'ସ୍ରଷ୍ଟା'ର ରାଜ୍ୟସ୍ତରୀୟ ବାର୍ଷିକ ନାଟକ ମହୋତ୍ସବ

# ପଞ୍ଚମ ସନ୍ଧ୍ୟାରେ ନାଟକ 'ଜନ୍ମମାଟି' ମଞ୍ଚସ୍ଥ

ବାଲେଶ୍ୱର, ୬।୨(ସମିସ)



ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ନାଟ୍ୟାନୁଷ୍ଠାନ 'ସ୍ରଷ୍ଟା'ର ୪୮ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ପଞ୍ଚମ ସନ୍ଧ୍ୟା ଆୟୋଜିତ ହୋଇଯାଇଛି। ଏହି ସନ୍ଧ୍ୟାରେ ସଂସ୍ଥାପକ, ସଂଗଠକ ସ୍ୱର୍ଗତ ହିମାଂଶୁ ଦାସଙ୍କୁ ଉତ୍ସର୍ଗ କରାଯାଇଥିଲା। ତାଙ୍କର ପୁତ୍ର ସଂଗ୍ରାମ ଦାସ ଓ ସଞ୍ଜୟ ଦାସ ପ୍ରୋଯୋଜନା କରିଥିଲେ। ଗାନ୍ଧୀ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଶିଷ୍ଟ ସ୍ତମ୍ଭକାର ଫକୀରମୋହନ ସାହିତ୍ୟ ପରିଷଦ ସଭାପତି ଡ.ସୁବାସ ପାତ୍ର ଓ ସମ୍ମାନିତ ଅତିଥି ଭାବେ 'ସ୍ରଷ୍ଟା' ଉପସଭାପତି ପ୍ରସନ୍ନ କୁମାର ଦାସ ମତବ୍ୟକ୍ତ କରିଥିଲେ। 'ସ୍ରଷ୍ଟା' ସମ୍ପାଦକ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଅନୁଷ୍ଠାନ ସଭାପତି ଆଲୋକ କୁମାର ସାହୁ ପୌରୋହିତ୍ୟ କରିଥିଲେ। ବାଲେଶ୍ୱର ଦର୍ପଣର ନିର୍ଦ୍ଦେଶକ ବ୍ରହ୍ମନାଥ ରଥ ମଞ୍ଚ ପରିଚାଳନା କରିଥିବା ବେଳେ ନାଟ୍ୟକାର ପୀତାମ୍ବର ଦାସ ଶେଷକଥା କରିଥିଲେ। ପରେ ରାଉରକେଲା 'ସମ୍ପର୍କ' ନାଟ୍ୟାନୁଷ୍ଠାନର ନାଟକ ନାଟ୍ୟକାର ପଦ୍ମଶ୍ରୀ ମନୋରଞ୍ଜନ ଦାସଙ୍କ ଲିଖିତ ଓ ଭାସ୍କର ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶିତ ନାଟକ 'ଜନ୍ମମାଟି' ମଞ୍ଚସ୍ଥ ହୋଇଥିଲା। ଏହି ନାଟକରେ ବିଜୟ ପାତ୍ର, ଭାସ୍କର ମହାପାତ୍ର, ସୁରେନ୍ଦ୍ର ପାଢ଼ୀ, ବିବେକାନନ୍ଦ ଦାସ, ପ୍ରଳୟ ଶତପଥୀ, ସୁଦେଷ୍ଣ ରାଉତ, ପୁଷ୍ପା ବିଶୋଇ, ଶକ୍ତି ମିଶ୍ର, ସସ୍ମିତା ବେକ୍, ଶୁଭଶ୍ରୀ ସ୍ୱାଇଁ, ଶ୍ରେୟସି ପ୍ରଧାନ, ପ୍ରତିଥି, କଲ୍ୟାଣୀ, ସତ୍ୟବ୍ରତ ଦାସ ପ୍ରମୁଖଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲା। 'ସ୍ରଷ୍ଟା'ର ଦିବାକର ମହାନ୍ତି, ଗୌରୀ ଶଙ୍କର ସାହାଣୀ, ସମରାଇ କର, ସଂଗ୍ରାମ ମହାନ୍ତି, ରାମ ଚନ୍ଦ୍ର ମହାପାତ୍ର, ସରୋଜ ରାଉତ, ରତିକାନ୍ତ ମଲିକ, ମଦନ ମୋହନ ସାହୁ, ଅଜିତ ପଣ୍ଡା, ପୁଷ୍ପିତା ପାଢ଼ୀ, ଗିରିଜା ଶଙ୍କର କର, ପ୍ରଦୀପ ଶତପଥି, ରଶ୍ମି ରଞ୍ଜନ ଦାସ, ବିଶ୍ୱଜିତ୍ ମହାପାତ୍ର, ମନୋରଞ୍ଜନ ଦାସ, ସ୍ୱାଗତିକା ବାରିକ, ସ୍ୱାତୀ ସ୍ମିତା ଦାସ, ସୁମନା ପରିଡ଼ା, ସ୍ୱାତୀ ପଣ୍ଡା, ଋତୁରାଜ ବାରିକ, ସୌରଜିତ୍ ସାହୁ, ଅନୁଭା ଶତପଥୀ, ସନ୍ତୋଷ କମିଳା ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସମ୍ପାଦକୀୟ



ବ୍ୟକ୍ତିର ତିନୋଟି ଗୁଣ ଦେଖିବା ଉଚିତ - ବୁଦ୍ଧିମତ୍ତା, ସାମର୍ଥ୍ୟ ଓ ସାଧୁତା।
ଯଦି ତୃତୀୟ ଗୁଣଟି ତା'ପାଖରେ ନାହିଁ, ତେବେ ଅନ୍ୟ ଦୁଇଟି ଥିଲେ ମଧ୍ୟ ମୂଲ୍ୟହୀନ।
- ୱାରେନ୍ ବଫେଟ୍

ସକାଳ
THE SAKALA

## ନୂଆ ନ୍ୟାୟିକ ପରମ୍ପରା

ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା(ଏସ୍ଆଇଆର) କୁ ନେଇ ସର୍ବୋଚ୍ଚ ନ୍ୟାୟାଳୟରେ ଚାଲିଥିବା ଶୁଣାଣି ରାୟ କେବେ ପ୍ରକାଶ ପାଇବ ତାହା ଅନିଶ୍ଚିତତା ଦେଇ ଗତି କରୁଛି। ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଆରମ୍ଭ ହୋଇଥିବା ଏହି ଶୁଣାଣି ବେଳେ ସର୍ବୋଚ୍ଚ ନ୍ୟାୟାଳୟ ଏକାଧିକ ଗୁରୁତର ଅଭିଯୋଗରେ ସୁଧାର ଆଣିବାକୁ ଦେଇଥିବା ନିର୍ଦ୍ଦେଶ କେତେଦୂର କାର୍ଯ୍ୟକାରୀ ହେଲା ତାହା ଯାଞ୍ଚ ପରିସରକୁ ଆସିବା ପୂର୍ବରୁ ମତଦାନ ଓ ଗଣତି ଶେଷ ହୋଇଗଲା। ଏବେ ସେହି ବିବାଦ ପୁଣି ପଶ୍ଚିମବଙ୍ଗରେ ମୁଣ୍ଡ ଟେକିଛି। ଯେତେଦୂର ମନେ ହୁଏ, ବାଛବିଚାରମୂଳକ ଭୋଟରଙ୍କ ନାମ ତାଲିକାରୁ କାଟିବା ହିଁ ହେଉଛି 'ଏସଆଇଆର'ର ଉଦ୍ଦେଶ୍ୟ। ବିଶେଷକରି ନିର୍ବାଚନ ପୂର୍ବରୁ ସୀମିତ ସମୟ ମଧ୍ୟରେ ତ୍ୱରିତ ଭୋଟର ତାଲିକା ସଂଶୋଧନ ଯେ ଉଦ୍ଦେଶ୍ୟରହିତ ଏକଥା କୁହାଯାଇ ନ ପାରେ। ପରିଲକ୍ଷିତ ବିଦ୍ୱେଷପୂର୍ଣ୍ଣ ବିଭ୍ରାଟ ସୁଧାରିବା ପୂର୍ବରୁ ନିର୍ବାଚନ ଆସିଯାଉଥିବାରୁ ନ୍ୟାୟାଳୟ ନିଜକୁ ଅସହଜ ମନେ କରୁଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ବିଶିଷ୍ଟ ପରିବେଶବିତ୍ ତଥା ବୈଜ୍ଞାନିକ ସୋନମ ୱାଙ୍ଗଚୁକଙ୍କ ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟ ଯେଭଳି ସମ୍ବେଦନା ପ୍ରକାଶ କରିଛନ୍ତି ତାହା ପ୍ରଶଂସନୀୟ।

ମମତା ବାନାର୍ଜୀଙ୍କୁ ବ୍ୟକ୍ତିଗତ ଭାବେ ସର୍ବୋଚ୍ଚ ନ୍ୟାୟାଳୟରେ ହାଜର ହୋଇ କାରସାଦିପୂର୍ଣ୍ଣ ଏସ୍ଆଇଆର ବିରୋଧରେ ଦାବି ଉପସ୍ଥାପନ କରିବା ସୁଯୋଗ ମିଳିବା ଭାରତୀୟ ନ୍ୟାୟିକ ଇତିହାସରେ ଏକ ବିରଳ ଘଟଣା। ବିଶେଷକରି ତାଙ୍କର ଆବେଗିକ ଉକ୍ତି - ରୁଦ୍ଧ ଦ୍ୱାରର କବାଟ ପଛରେ ନ୍ୟାୟ ଦାବି ଯେତେବେଳେ ଅଜଣା ଓ ଅଶୁଣା ହୋଇ ରହିଯାଏ ସେତେବେଳେ ମନେ ହୁଏ ନ୍ୟାୟ ମିଳିବାର ଶେଷ ଆଶାରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଛି। କେଉଁ ପରିସ୍ଥିତିରେ ବିରଳ ଭାବରେ ସଂଶୋଧନ ନାମରେ ମତଦାତାଙ୍କ ଭୋଟ ଅଧିକାରକୁ ହନନ କରାଯାଇଛି ତାହାର ପ୍ରତିଟି ଦିଗ ସଂପର୍କରେ ସେ ସୂଚନା ଦେଇଥିଲେ। କୌଣସିପ୍ରକାରେ ଉଦ୍ଦେଶ୍ୟ ହାସଲ ସକାଶେ ସମୟ ସୀମିତତାକୁ ଦୃଷ୍ଟିରେ ନ ରଖି ବିଏଲଓଙ୍କ ଉପରେ କେବଳ ମାତ୍ରାଧିକ ଚାପ ନୁହେଁ ଏପରିକି ତାଙ୍କ ଚାକିରି ନେଇଯିବାର ଭୟ ପ୍ରଦର୍ଶନ କରୁଥିବାରୁ ୧୫୦ ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଏପରିକି ଭୋଟରଙ୍କ ନାମରେ ରହିଯାଇଥିବା ବନାନଗତ ତ୍ରୁଟି ଓ ବିବାହିତ କନ୍ୟାଙ୍କ ସାଂଗିଆ ପରିବର୍ତ୍ତନକୁ ଅଣଦେଖା କରି ଭୋଟର ତାଲିକାରୁ ସେମାନଙ୍କ ନାମ ବାଦ ଦିଆଯାଉଥିବା ସେ ଦର୍ଶାଇ ଥିଲେ। ଏଥିମଧ୍ୟରେ ରାଜ୍ୟର ୫୮ ଲକ୍ଷ ଭୋଟରଙ୍କ ନାମ ତାଲିକାରୁ କାଟିଦିଆଯାଉଥିବା ବେଳେ ଏହି ସଂଖ୍ୟା ୧.୨ କୋଟିରେ ପହଞ୍ଚାଇବା ପାଇଁ ପ୍ରୟାସ ଚାଲିଛି। ଆୟୋଗଙ୍କ ପକ୍ଷରୁ ଚିରାଚରିତ ଢଙ୍ଗରେ ସମୟ ଗଡ଼ାଇବା ଉଦ୍ୟମକୁ ପ୍ରଧାନ ବିଚାରପତି ପ୍ରତ୍ୟାଖ୍ୟାନ କରି ପରବର୍ତ୍ତୀ ଶୁଣାଣି ସକାଶେ ଆସନ୍ତା ୯ ତାରିଖ ଧାର୍ଯ୍ୟ କରିଛନ୍ତି। ଏସବୁସତ୍ତ୍ୱେ ମମତା ଯେ କେତେଦୂର ନ୍ୟାୟ ପାଇବାକୁ ସମର୍ଥ ହେବେ ସେ ନେଇ ସନ୍ଦେହ ରହିଛି। ତେବେ ଏତିକି କୁହାଯାଇପାରେ କି ଏସଆଇଆର ପ୍ରକ୍ରିୟାର ନକାରାତ୍ମକ ଦିଗକୁ ରୋକିବାରେ କିଛିଟା ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପୁଣି ସେହି ପୁରୁଣା ଫର୍ମୁଲା, ଶୀଘ୍ର ନିର୍ବାଚନ ଘୋଷଣା କରି ହସ୍ତକ୍ଷେପକୁ ରୋକାଯିବାର ସମ୍ଭାବନାକୁ ଏଡ଼ାଇ ଦେଇ ହେବନି।

ସରକାର ନିଜ ପ୍ରତିଶ୍ରୁତିରୁ ଓହରି ଯାଇଥିବାରୁ ଲେହରେ ପ୍ରତିବାଦ ହିଂସାର ରୂପ ନେଇଥିବାରୁ ୨୦୨୫ ସେପ୍ଟେମ୍ବର ୨୬ ରୁ ବିଶିଷ୍ଟ ପରିବେଶବିତ୍ ୱାଙ୍ଗଚୁଙ୍ଗଙ୍କୁ ଏନଏସଏରେ ଗିରଫ କରାଯାଇଥିଲା। ଏହି ହିଂସାକାଣ୍ଡ ନେଇ ତାଙ୍କ ବିରୋଧରେ ଗୁରୁତର ଆରୋପ ସହ ଯେଉଁ ଦଲିଲ ଅଦାଲତରେ ଉପସ୍ଥାପନ କରାଯାଉଛି ସେଥିରେ ଜାମିନ ମିଳିବା ସମ୍ଭବ ନୁହେଁ। ସେବେଠାରୁ ସେ ଯୋଧପୁର ଜେଲରେ ଅଛନ୍ତି। ଗୁରୁତର ଅସୁସ୍ଥ ୱାଙ୍ଗଚୁକ୍‌ଙ୍କୁ ଜେଲରେ ଯଥୋଚିତ ଚିକିତ୍ସା ମିଳିବା କଷ୍ଟକର। ସର୍ବୋଚ୍ଚ ନ୍ୟାୟାଳୟ ଖଣ୍ଡପୀଠ ଲେହର ସ୍ଥିତି ଓ ତାଙ୍କ ଭୂମିକା ସଂପର୍କରେ ଯେ ଅବଗତ ନାହାନ୍ତି ତାହା ନୁହେଁ। ତେଣୁ ଆଇନଗତ ଯୁକ୍ତି ଓ ଉପସ୍ଥାପିତ ଦଲିଲର ବାଧ୍ୟବାଧକତା ସତ୍ତ୍ୱେ ମାନବିକତା ଦୃଷ୍ଟିକୋଣରୁ ଜାମିନ ପଥ ପରିଷ୍କାର କରିବାକୁ ପରାମର୍ଶ ଦେଇଥିଲେ। ଉଭୟ କ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ଭୂମିକା ନ୍ୟାୟପାଳିକା ପ୍ରତି ଆସ୍ଥା ଓ ବିଶ୍ୱାସକୁ ସୁଦୃଢ଼ କରିଛି।

## ମଣିପୁରରେ ଆଶାର ଆଲୋକ

ମଣିପୁରରେ ଜାତିଗତ ବିବାଦରୁ ଉପୁଜିଥିବା ହିଂସା ସବୁ ସୀମା ଅତିକ୍ରମ କରିଥିଲେ ମଧ୍ୟ କ୍ଷମତା ରାଜନୀତିର ସଂପୃକ୍ତି ଦୃଷ୍ଟିରୁ ତାହାକୁ ନିୟନ୍ତ୍ରଣ କରାଯାଇ ପାରିନଥିଲା। ମୁଖ୍ୟମନ୍ତ୍ରୀ ବୀରେନ୍ ସିଂହଙ୍କ ଅସାମର୍ଥ୍ୟ ସତ୍ତ୍ୱେ ୨୦୨୩ ମେ' ୩ରୁ ମୁଣ୍ଡ ଟେକିଥିବା ଏହି ହିଂସାକୁ ତାଙ୍କର ନିୟନ୍ତ୍ରଣରେ ଛାଡ଼ି ଦିଆଯାଇଥିଲା। ୨୦୨୫ ଫେବୃଆରୀରେ ବୀରେନ ଇସ୍ତଫା ଦେବା ପରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିଲା। ମଣିପୁରରେ ସ୍ୱାଭାବିକ ପରିସ୍ଥିତି ଫେରିବା ଏବଂ ରାଜନୈତିକ ପ୍ରକ୍ରିୟା ଆରମ୍ଭ ପାଇଁ ପ୍ରାୟ ଏକବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା। ରାଜ୍ୟପାଳ ଅଜୟ କୁମାର ଭାଲ୍ଲା ପରସ୍ପର ବିରୋଧୀ ମୈତେୟୀ ଓ କୁକ୍ କି ସମ୍ପ୍ରଦାୟ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ଚଳାଇଥିବା ବୁଝାମଣା ଶେଷରେ ସଫଳ ହୋଇଛି। ନୂଆ ସରକାରରେ କୁକିଙ୍କ ପ୍ରତିନିଧିତ୍ୱ ଦୃଷ୍ଟିରୁ ଆସନ୍ତା ବର୍ଷ ହେବାକୁ ଥିବା ନିର୍ବାଚନ ପର୍ଯ୍ୟନ୍ତ ଏହି ସ୍ଥିତି ଅପରିବର୍ତ୍ତିତ ରହିବ ବୋଲି ଆଶା କରାଯାଉଛି।

ଇମ୍ଫାଲ ଓ ତାହାର ଆଖପାଖରେ ଥିବା ମୈତେୟୀ ସଂପ୍ରଦାୟଙ୍କ ପ୍ରାଧାନ୍ୟ ରାଜ୍ୟ ରାଜନୀତିରେ ଅତୁଟ ରହିଛି। ରାଜ୍ୟର ପାର୍ବତ୍ୟ ଅଞ୍ଚଳରେ ଅବସ୍ଥାନ କରୁଥିବା କୁକିଙ୍କ ଦାବି ଓ ଅଧିକାର ପ୍ରତି କ୍ଷମତା କ୍ରମାଗତ ଭାବେ ଅଣଦେଖା କରିଆସୁଥିବାରୁ ସେମାନଙ୍କ ମଧ୍ୟରେ ମୁଣ୍ଡ ଟେକୁଥିବା ଅସନ୍ତୋଷ ସାମୟିକ ହିଂସାର ରୂପ ନେଇଥାଏ। ରାଜ୍ୟରେ ୩୬ଟି ସଂପ୍ରଦାୟ ବସବାସ କରୁଥିଲେ ମଧ୍ୟ କ୍ଷମତା ରାଜନୀତିରେ ମୈତେୟୀଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କୁକି ହୋଇଥିବାରୁ ୨୦୨୩ ମେ'ର ଘଟଣା ପ୍ରବାହକୁ ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିବାକୁ ଛାଡ଼ି ଦିଆଯାଇଥିଲା। ଉତ୍ତର – ପୂର୍ବାଞ୍ଚଳ ଦେଶ ଏକ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ନିର୍ବାଚନ ପୂର୍ବରୁ ସେଠାରେ ସରକାର ଗଠନ ସକାଶେ ସୁଯୋଗ ସୃଷ୍ଟି କରାଗଲା। ବୀରେନ ସିଂହ ମନ୍ତ୍ରିମଣ୍ଡଳର ଅନ୍ୟତମ ପ୍ରମୁଖ ସଦସ୍ୟ ୱାଇ ଖେମଚାନ୍ଦ ସିଂହ କେବଳ ବିଜେପି ବିଧାୟକ ଦଳର ନେତା ନିର୍ବାଚିତ ହୋଇନାହାନ୍ତି ତାଙ୍କ ପ୍ରତି ୪୫ ରୁ ଅଧିକ ମୈତେୟୀ ସଂପ୍ରଦାୟର ବିଧାୟକଙ୍କ ସମର୍ଥନ ମଧ୍ୟ ଅଛି। ଗତ ୩ ତାରିଖରେ ସେ ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି। ଚୁକ୍ତି ଅନୁଯାୟୀ କୁକି ସଂପ୍ରଦାୟକୁ ଉପମୁଖ୍ୟମନ୍ତ୍ରୀ ପଦ ମିଳିଛି। ଉପମୁଖ୍ୟମନ୍ତ୍ରୀ ମହିଳା ହୋଇଥିବାରୁ ରାଜ୍ୟରେ ଏକ ସୁରକ୍ଷିତ ବାତାବରଣ ସୃଷ୍ଟି ହେବାର ଆଶା କରାଯାଏ। କିନ୍ତୁ ବିଜେପିର ରାଜନୈତିକ ସ୍ୱାର୍ଥ ରକ୍ଷା ଓ ନିର୍ବାଚନ ରାଜନୀତି ପରିଚାଳନାରେ ଖେମଚାନ୍ଦ କେତେଦୂର ସମର୍ଥ ହେବେ ତାହା ସମୟ କହିବ।

# ମଣିଷ ଜୀବନର ସୁରକ୍ଷିତ ପଥ

**ଡ.ବିମଳ ଷଡ଼ଙ୍ଗୀ**

କଷ୍ଟକୁ ଲାଘବ କରି 'ଆରାମ'ରୁ ଅତ୍ୟନ୍ତ ଆରାମଦାୟକ ଜୀବନ ଶୈଳୀ ପାଇବା ପାଇଁ ମଣିଷକୁ ହଜାର ହଜାର ବର୍ଷ ଧରି ସଂଘର୍ଷ କରିବାକୁ ପଡ଼ିଛି। ଆଦିମ ଯୁଗରୁ ଖାଦ୍ୟ ପାଇଁ ଶିକାର, ପ୍ରାକୃତିକ ବିପର୍ଯ୍ୟୟ ଓ ବନ୍ୟପ୍ରାଣୀଙ୍କ ଆକ୍ରମଣରୁ ନିଜର ସୁରକ୍ଷା ଆଦି ମଣିଷ ପାଇଁ ସବୁଠାରୁ ବଡ଼ ସମସ୍ୟା ଥିଲା। ସେ ସମୟରେ 'ଆରାମ' ର ଅର୍ଥ ଥିଲା ଏକ ସୁରକ୍ଷିତ ଗୁମ୍ଫା, ପେଟପୂରା ଖାଦ୍ୟ ଏବଂ ରାତିରେ ଭୟବିହୀନ ନିଦ୍ରା। କୃଷିର ବିକାଶ ପରେ ଯାଯାବର ଜୀବନରୁ ସ୍ଥାୟୀ ବସବାସ ସହିତ ଗ୍ରାମ, ସହର ସଭ୍ୟତା ଗଢ଼ିଉଠିଲା। ମାତ୍ର ବିଜ୍ଞାନର ବିକାଶ ପରେ 'ଆରାମ'ର ସଂଜ୍ଞା ବଦଳି ନିଶ୍ଚିତ ଫସଲ, ସୁରକ୍ଷିତ ବାସଗୃହ ଓ ସାମୂହିକ ଜୀବନ ନିର୍ବାହ ପଦ୍ଧତିକୁ ଅଗ୍ରାଧିକାର ଭାବେ ଗ୍ରହଣ କରାଗଲା। ମନୁଷ୍ୟ ବୁଝିଥିଲା ଯେ, କଷ୍ଟ କମିଲେ ଚିନ୍ତା କରିବାକୁ ସମୟ ମିଳେ ଏବଂ ଚିନ୍ତା ହିଁ ଉନ୍ନତିର ମୂଳ ଶକ୍ତି। ଶିଳ୍ପ ବିପ୍ଳବ ଏହି 'ଆରାମ'କୁ ଆବଶ୍ୟକତା ବଦଳରେ ଅଧିକାର ଭାବରେ ଉପସ୍ଥାପନ କରିବାକୁ ଲାଗିଲା।

ସମୟକ୍ରମେ ବିନା ଶାରୀରିକ ଓ ମାନସିକ କର୍ମରେ 'ଆରାମ'ର ଅତ୍ୟାଧିକତା ଆଜି ଏକ ସମସ୍ୟା ଭାବରେ ଉଭା ହୋଇଛି। ନିଆଁର ଉଦ୍ଭାବନ ପୂର୍ବରୁ ମଣିଷ ବଣରେ ରହି କଞ୍ଚା ଫଳମୂଳ ଓ ପଶୁପକ୍ଷୀଙ୍କ କଞ୍ଚା ମାଂସ ଖାଇ ହୃଷ୍ଟପୁଷ୍ଟ ଭାବରେ ବଞ୍ଚୁଥିଲା। ନିଆଁର ଉଦ୍ଭାବନ ପରେ ସୁସ୍ୱାଦୁ ଖାଦ୍ୟ ଖାଇଲା ଏବଂ ବିଦ୍ୟୁତ ଦ୍ୱାରା ଅନ୍ଧାରକୁ ଭୁଲିଗଲା। ଚକର ଉଦ୍ଭାବନ ପରେ ମଣିଷ ପାଦରେ ଚାଲିବା ମଧ୍ୟ ଭୁଲିଗଲା। କୃଷି ପାଇଁ ହଳବଳଦ ବଦଳରେ ଟ୍ରାକ୍ଟର ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି, ରାସାୟନିକ ସାର, ପୋକମରା ଔଷଧ ମାଧ୍ୟମରେ ଅଧିକ ଅମଳ ଆଜି ପରିବେଶ ପାଇଁ ବିପଦ ସୃଷ୍ଟି କରିଛି। କଳକାରଖାନାରୁ ଅଧିକ ସୁନ୍ଦର ଦ୍ରବ୍ୟ ପାଇ ଖୁସି ମିଳୁଛି; ତା'ସହିତ ସ୍ୱଚ୍ଛ ପାନୀୟ ଜଳ, ବାୟୁ ଓ ମୃତ୍ତିକା ଆଜି ସ୍ୱପ୍ନ ହେବାକୁ ବସିଛି।

ବୈଷୟିକ ଜ୍ଞାନକୌଶଳର ପ୍ରତ୍ୟେକ ଉଦ୍ଭାବନ ଦେଶ ଭିତରେ ରହିଥିବା ଦୂରତାକୁ କମାଇ ଦେଇଛି। ପ୍ରତ୍ୟେକ ଥର ନିର୍ବାହ ପ୍ରଣାଳୀ ସହଜ ହେବା ପରେ ମଣିଷ ପୁଣି କିଛି ଅନୁଭବ କରିବା ପାଇଁ ନୂତନ ଉପାୟ ଉଦ୍ଭାବନ କରିଚାଲିଛି। ବର୍ତ୍ତମାନ ଆମେ ଏପରି ଦୁନିଆରେ ବାସ କରୁଛନ୍ତି, ଯେଉଁଠାରେ ନିଜର କମ ଶାରୀରିକ ଓ ମାନସିକ ପରିଶ୍ରମ ଯୋଗୁଁ ଅର୍ଥ ବିନିମୟରେ ଟ୍ରେଡମିଲ୍‌ରେ ଦିନକୁ ୧ ଘଣ୍ଟା ସମୟ ଦେବାକୁ ବାଧ୍ୟ କରାଯାଉଛି। ଶାରୀରିକ କାମ ପାଇଁ ଲୁହାର ବିଭିନ୍ନ ଓଜନ ଉଠାଇବାକୁ ପଡୁଛି। ଦିନକୁ ୪ କିଲୋମିଟର ଦୌଡ଼ିବାକୁ ପଡୁଛି। ଯୋଗ ଓ ବ୍ୟାୟାମ କରି ସ୍ୱାସ୍ଥ୍ୟ ରକ୍ଷା କରିବାକୁ ପଡୁଛି। ଜୀବନ ଜିଇଁବା ପାଇଁ ବିଭିନ୍ନ ଆପ୍‌ର ଟିପ୍‌ସ(ପରାମର୍ଶ) ଉପରେ ନିର୍ଭର କରିବାକୁ ପଡୁଛି, ଯାହା ଆଧୁନିକ ବିଜ୍ଞାନର ବିଳାସପୂର୍ଣ୍ଣ ଉତ୍ପାଦର ଦାନ।

ତେବେ ପ୍ରଶ୍ନ ଉଠେ ବିଜ୍ଞାନ ଦ୍ୱାରା ପ୍ରାପ୍ତ ଉପକରଣ ଆମର ସୁବିଧା ପାଇଁ ଉପଯୋଗ କରିବା ପରେ ପୁଣିଥରେ ଅର୍ଥ ନଷ୍ଟ କରି ଶାରୀରିକ ଓ ମାନସିକ କଷ୍ଟ କାହିଁକି କିଣୁଛନ୍ତି? କେବଳ ନୂଆ ଉତ୍ପାଦ ନାମରେ ଆମ ଶ୍ରମ ବିନିମୟରେ କିଛି ବିଦେଶୀ ଓ ସ୍ୱଦେଶୀ ବ୍ୟକ୍ତିଙ୍କୁ ଧନୀ କରି ସେମାନଙ୍କ ହାତର ସଖିକଣ୍ଢେଇ ହୋଇ ନାଚୁଛନ୍ତି। ପ୍ରଥମେ ମାଗଣାରେ ହାତରେ ମୋବାଇଲ ଓ ଇଣ୍ଟରନେଟ୍ ଧରାଇ ଆମକୁ ନିଶାଖୋର କରିସାରିବା ପରେ ଏବେ ଆଉ କିଛି ବ୍ୟବସାୟୀଙ୍କ ମାଧ୍ୟମରେ ଆମକୁ ନିଶା ମୁକ୍ତ କରିବାକୁ ଯୋଗ, ପ୍ରାଣାୟମ ଆଦି ଯୋଜନା କରି ସରଳ ଜନତାଙ୍କ ଶୋଷଣ କରି ରାତାରାତି କୋଟି କୋଟି ଟଙ୍କା ବ୍ୟବସାୟର ମାଲିକ ହୋଇଛନ୍ତି।

ଆଜି ମଣିଷ ବଟନ ଟିପିଲେ ଖାଦ୍ୟ, ମନୋରଞ୍ଜନ, ସାମଗ୍ରୀ ସବୁକିଛି ସୁବିଧାରେ ଘରେ ପହଞ୍ଚି ଯାଉଛି। ଆଧୁନିକତାରେ ସୁବିଧା ଅତ୍ୟନ୍ତ ବୃଦ୍ଧି ପାଇଛି। କିନ୍ତୁ ସେଇ ସୁବିଧା ମନୁଷ୍ୟର ଶାରୀରିକ ଓ ମାନସିକ କ୍ଷମତାକୁ ଶୂନ୍ୟ କରିଚାଲିଛି, ଯାହା ମଣିଷକୁ ସହଜରେ ପଶୁରେ ପରିଣତ କରିପାରେ। ଡାକ୍ତରୀ ଗବେଷଣା ସୂଚିତ କରେ ଯେ, ଆଜିର ଯୁବପିଢ଼ି ପୂର୍ବ ଦଶକର ଲୋକଙ୍କ ତୁଳନାରେ ୩୦% କମ୍ ସକ୍ରିୟ। ତେଣୁ ସମସ୍ତ ରୋଗର ମୂଳ କାରଣ ଆଳସ୍ୟ, ଯାହା ଅତ୍ୟାଧୁନିକ ସୁବିଧା ଦ୍ୱାରା ଜାତ ହୃଦରୋଗ, ମଧୁମେହ, ପୃଥୁଳତା, ରକ୍ତଚାପ ପରି ଅନେକ ରୋଗର ମୂଳ କାରଣ। ଆମେ ଯେଉଁ କାମ ନିଜେ କରିପାରିବା, ସେଗୁଡ଼ିକୁ ଯନ୍ତ୍ର ମାଧ୍ୟମରେ କରିବା ଦ୍ୱାରା ମନୁଷ୍ୟକୁ ଶାରୀରିକ ଭାବେ ଅକ୍ଷମ ଓ ନିର୍ଭରଶୀଳ ହେବା ପାଇଁ ପ୍ରେରିତ କରୁଛି।

ଅତ୍ୟଧିକ 'ଆରାମ' ମାନସିକ ସ୍ତରରେ ଅଧିକ କ୍ଷତି କରେ। ସଂଘର୍ଷ, ଧୈର୍ଯ୍ୟ, କଷ୍ଟ ସହିବା ସାମର୍ଥ୍ୟ, ଅନୁଶାସନ, ସୃଜନଶୀଳତା, ଦାୟିତ୍ୱବୋଧ ଆଦି ଗୁଣଗୁଡ଼ିକ ଅତ୍ୟଧିକ ଆରାମ ପ୍ରଭାବରେ କ୍ରମେ କ୍ରମେ ହ୍ରାସ ପାଉଛି। ଅତ୍ୟାଧିକ ସୁବିଧାରେ ଥିବା ଲୋକ କଷ୍ଟ ଭୋଗିବାକୁ ଭୟ କରିବା ସହିତ ଅପରିଚିତ ପରିସ୍ଥିତିରୁ ନିଜକୁ ସଙ୍କୁଚିତ କରିଥାଆନ୍ତି। ଦୃଢ଼ ମନୋବଳ ଓ ସଂଘର୍ଷର ଅଭାବ ମନକୁ ଶକ୍ତିହୀନ କରିବା ସହିତ କଷ୍ଟ ସହିବାର କ୍ଷମତାକୁ ଲୋପକରିଥାଏ। ଭୋଗବାଦୀ ମନୋଭାବ ଓ ଆଧୁନିକ ସୁବିଧା ଅନେକଙ୍କୁ 'ପାଇବା ଅଭ୍ୟାସ' ଦ୍ୱାରା ପ୍ରଭାବିତ କରି ଦାୟିତ୍ୱହୀନ ଓ ଈର୍ଷାପରାୟଣ ଚିନ୍ତାଧାରାରେ ସମୃଦ୍ଧ କରିଥାଏ।

'ଆରାମ' ମନୁଷ୍ୟକୁ ଏକାକୀ କରି ଅନ୍ୟ ସହିତ ସମ୍ପର୍କକୁ ଛିନ୍ନ କରିଛି। ଆଜି ଲୋକମାନେ କଥାବାର୍ତ୍ତା କରିବା ଅପେକ୍ଷା ସ୍ମାର୍ଟଫୋନ୍ ସହିତ ଅଧିକ ସମୟ କଟାଇ ପାରିବାରିକ ସମ୍ପର୍କରୁ ବିରତ ରହି ଏକାଧିକ ଡିଜିଟାଲ୍ ଅନୁଭବର ଆତ୍ମୀୟତାରେ ନିଜକୁ ମଗ୍ନ କରୁଛନ୍ତି। ଏହା ଏକ ପିଢ଼ିଗତ ସମସ୍ୟା। 'ଆରାମ' ଯେଉଁଠି ଅଧିକ, ସେଠି ପରବର୍ତ୍ତୀ ପିଢ଼ି ଅଧିକ ଦୁର୍ବଳ ହେଉଛି। ଇତିହାସ କହେ, କଷ୍ଟ ଶକ୍ତି ସୃଷ୍ଟି କରେ, ଆରାମ ଅଳସତା ସୃଷ୍ଟି କରେ, ଅଳସତା ପତନ ସୃଷ୍ଟି କରେ, ପତନ ପୁନଃ ସଂଘର୍ଷକୁ ଜନ୍ମ ଦିଏ। ଏହିପରି ଏକ ଚକ୍ର ସବୁବେଳେ ଚାଲିଆସିଛି। ତେଣୁ ଅତ୍ୟଧିକ 'ଆରାମ' ଏମିତି ଗୋଟିଏ ଗୁପ୍ତ ମହାମାରୀ, ଯାହା ରୋଗ ଭଳି ଦେଖାଯାଏ ନାହିଁ, କିନ୍ତୁ ସମାଜର ମୂଳ ଶକ୍ତିକୁ ଧୀରେ ଧୀରେ କ୍ଷୀଣ କରିଥାଏ।

'ଆରାମ' ଆବଶ୍ୟକ ସତ୍ୟ। ଏହାର କୌଣସି ବିକଳ୍ପ ମଧ୍ୟ ନାହିଁ। କିନ୍ତୁ ବିପଦ ହେଉଛି ଯେତେବେଳେ 'ଆରାମ' ଦୈନନ୍ଦିନ ଜୀବନର ଅଭିନ୍ନ ଅଂଶ ହୋଇଯାଏ ଏବଂ ସଂଘର୍ଷ ପ୍ରତି ମନୁଷ୍ୟର ଇଚ୍ଛାଶକ୍ତି ଆସ୍ତେ ଆସ୍ତେ ଲୋପ ପାଏ ସେତେବେଳେ ମଣିଷ ନୂଆ ଆଶାକୁ ପାଥେୟ କରି ଚିରସ୍ଥାୟୀ ଉତ୍ପାଦ ମାଧ୍ୟମରେ 'ଆରାମ' ଖୋଜିବୁଲେ। 'ଆରାମ' ଆବଶ୍ୟକ, କିନ୍ତୁ ଅତ୍ୟାଧିକ 'ଆରାମ' ବିନାଶକାରୀ। ସଭ୍ୟତାର ସୁରକ୍ଷା ପାଇଁ ସୁବିଧା ଓ ସଂଯମ, ଆରାମ ଓ ପରିଶ୍ରମ ମଧ୍ୟରେ ସନ୍ତୁଳନ ଅତ୍ୟନ୍ତ ଆବଶ୍ୟକ। ଯେଉଁ ଜାତି ଇତିହାସର ଏହି ଶିକ୍ଷାକୁ ଅଣଦେଖା କରେ, ସେ ଜାତି ଧ୍ୱଂସଚକ୍ରରେ ପଡ଼ିବାକୁ ବାଧ୍ୟ ହୁଏ। 'ଆରାମ' ମଣିଷ ସଭ୍ୟତାର ଲକ୍ଷ୍ୟ ନହୋଇ ଏକ ଉପକରଣ ହେବା ଆବଶ୍ୟକ। ଯେତେବେଳେ 'ଆରାମ' ଜୀବନକୁ ସନ୍ତୁଳିତ କରେ, ସେତେବେଳେ ସେ ଉନ୍ନତିର ପଥ ଖୋଲିଥାଏ। କିନ୍ତୁ ଯେତେବେଳେ 'ଆରାମ' ଜୀବନର ଉଦ୍ଦେଶ୍ୟ ହୋଇଯାଏ, ସେତେବେଳେ ସେ ଅବନତିର କାରଣ ହୁଏ। ତେଣୁ ଆଜିର ଆବଶ୍ୟକତା 'ଆରାମ' ଓ 'ପରିଶ୍ରମ' ମଧ୍ୟରେ ସଠିକ୍ ସନ୍ତୁଳନ, ଯାହା ମନୁଷ୍ୟ ଭବିଷ୍ୟତର ସୁରକ୍ଷିତ ପଥ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮ ୯୨

# 'ଦଶମିନିଟ୍‌ର ପ୍ରତିଶ୍ରୁତି'ରେ ଜୀବନ ଓ ଜୀବିକା

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଆମେ ଏବେ ଏପରି ଏକ ଯୁଗରେ ବାସ କରୁଛନ୍ତି, ଯେଉଁଠାରେ ଆମକୁ ଖାଦ୍ୟ, ପୋଷାକ ଓ ସମସ୍ତ ସାମଗ୍ରୀ ଆଖିପିଛୁଳାକେ ଆବଶ୍ୟକ। ଆମର ଏହି ଅଧୈର୍ଯ୍ୟକୁ ବଜାର ଏକ ଲାଭଜନକ ବ୍ୟବସାୟରେ ପରିଣତ କରିଛି। କମ୍ପାନୀଗୁଡ଼ିକ ପ୍ରତିଶ୍ରୁତି ଦିଅନ୍ତି କେବଳ ଏକ ବଟନ୍ ଦବାନ୍ତୁ ଏବଂ ଦଶ ମିନିଟ ମଧ୍ୟରେ ସାମଗ୍ରୀ ଆପଣଙ୍କ ଦ୍ୱାରରେ ପହଞ୍ଚିଯିବ। ଏହା ଯାଦୁ ପରି ଶୁଣାଯାଏ, କିନ୍ତୁ ଏହି ଆକର୍ଷଣୀୟ ପ୍ରତିଶ୍ରୁତି ପଛରେ ଥିବା ସତ୍ୟ ଭୟଙ୍କର। ଭାରତର 'ଗିଗ୍' କର୍ମଚାରୀମାନେ ଗତି ଓ ସମୟସୀମା ଦ୍ୱାରା ପରିଚାଳିତ ଏକ ବ୍ୟବସାୟର ପ୍ରମୁଖ ଅଂଶ। ବ୍ୟବସାୟକୁ ସଫଳ କରିବା ପାଇଁ ଜୀବିକାର ସର୍କସରେ ସେମାନଙ୍କୁ ପ୍ରତିଦିନ ମୋଟରସାଇକେଲ୍ ଷ୍ଟଣ୍ଟ୍ କରିବାକୁ ହୁଏ। କିନ୍ତୁ ଦ୍ରୁତଗତିରେ ଯାଉଥିବା ସେହି ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ପ୍ରତ୍ୟେକ ମୁହୂର୍ତ୍ତରେ ସେମାନଙ୍କର ଚାକିରି ଓ ଜୀବନ ବିପଦରେ ପଡ଼ିଥାଏ।

ସମ୍ପ୍ରତି ସରକାର କମ୍ପାନୀଗୁଡ଼ିକୁ 'ଦଶ ମିନିଟ ଡେଲିଭରି' ଦାବି ବନ୍ଦ କରିବାକୁ କଠୋର ନିର୍ଦ୍ଦେଶ ଜାରି କରିଛନ୍ତି। ଯେତେବେଳେ ଏକ କମ୍ପାନୀ ଦଶ ମିନିଟରେ ସାମଗ୍ରୀ ପହଞ୍ଚାଇବାର ପ୍ରତିଶ୍ରୁତି ଦିଏ, ସେତେବେଳେ କମ୍ପାନୀ ତା'ର କର୍ମଚାରୀମାନଙ୍କୁ ମୃତ୍ୟୁର ଗର୍ତ୍ତରେ ଗାଡ଼ି ଚଲାଇବାକୁ ପରୋକ୍ଷ ନିର୍ଦ୍ଦେଶ ଦେଇଥାଏ। ଆମ ସହରର ରାସ୍ତା ବିଷୟରେ ସମସ୍ତେ ଜାଣିଛନ୍ତି। ଏପରିସ୍ଥିତିରେ ଦଶ ମିନିଟର ସମୟସୀମା ପାଳନ କରିବା ପାଇଁ ଡ୍ରାଇଭିଂ ନିୟମ ଉଲ୍ଲଂଘନ କରି ସେମାନେ ନିଜ ଜୀବନକୁ ବିପଦରେ ପକାନ୍ତି। ଏହି ସମଗ୍ର ଖେଳରେ ସବୁଠାରୁ କଷ୍ଟ ପାଆନ୍ତି ଡେଲିଭରି କର୍ମଚାରୀ, ଯାହାକୁ କମ୍ପାନୀଗୁଡ଼ିକ ସେମାନଙ୍କର 'ସହକର୍ମୀ' ବୋଲି କହୁଛନ୍ତି। ରୋଜଗାର ହରାଇବାର ନିରନ୍ତର ଧମକ ସେମାନଙ୍କ ମୁଣ୍ଡ ଉପରେ ଝୁଲୁଥାଏ। ଏହି ଚାପ ଏତେ ତୀବ୍ର ଯେ ସେମାନେ ନିଜର ସୁରକ୍ଷା ଭୁଲିଯା'ନ୍ତି। କମ୍ପାନୀଗୁଡ଼ିକ ପ୍ରାୟତଃ ଯୁକ୍ତି କରନ୍ତି, ସେମାନଙ୍କ ପାଖରେ ପ୍ରଯୁକ୍ତିବିଦ୍ୟା ଓ ନିକଟବର୍ତ୍ତୀ ଗୋଦାମ ଅଛି। ତେଣୁ ଏହା ସମ୍ଭବ। କିନ୍ତୁ କୌଣସି ପ୍ରଯୁକ୍ତିବିଦ୍ୟା ହଠାତ୍ ରାସ୍ତାରେ ଦେଖାଯାଉଥିବା ଟ୍ରାଫିକ୍ ସମସ୍ୟା ଦୂର କରିପାରିବ ନାହିଁ। ରାସ୍ତାର ବାସ୍ତବତା ଏୟାର କଣ୍ଡିସନ କୋଠରିରେ ବସି କରୁଥିବା ପରିସଂଖ୍ୟାନଠାରୁ ବହୁତ ଭିନ୍ନ।

'ଦଶ ମିନିଟ୍‌ର ପ୍ରତିଶ୍ରୁତି' ଏକ ପ୍ରତାରଣା, ଯାହା ଗ୍ରାହକମାନଙ୍କୁ ପ୍ରଲୋଭିତ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ପ୍ରତାରଣାକୁ ନିଷିଦ୍ଧ କରି, ସରକାର ଏକ ବାର୍ତ୍ତା ଦେଇଛନ୍ତି ଯେ ପ୍ରତ୍ୟେକଙ୍କର ବ୍ୟବସାୟ କରିବାର ଅଧିକାର ଅଛି, କିନ୍ତୁ ଜୀବନକୁ ବିପଦରେ ପକାଇ ନୁହେଁ। କମ୍ପାନୀଗୁଡ଼ିକୁ ଗତି ଅପେକ୍ଷା ସୁରକ୍ଷା ଉପରେ ଅଧିକ ଧ୍ୟାନ ଦେବା ଉଚିତ। ଏହି ପ୍ରସଙ୍ଗ କେବଳ ସରକାର ଓ କମ୍ପାନୀଗୁଡ଼ିକ ମଧ୍ୟରେ ନୁହେଁ, ବରଂ ଗ୍ରାହକମାନଙ୍କ ପାଇଁ ଏକ ଦର୍ପଣ ଭାବରେ ମଧ୍ୟ କାର୍ଯ୍ୟ କରେ। ଆମେ ନିଜକୁ ପଚାରିବା ଉଚିତ ଯେ ଆମକୁ ଏତେ ଶୀଘ୍ର କାହିଁକି ଦରକାର? ଦଶ ମିନିଟ୍ ମଧ୍ୟରେ ଆମ୍ବୁଲାନ୍ସ କିମ୍ବା ପୁଲିସ ପହଞ୍ଚିବା ଆବଶ୍ୟକ। କିନ୍ତୁ ଅନ୍ୟ କ୍ଷେତ୍ରରେ ଏହା ପ୍ରଯୁଜ୍ୟ ନୁହେଁ। ତୁରନ୍ତ ଆବଶ୍ୟକ ରୂପେ ଜିଦ୍ ଆମକୁ ଅସମ୍ବେଦନଶୀଳ କରିଦେଇଛି। ସରକାର ନିୟମ ପ୍ରଣୟନ କରି ତାଙ୍କ କାମ କରିଛନ୍ତି। କିନ୍ତୁ ପ୍ରକୃତ ପରିବର୍ତ୍ତନ ସେତେବେଳେ ଆସିବ ଯେତେବେଳେ ଆମେ ମାନସିକତା ବଦଳାଇବୁ।

ସରକାରଙ୍କ ନୂଆ ନିୟମ ଦ୍ୱାରା ଦୀର୍ଘ ସମୟ ଧରି ଅସୁବିଧାରେ ଥିବା କର୍ମଚାରୀମାନଙ୍କୁ ଆଉ ଦ୍ରୁତଗତିରେ ଦୁଇଚକିଆ ଯାନ ଚଳାଇ ନିଜ ଜୀବନକୁ ବିପଦରେ ପକାଇବାକୁ ପଡ଼ିବ ନାହିଁ। ଏହା ଦରମା ଓ ପ୍ରୋତ୍ସାହନ କାଟ ଭୟକୁ ମଧ୍ୟ ଦୂର କରିବ। ଅସ୍ଥାୟୀ କର୍ମଚାରୀମାନେ ଏହି ପରିବର୍ତ୍ତନ ପରେ ଖୁସି ପ୍ରକାଶ କରିଛନ୍ତି। ଡିସେମ୍ବର ୩୧, ୨୦୨୫ରେ, କର୍ମଚାରୀମାନେ ବିଭିନ୍ନ ଦାବି ସହିତ ଧର୍ମଘଟ କରିଥିଲେ। ସେମାନଙ୍କର ମୁଖ୍ୟ ଦାବି ଥିଲା ଦଶ ମିନିଟ୍ ଡେଲିଭରି ସମୟସୀମା ଉଚ୍ଛେଦ କରିବା। ସେମାନେ ବର୍ଦ୍ଧିତ ମଜୁରୀ ଓ ପ୍ରୋତ୍ସାହନ ମଧ୍ୟ ଦାବି କରିଥିଲେ। ଏହି କର୍ମଚାରୀମାନେ ପ୍ରକଳ୍ପ ଆଧାରରେ କାମ କରନ୍ତି। ସେମାନେ ସାଧାରଣତଃ ସ୍ୱନିଯୁକ୍ତ ଏବଂ ସ୍ୱାଧୀନ ଭାବରେ କାମ କରନ୍ତି। ପ୍ରାୟତଃ ଅନଲାଇନ୍ ପ୍ଲାଟଫର୍ମ ମାଧ୍ୟମରେ ଗ୍ରାହକଙ୍କ ସହିତ ସଂଯୋଗରେ ରୁହନ୍ତି। ସେମାନେ ଅସ୍ଥାୟୀ କର୍ମଚାରୀଙ୍କଠାରୁ ଭିନ୍ନ। କାରଣ ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ନିଯୁକ୍ତି ଦିଆଯାଇ ନାହିଁ ଏବଂ ସେମାନେ ଯେଉଁ କମ୍ପାନୀ ପାଇଁ କାମ କରନ୍ତି ସେମାନଙ୍କର କର୍ମଚାରୀ ନୁହନ୍ତି। ଅଧିକରୁ ଅଧିକ ବ୍ୟବସାୟ ଚାହିଦା ଅନୁଯାୟୀ, ସ୍ଥାନାନ୍ତରିତ ହେଉଥିବାରୁ 'ଗିଗ୍' କର୍ମଚାରୀଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ଏହିପ୍ରକାରର କାର୍ଯ୍ୟ ବ୍ୟବସ୍ଥା ପ୍ରାୟତଃ ପରିବହନ, ଖାଦ୍ୟ ବିତରଣ ଓ ଘରୋଇ ସେବା ଭଳି ଶିଳ୍ପରେ ଦେଖାଯାଏ।

ନିତି ଆୟୋଗର ୨୦୨୨ ରିପୋର୍ଟ ଅନୁଯାୟୀ, ୨୦୨୦ ମସିହାରେ ଭାରତରେ ପ୍ରାୟ ୭୭ଲକ୍ଷ 'ଗିଗ୍' କର୍ମଚାରୀ ଥିଲେ, ଯାହା ୨୦୩୦ ସୁଦ୍ଧା ୨. ୩୫ କୋଟିକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ୨୦୧୯ ରୁ ୨୦୨୨ ମଧ୍ୟରେ 'ଗିଗ୍' ଅର୍ଥନୀତିରେ ୧୬ ରୁ ୨୩ ବର୍ଷ ବୟସର ଯୁବକମାନଙ୍କ ଅଂଶଗ୍ରହଣ ଆଠଗୁଣ ବୃଦ୍ଧି ପାଇଛି। ଉପଭୋକ୍ତାବାଦୀ ଯୁଗରେ, ସମୟୋଚିତ ସେବାର ଚାହିଦା ବୃଦ୍ଧି ଏବଂ ବିଶ୍ୱବ୍ୟାପୀ କମ୍ପାନୀଗୁଡ଼ିକ ଲାଭ ପାଇଁ ଉନ୍ନତ ସେବାପ୍ରଦାନର ପ୍ରତିଯୋଗିତା କରୁଛନ୍ତି। ଏହା ସତ ଯେ ଗ୍ରାହକମାନେ ବଜାର ଅର୍ଥନୀତି ପ୍ରତିଯୋଗିତାର ସବୁଠାରୁ ବଡ଼ ଲାଭାର୍ଥୀ। ଦୁର୍ଭାଗ୍ୟବଶତଃ, ଲାଭ ଉପଭୋଗ କରିବା ସମୟରେ ବିଶେଷକରି ଭାରତ ଭଳି ବିକାଶଶୀଳ ଦେଶଗୁଡ଼ିକରେ, ଆମେ ଭୁଲିଯାଆନ୍ତି ଯେ ତୁରନ୍ତ ସେବା ପ୍ରଦାନ କରୁଥିବା ଶ୍ରମିକମାନେ ମଧ୍ୟ ଏହି ସମାଜର ଅଂଶ।

ସରକାରୀ କ୍ଷେତ୍ରରେ ଚାକିରି ସଂଖ୍ୟା ସୀମିତ ଥିବାରୁ କାମ ଖୋଜୁଥିବା ଲୋକଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ତେଣୁ ଦେଶର ସର୍ବାଧିକ ନିଯୁକ୍ତି ପ୍ରଦାନ କରୁଥିବା ଅସଂଗଠିତ କ୍ଷେତ୍ରର ସମସ୍ୟା ସମାଧାନ କରିବା ସରକାରଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତ ସରକାରଙ୍କୁ ଏବେ ଶ୍ରମିକଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଗତି ଓ ସୁରକ୍ଷାକୁ ଧ୍ୟାନରେ ରଖି ପଦକ୍ଷେପ ନେବାକୁ ପଡ଼ିବ। ଏହାଦ୍ୱାରା ଏହି କର୍ମୀମାନେ ସୁରକ୍ଷିତ କର୍ମଶକ୍ତି ହୋଇପାରିବେ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ପ୍ରାଚୀନ ଭାରତୀୟ ସାହିତ୍ୟରେ କଳିଙ୍ଗ ଓ ଉତ୍କଳ

**ପ୍ରବୀର କୁମାର ପଟ୍ଟନାୟକ**

### ଓଡ଼ିଶାର ବୌଦ୍ଧ ପରମ୍ପରା

*ପୂର୍ବପ୍ରକାଶିତ ଉତ୍ତାରୁ...*

**ବ୍ରାହ୍ମଣ୍ୟ ସାହିତ୍ୟରେ ଉତ୍କଳ:** ପୌରାଣିକ ପରମ୍ପରା ମୁତାବକ ମନୁଙ୍କର ଦଶଜଣ ପୁତ୍ର ସନ୍ତାନଙ୍କ ମଧ୍ୟରୁ ଇଳା ସୁଦ୍ୟୁମ୍ନ ଜଣେ କିଂପୁରୁଷ (ଦେବମାନବ ଅଥବା ଅଦ୍ଭୁତ ପୁରୁଷ) ଥିଲେ। କାଳକ୍ରମେ ଇଳା ଉତ୍କଳ, ବିନିତାଶ୍ୱ ଓ ଗୟା ନାମକ ତିନିଗୋଟି ପୁତ୍ରଙ୍କର ଜନକ ହୋଇଥିଲେ। ଏହି ତିନିଜଣ ପୁତ୍ର କ୍ରମେ ଉତ୍କଳ, ଗୟାପୁରୀ ଆଦି ରାଜ୍ୟ ଭୋଗ ଦଖଲ କରିଥିଲେ। ଏଥିରୁ ଉତ୍କଳ ମଧ୍ୟ କଳିଙ୍ଗ ଭଳି ଏକ ପୌରାଣିକ / କଳ୍ପିତ ଉତ୍ପତ୍ତି ଲାଭ କରିଥିଲା।

'ମହାକାବ୍ୟ ସାହିତ୍ୟ'ରେ ଉତ୍କଳୀୟମାନେ ଅଧିକାଂଶ ସମୟରେ ଉଡ୍ର, ମେକଳ, କଳିଙ୍ଗ ଓ ଆନ୍ଧ୍ରବାସୀଙ୍କ ସହିତ ଦେଖାଯାଇଥା'ନ୍ତି ଏବଂ ମହାଭାରତର ଦ୍ରୋଣ ପର୍ବ ଦର୍ଶାଇଥାଏ କି କର୍ଣ୍ଣ ମେକଳ, କଳିଙ୍ଗ, ଆନ୍ଧ୍ର ଓ ଅନ୍ୟ ଦେଶଗୁଡ଼ିକ ସହ ଉତ୍କଳରେ ମଧ୍ୟ ବିଜୟ ଲାଭ କରିଥିଲେ। ସେହିଭଳି ରାମାୟଣରେ ସୁଗ୍ରୀବ ସୁଷେଣଙ୍କୁ ତାଙ୍କ ଅନୁଚରବର୍ଗଙ୍କୁ ଦକ୍ଷିଣର ଅନ୍ୟ ଦେଶଗୁଡ଼ିକ ସହିତ ମେକଳ, ଉତ୍କଳ ଓ ଦର୍ଶାର୍ଣ୍ଣକୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିବା ଦେଖାଯାଏ। 'ରଘୁବଂଶ'ରେ ତ ଉତ୍କଳ ଦେଶର ପରିସୀମା ଉତ୍ତରରେ କପିଶା ନଦୀ(ବର୍ତ୍ତମାନର ମେଦିନୀପୁର ଅଞ୍ଚଳର କସାଇ), ଦକ୍ଷିଣରେ କଳିଙ୍ଗ ଦେଶ ଆଉ ପଶ୍ଚିମରେ ମେକଳ ପର୍ବତାଞ୍ଚଳ ପର୍ଯ୍ୟନ୍ତ ବ୍ୟାପିଥିବା ଦର୍ଶାଯାଇଛି। ଐତିହାସିକ ପାର୍ଗିଟର ସଠିକ ଭାବେ ଉତ୍କଳର ଅବସ୍ଥିତିକୁ ଚିହ୍ନି କହିଥିଲେ ଉତ୍କଳ ହେଉଛି ଛୋଟନାଗପୁରର ଦକ୍ଷିଣ ଅଂଶ ଏବଂ ଉତ୍କଳୀୟମାନେ ବିନ୍ଧ୍ୟ ସଂପ୍ରଦାୟର। କାରଣ ଛୋଟନାଗପୁର ପର୍ବତାଞ୍ଚଳ ବିନ୍ଧ୍ୟାଞ୍ଚଳର ଏକ ଅଂଶ।



**ବୌଦ୍ଧ ସାହିତ୍ୟରେ ଉତ୍କଳ:** ମହାକାବ୍ୟ ତଥା ପୁରାଣ ସାହିତ୍ୟରେ ବର୍ଣ୍ଣିତ ଉତ୍କଳ ହେଉଛି ନିଃସନ୍ଦେହରେ ବୌଦ୍ଧ ପାଲି ସାହିତ୍ୟରେ ଉଲ୍ଲିଖିତ 'ଉକ୍କଳ' ଅଥବା 'ଓକ୍କଳ'। ଏହି ପ୍ରସଙ୍ଗକୁ ଅଧିକ ଦୃଢ଼ୀଭୂତ କରିଥାଏ 'ସୂତପିଟକ' ଅନ୍ତର୍ଗତ 'ଖୁଦ୍ଦକନିକାୟ'ର ଅପଦାନରେ ଉତ୍କଳକୁ ମେକଳ ସହିତ ଦର୍ଶାଯାଇଛି। 'ମଜ୍ଝିମନିକାୟ'ର 'ମହାଚତ୍ତାରୀସକ ସୁତ'ରେ କରାଯାଇଥିବା ବର୍ଣ୍ଣନା ମୁତାବକ ଉକ୍କଳ (ଉତ୍କଳ) ର 'ଉସ୍ସ' ଓ 'ବନ୍ନ' ନାମକୁ ଦୁଇଗୋଟି ସଂପ୍ରଦାୟ ପ୍ରକାଶ୍ୟ ଭାବେ ଏକ ନୂତନ ଦର୍ଶନ ଅଥବା ମତବାଦର ଅବଲମ୍ବନ କରୁଥିଲେ, ଯେଉଁଥିରେ କାରଣ, ପରିଣାମ ଓ ବାସ୍ତବତା ଅଥବା ସତ୍ୟର ମତବାଦକୁ ସୁସ୍ପଷ୍ଟ ଭାବରେ ଅସ୍ୱୀକାର କରିଥିଲେ। ଏହି ହେତୁରୁ ସେମାନଙ୍କୁ ଅହେତୁବାଦୀ, ଅକିରିଆବାଦୀ ତଥା ନାଥିକ (ନାସ୍ତିକ)ବାଦୀ ବୋଲି କୁହାଯାଉଥିଲା। ଆଚାର୍ଯ୍ୟ ବୁଦ୍ଧଘୋଷ ମଧ୍ୟ ଏହି 'ଉସ୍ସ' ଓ 'ଭନ୍ନ' ମାନଙ୍କୁ ଉକ୍କଳ (ଉତ୍କଳ) ଜନପଦର ବୋଲି ସ୍ପଷ୍ଟ ଭାବେ ଦର୍ଶାଇଛନ୍ତି। ଏହି ଦୁଇଗୋଟି ସଂପ୍ରଦାୟର ଲୋକମାନେ ଭଗବାନ ବୁଦ୍ଧଙ୍କ ଦ୍ୱାରା ଜେତବନରେ ପ୍ରଚାର କରାଯାଇଥିବା 'ମହାଚତ୍ତାରୀଶକ ସୂତ୍ର'ର ବାଣୀକୁ ଗ୍ରହଣ କରିଥିଲେ। ଏହି ବାଣୀ ଗ୍ରହଣ କଲା ପରେ ସେମାନେ କାରଣ, ପରିଣାମ ଓ ସତ୍ୟର ମତବାଦ, ଯାହାକୁ ଆଗରୁ ଅସ୍ୱୀକାର କରୁଥିଲେ ତାହାକୁ ପୁନର୍ବାର ସ୍ୱୀକାର କରିଥିଲେ।

ପ୍ରାରମ୍ଭିକ କାଳର 'ପାଲିବୌଦ୍ଧ ସାହିତ୍ୟ'ରେ ଦୁଇ ବଣିକ ଭ୍ରାତା 'ତପସ୍ସୁ' ଓ 'ଭଲ୍ଲିକ'ଙ୍କ ସଂପର୍କରେ ଏକ ଚିତ୍ତାକର୍ଷକ ପ୍ରସଙ୍ଗର ଉଲ୍ଲେଖ କରାଯାଇଛି। ଏହି ତଥ୍ୟ ମୁତାବକ ଉକ୍କଳର ଏହି ବଣିକ ଭ୍ରାତା ଦ୍ୱୟ ହେଉଛନ୍ତି ଭଗବାନ ବୁଦ୍ଧଙ୍କର ପ୍ରଥମ ମୂଳ ଦୁଇ ଶିଷ୍ୟ। ଭଗବାନ ବୁଦ୍ଧ ବୋଧିପ୍ରାପ୍ତିର ଅଷ୍ଟମ ସପ୍ତାହରେ ଯେତେବେଳେ ରାଜାୟତନ ବୃକ୍ଷଛାୟାରେ ବିଶ୍ରାମ ନେଉଥିଲେ ଉପରୋକ୍ତ ବଣିକ ଭାଇମାନେ ପାଞ୍ଚଶହ ବଳଦଗାଡ଼ିରେ ପଣ୍ୟଦ୍ରବ୍ୟ ନେଇ ମଧ୍ୟଦେଶ ଅଞ୍ଚଳକୁ ବାଣିଜ୍ୟ ଉଦ୍ଦେଶ୍ୟରେ ଭଗବାନ ବୁଦ୍ଧଙ୍କ ଆଶ୍ରୟ ସ୍ଥଳ ଦେଇ ଯାତ୍ରା କରୁଥିଲେ। ରାଜାୟତନ ବୃକ୍ଷ ନିକଟରେ ଏହି ବଣିକ ଭାଇଦ୍ୱୟଙ୍କର ପରିବାରର କେହି ମୃତ ବାନ୍ଧବଙ୍କ ପ୍ରେତ ଏମାନଙ୍କୁ ବୁଦ୍ଧଙ୍କ ନିକଟରେ ପ୍ରଣିପାତ କରି ଆଶୀର୍ବାଦ କାମନା କରିବା ନିମନ୍ତେ ପରୋକ୍ଷରେ ନିର୍ଦ୍ଦେଶ ଦେଇଥିଲେ। ଏମାନେ ସେହି ପ୍ରେତଦେବତାଙ୍କ ନିର୍ଦ୍ଦେଶକୁ ଗ୍ରହଣ କରି ଭଗବାନ ବୁଦ୍ଧଙ୍କୁ ପ୍ରଣିପାତ ପୂର୍ବକ ସେମାନଙ୍କ ପାଖରେ ରହିଥିବା ଚାଉଳ ପିଠା (ସମ୍ଭବତଃ ଦୀର୍ଘଦିନ ସଂରକ୍ଷିତ ରହୁଥିବା ଓଡ଼ିଶାର ଆରିଶା ପିଠା) ଓ ମହୁ ଅର୍ପଣ କରିଥିଲେ। ଭଗବାନ ବୁଦ୍ଧଙ୍କର ଏହିଭଳି ସେମାନେ ପ୍ରଥମ ଶିଷ୍ୟରୂପେ ସ୍ୱୀକୃତ ହୋଇଗଲେ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭ ୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ୩ଦିନିଆ ଗସ୍ତ ସାରି ପ୍ରତ୍ୟାବର୍ତ୍ତନ କଲେ ରାଷ୍ଟ୍ରପତି

# 'ପ୍ରତିକୂଳ ସ୍ଥିତିରେ ଦୃଢ଼ତା ସଫଳତା ଆଣେ'

ରାଇରଙ୍ଗପୁର, ୬।୨(ସମିସ)

ପ୍ରତିଟି ପ୍ରତିକୂଳ ପରିସ୍ଥିତିରେ ଦୃଢ଼ ନିଶ୍ଚଳ ହିଁ ସଫଳତା ଆଣି ଦେଇଥାଏ। କଠିନ ପରିଶ୍ରମ କରି ଦେଶର ବିକାଶ ଯାତ୍ରାରେ ସକ୍ରିୟ ଭାବେ ସମସ୍ତେ ଭାଗିଦାର ହେବାକୁ ଶିମିଳିପାଳ ମଧ୍ୟରେ ବସବାସ କରୁଥିବା ଜନସାଧାରଣଙ୍କୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩ ଦିନିଆ ଜିଲ୍ଲା ଗସ୍ତ ଶେଷ କରି ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗସ୍ତର ଶେଷ ଦିନରେ ସେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ମହିଳା ଓ ଯୁବକଙ୍କ ସହିତ ଆଲୋଚନା କରିଛନ୍ତି। ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ଏ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିକ୍ଷାର ଗୁରୁତ୍ୱ ଉପରେ ଉଲ୍ଲେଖ କରିଥିଲେ। ସେ ନିଜ ଗାଁ, ମାଟିର ଲୋକଙ୍କ ନିକଟକୁ ଆସିଛି। ମୁଁ କୌଣସି ଭାଷଣ ଦେବାକୁ ଆସିନି, ମୋ ଗାଁ ଲୋକ କେମିତି ଅଛନ୍ତି ତାହା ଜାଣିବା ପାଇଁ ଆସିଛି। ରାତ୍ର ରହଣି ଅବସରରେ ବର୍ତ୍ତମାନ ଉକ୍ତ ଅଞ୍ଚଳ ବାବଦରେ ଜାଣିବାକୁ ଚେଷ୍ଟା କରିଥିଲେ। ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ଅନ୍ୟାନ୍ୟ ସମସ୍ୟା ବାବଦରେ ଜାଣିଲେ ତାହାର ସମାଧାନ ନିମନ୍ତେ ରାସ୍ତା ସୃଷ୍ଟି କରିବା। ମଣିଷ ଜୀବନ ସୁବିଧା ମଧ୍ୟରେ ନୁହେଁ ଅସୁବିଧା ମଧ୍ୟରେ ତିଆରି ହୋଇଛି। ସମସ୍ୟା ମଧ୍ୟରେ ଆମେ ସମାଧାନ ପାଇଁ ନିଜର ସଂଘର୍ଷ ଜାରି ରଖିବା। ଜୀବନର ସମସ୍ୟା ସହ ସଂଘର୍ଷ କରି ଆଗକୁ ବଢ଼ିଲେ ଯେଉଁ ଖୁସି ମିଳେ, ତାହା ଅମୂଲ୍ୟ ଅଟେ। ନେବାରେ ନୁହେଁ ଦେବାରେ ହିଁ ଶକ୍ତି ଅଛି ମହତ୍ୱ ବି ଅଛି। ଆମେ କେତେ ଆମର ସମାଜକୁ ଦେଇଛୁ, ଆଉ ଆମେ କେତେ ପାଇବାକୁ ହକଦାର ଅଟୁ, ଜଙ୍ଗଲ ମଧ୍ୟରେ ରହିଛୁ ଜଙ୍ଗଲ ଆମର ବନ୍ଧୁ ଅଟେ। ସମସ୍ତେ କଠିନ ପରିଶ୍ରମ କରିବାକୁ ଓ ଦେଶର ବିକାଶ ଯାତ୍ରାରେ ସକ୍ରିୟ ଭାଗିଦାର ହେବାକୁ ଆହ୍ୱାନ ଜଣାଇଛନ୍ତି। ଉକ୍ତ କାର୍ଯ୍ୟକ୍ରମ ଜରିଆରେ ଶିମିଳିପାଳ ଅଭୟାରଣ୍ୟର ଆଦିବାସୀ ସମ୍ପ୍ରଦାୟର ଜନସାଧାରଣଙ୍କୁ ସଶକ୍ତ ହେବାକୁ ମତ ପ୍ରକାଶ କରିଛନ୍ତି।

- ମଣିଷ ଜୀବନ ସୁବିଧା ମଧ୍ୟରେ ନୁହେଁ, ଅସୁବିଧା ମଧ୍ୟରେ ତିଆରି
- ଦେଶର ବିକାଶ ଯାତ୍ରାରେ ଭାଗିଦାର ହେବାକୁ ଆହ୍ୱାନ







ପରେ ଶିମିଳିପାଳ ଅଭୟାରଣ୍ୟରୁ ସଡ଼କ ପଥ ଦେଇ ଯଶିପୁରର ଅନୁକୁଳପୁରସ୍ଥ ଅସ୍ଥାୟୀ ହେଲିପ୍ୟାଡ ଅଭିମୁଖେ ଗସ୍ତ କରିଥିଲେ। ବାୟୁସେନାର ସ୍ୱତନ୍ତ୍ର ହେଲିକ୍ୟାପ୍ଟର ଯୋଗେ ପ୍ରତ୍ୟାବର୍ତ୍ତନ କରିଥିଲେ। ହେଲିପ୍ୟାଡରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସାଂସଦ ନବଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ଏଡିଜି ଦୟାଲ ଗାଙ୍ଗୱାର, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଡଃ ପ୍ରକାଶ ଚାନ୍ଦ ଗୋଗିନେନି ପ୍ରମୁଖ ଉପସ୍ଥିତ ଥିଲେ।

## ଶିମିଳିପାଳରେ ଉପଲବ୍ଧ ହେଲା ୪ଜି ମୋବାଇଲ ସେବା



- ଉଦ୍‌ଘାଟନ କଲେ ରାଷ୍ଟ୍ରପତି
- ସୋଲାର ଦ୍ୱାରା ପରିଚାଳିତ ହେବ ଟାୱାର

ରାଇରଙ୍ଗପୁର: ବଣ, ପାହାଡ଼ ଘେରା ଶିମିଳିପାଳ ଅଭୟାରଣ୍ୟ ଭଳି ଉପାନ୍ତ ଅଞ୍ଚଳରେ ଆଉ ରହିବନି ନୋ-ନେଟୱର୍କ ସମସ୍ୟା। ଏବେ ଜଙ୍ଗଲ ମଧ୍ୟରେ ୪ଜି ମୋବାଇଲ ସେବା ଉପଲବ୍ଧ ହୋଇଛି। ଶିମିଳିପାଳ ଅଭୟାରଣ୍ୟରେ ବିଏସଏନଏଲ ପକ୍ଷରୁ ୪ଜି ମୋବାଇଲ ସେବା ପାଇଁ ୩ଟି ଟାୱାର ସ୍ଥାପନ କରାଯାଇଛି। ଗୁଡୁଗୁଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଏହା ଉଦଘାଟନ ହୋଇଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଉପସ୍ଥିତ ଥିଲେ। ପ୍ରାୟ ୨୭୫୦ ବର୍ଗ କିଲୋମିଟର ପରିବ୍ୟାପ୍ତ ଜଙ୍ଗଲରେ ଭୂପ୍ରକୃତି ଜଟିଳ ହେବାରୁ ସାଧାରଣ ମୋବାଇଲ ଟାୱାର କଭରେଜ ବହୁତ କମ୍ ରହିଛି। ସ୍ଥାନୀୟ ଗ୍ରାମବାସୀ ଓ ପର୍ଯ୍ୟଟକ ପ୍ରାୟତଃ ନୋ ନେଟୱର୍କ ସମସ୍ୟା ନେଇ ଅଭିଯୋଗ କରନ୍ତି। ଏହାର ସମାଧାନ ପାଇଁ ପ୍ରୟାସ କରାଯାଇଛି। ଶିମିଳିପାଳରେ ମୋବାଇଲ ସେବା ନିମନ୍ତେ ଟାୱାର ସ୍ଥାପନ ପାଇଁ ରାଜ୍ୟ ସରକାର ପ୍ରସ୍ତାବ ଦେଇଥିଲେ। ୨୦୨୫ ଫେବୃଆରୀରେ ଏନଟିସିଏ ଟିମ୍ ଅଞ୍ଚଳ ପରିଦର୍ଶନ କରି ମାର୍ଚ୍ଚ ମାସରେ କେତେକ ସ୍ଥାନରେ ଟାୱାର ସ୍ଥାପନ ନେଇ ଅନୁମତି ଦେଇଥିଲେ। କୋର୍ ଜୋନକୁ ବାଦ ଦେଇ କେବଳ କିଛି ଗ୍ରାମ ଓ ବଫର ଜୋନ୍ ଅଞ୍ଚଳରେ ସ୍ଥାପନ ନେଇ ଅନୁମତି ପ୍ରଦାନ କରିଥିଲେ। ଯାହାକୁ ନେଇ ୪ଟି ସ୍ଥାନରେ ମୋବାଇଲ ଟାୱାର ସ୍ଥାପନା କରାଯାଇଛି। ଯଶିପୁର ବ୍ଲକ ଅନ୍ତର୍ଗତ ଗୁଡୁଗୁଡୁଆ, ଅସ୍ତକୁଆଁରୀ ଓ ବାରସିଆରେ ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ମୋବାଇଲ ଟାୱାର ସେବା ଆରମ୍ଭ ହୋଇଛି। ଆସନ୍ତା ସପ୍ତାହକ ମଧ୍ୟରେ ନଅଁଶାରେ ମଧ୍ୟ ସେବା ଆରମ୍ଭ ହେବ ବୋଲି ବିଏସଏନଏଲ ଓଡ଼ିଶା ମୁଖ୍ୟ ଦୁଷ୍ମନ୍ତ କୁମାର ବେହେରା ସୂଚନା ଦେଇଛନ୍ତି। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ୫, ୦୦୦ରୁ ଉର୍ଦ୍ଧ୍ୱ ଲୋକମାନେ ଉପକୃତ ହୋଇପାରିବେ। ଉକ୍ତ ଟାୱାର ସୋଲାର ଦ୍ୱାରା ପରିଚାଳିତ ହେବ। ଆଜିଠୁ ମୋବାଇଲ ସେବା ସହ ଡିଜିଟାଲ ସେବା ମଧ୍ୟ ଯୋଡି ହୋଇ ରହିବେ।ଶିମିଳିପାଳ ଅଭୟାରଣ୍ୟ ଭଳି ଜଙ୍ଗଲ ପରିବେଶ ଓ ଉପାନ୍ତ ଅଞ୍ଚଳରେ ୪ଜି ମୋବାଇଲ ସେବା ଉପଲବ୍ଧ ଦ୍ୱାରା ତାଙ୍କର ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ସାଧିତ ହେବ। ପ୍ରଥମ ପର୍ଯ୍ୟାୟରେ ୪ କୋଟି ଟଙ୍କାର ବ୍ୟୟରେ ବିଏସଏନଏଲ ପକ୍ଷରୁ ୪ଟି ଟାୱାର ସ୍ଥାପନ କରାଯାଇଛି। ଆଗକୁ ମୟୁରଭଞ୍ଜ ଜିଲ୍ଲାରେ ୫୦ଟି ଟାୱାର ସ୍ଥାପନ ପାଇଁ ଚୂଡାନ୍ତ ହୋଇଛି। ଯେଉଁଠାରେ ମୋବାଇଲ ଟାୱାର ଉପଲବ୍ଧ ନାହିଁ, ତାହାର ଅନୁମତି ନେଇ ଟାୱାର ସ୍ଥାପନ ପ୍ରକ୍ରିୟା କରାଯିବ ବୋଲି ଶ୍ରୀ ବେହେରା କହିଛନ୍ତି।

## ସୁଗୋ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଜଳେଶ୍ୱର, ୬।୨ (ସମିସ) : ସୁଗୋ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୯୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାନ୍ତିଙ୍କ ପୌରହିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବିଧାୟକ ଅଶ୍ୱିନୀ ପାତ୍ର ଯୋଗଦେଇ ବାର୍ଷିକ ଉତ୍ସବ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ପ୍ରତିଭା ଅନ୍ୱେଷଣରେ ସୁଯୋଗ ସୃଷ୍ଟି କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନ ଯୋଗଦେଇ ଶିକ୍ଷା ଓ ପ୍ରଗତି ଗୋଟିଏ ମୁଦ୍ରାର ଦୁଇଟି ପାଶ୍ୱର୍ ହୋଇଥିବାରୁ ଉନ୍ନତ ଶିକ୍ଷା ଗ୍ରହଣ ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଜିଲାପରିଷଦ ଉପସଭାପତି ଅନୁସୂୟା ପ୍ରଧାନ, ଏବିଓ ସୁଶାନ୍ତ ଜେନା, ସରପଂଚ ଜୟନ୍ତୀ ପରିଡା, ସମିତି ସଦସ୍ୟା ଅନିତା ମହାନ୍ତି, ସ୍କୁଲ ପରିଚାଳନା କମିଟି ସଭାପତି ଶିବଶଙ୍କର ଜେନା, ସିଆର୍‌ସିସି ସମର ପରିଡା, ଗ୍ରାମ୍ୟମୁଖ୍ୟ ଦେବଜିତ୍ ପ୍ରଧାନ, ନାରାୟଣ ପରିଡା ପ୍ରମୁଖ ଯୋଗଦେଇ ପରିବେଶର ସୁରକ୍ଷା ଲାଗି ସମସ୍ତଙ୍କ ଲାଗି ଆହ୍ୱାନ ହୋଇଥିବାରୁ ପ୍ରତ୍ୟେକ ଗଛ ଲଗାଇବା ସହିତ ବାୟୁମଣ୍ଡଳକୁ ଦୂଷିତ ନ କରିବାକୁ କହିଥିଲେ। ନନ୍ଦଗୋପାଳ ପାତ୍ର ମଂଚ ଆହ୍ୱାନ କରିଥିବା ବେଳେ ଅନସୂୟା ଶୁର ବିବରଣୀ ପାଠ ଓ ଶୁଭସ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସରକାରଙ୍କ ନୂତନ ନିୟମ ଅନୁସାରେ ସ୍ୱଳ୍ପ ଛାତ୍ରସଂଖ୍ୟା ଯୋଗୁଁ ଦୁଇବର୍ଷ ଧରି ବନ୍ଦ ହୋଇଥିବା ବେଳେ ବିଧାୟକଙ୍କ ଉଦ୍ୟମରେ ପୁଣି ଏହି ବିଦ୍ୟାଳୟ ଚାଲୁ ହୋଇଥିବାରୁ ସରପଂଚ ଶ୍ରୀମତୀ ଜୟନ୍ତୀ ପରିଡାଙ୍କ ପକ୍ଷରୁ ଶ୍ରେଷ୍ଠ ଛାତ୍ରୀ ଲାଗି "ଅଶ୍ୱିନୀ ପାତ୍ର ମେଧା ପୁରସ୍କାର' ଓ ଶ୍ରେଷ୍ଠ ଛାତ୍ର ଲାଗି "ଅଭିଜିତ୍ ପ୍ରଧାନ ସ୍ମୃତି ସମ୍ମାନ' ପୁରସ୍କାର ପ୍ରତିବର୍ଷ ଦେବାଲାଗି ଲାଗି ହଶହଜାର ଟଙ୍କା ପରିଚାଳନା କମିଟିକୁ ପ୍ରଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ଗୀତ ପରିବେଶଣ କରାଯାଇଥିଲା।

## ଦୁର୍ଘଟଣାଗ୍ରସ୍ତ ଗୋରୁ ଗାଡି ଜବତ / ୨୯ ଗୋରୁ ଉଦ୍ଧାର, ଏକ ମୃତ

ସୋର,୬।୨(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ରେଳ ଓଭରବ୍ରିଜ ନିକଟ ପାର୍କ ହୋଟେଲ ନିକଟରୁ ଏକ ଗୋରୁ ବୋଝେଇ ଟ୍ରକ ଜବତ କରାଯିବା ସହିତ ଏଥିରେ ଥିବା ୨୯ଟି ଗୋରୁଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଗୋଟିଏ ଗୋରୁ ମୃତ୍ୟୁବରଣ କରିଥିବା ଜଣାପଡିଛି। ସୂଚନା ଅନୁସାରେ ଆଜି ସକାଳେ ଏକ ଟ୍ରକ ଭଦ୍ରକରୁ କଲିକତା ଅଭିମୁଖେ ଯାଉଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥ ରେଳ ଓଭରବ୍ରିଜ ନିକଟରେ ଆଗରେ ଯାଉଥିବା ଏକ ଟ୍ରକକୁ ପଛରୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ଗାଡିକୁ ଛାଡି ଚାଳକ ଓ ଖଲାସୀ ଫେରାର ହୋଇଯାଇଥିବା ବେଳେ ଗାଡିଟି ସେଠାରେ ଅଟକି ରହିଥିଲା। ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଂ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିକୁ ଯାଞ୍ଚ କରିବା ପରେ ଏଥିରେ ଗୋରୁ ଥିବା ଜାଣିବାକୁ ପାଇ ସୋର ପୁଲିସକୁ ଖବର ଦେଇଥିଲେ।ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିବା ସହିତ ଏଥିରେ ଥିବା ୨୯ ଟି ଗୋରୁଙ୍କୁ ଉଦ୍ଧାର କରିଥିବା ବେଳେ ଗୋଟିଏ ଗୋରୁର ମୃତ୍ୟୁ ହୋଇଯାଇଥିଲା। ଫଳରେ ପୁଲିସ ୨୮ ଟି ଗୋରୁକୁ ରେମୁଣା ବାମପଦାରେ ଥିବା ଗୋଶାଳାରେ ଛାଡିଥିବା ଜଣାପଡିଛି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ଗାଡିଟିକୁ ଥାନାରେ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ମହିଳାଙ୍କୁ ଘରେ ପଶି ଗଣଦୁଷ୍କର୍ମ ଅଭିଯୋଗ

ବାଲିଆପାଳ, ୬।୨ (ସମିସ)

ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅଞ୍ଚଳରେ ଲଜ୍ୟା ଜଣକ ଘଟଣା ଘଟିଛି। ୪ ଜଣ ଯୁବକଙ୍କ ଦ୍ୱାରା ଗଣଦୁଷ୍କର୍ମର ଶିକାର ହୋଇଥିବା ନେଇ ଜଣେ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ମହିଳା ଜଣକ ଘରେ ଏକୁଟିଆ ରହୁଥିବା ବେଳେ ତାଙ୍କ ସ୍ୱାମୀକୁ ମିଥ୍ୟା ମାମଲାରେ ଅବକାରୀ ବିଭାଗ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ଏହାର ସୁଯୋଗ ନେଇ ୪ ଜଣ ଯୁବକ ମହିଳାଙ୍କ ଘରେ ପଶି ଦୁଷ୍କର୍ମ କରିଥିବା ମହିଳା ଜଣକ ଘଟଣାର ପାଞ୍ଚ ଦିନ ପରେ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ଶନିବାର ଦିନ ଘଟଣା ଘଟିଥିବା ବେଳେ ପୀଡିତାଙ୍କୁ ଦୁଷ୍କର୍ମକାରୀମାନେ ଧମକ ଦେଇଥିଲେ। ଘଟଣା ପ୍ରକାଶ କଲେ ଜୀବନରୁ ମାରି ଦେବାର ଧମକ ଦେଇଥିଲେ। ଏଥିରେ ପୀଡିତା ଜଣକ ଭୟଭୀତ ହୋଇ ରାତିରେ ନିଜର ସ୍ୱାମୀ ରହୁଥିବା ସ୍ଥାନକୁ ଚାଲିଯାଇ ସ୍ୱାମୀଙ୍କ ସହଯୋଗ କ୍ରମେ ଗତ ବୁଧବାର ଦିନ ବାଲିଆପାଳ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିବା କହିଛନ୍ତି। ତେବେ ଅଭିଯୋଗ କରିବାର ତିନି ଦିନ ବିତିଯାଇଥିଲେ ମଧ୍ୟ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ସାଧାରଣରେ ଚର୍ଚ୍ଚା ଲାଗିରହିଛି।

**ଅଭିଯୋଗ ପାଇ ପୁଲିସର କାର୍ଯ୍ୟାନୁଷ୍ଠାନ ଶୂନ୍**

## ବାଘୁଆ ମହୁମାଛି ଆକ୍ରମଣରେ ଦୁଇ ଗୁରୁତର

ନୀଳଗିରି, ୬।୨ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ବାଘୁଆ ମହୁମାଛି ଆକ୍ରମଣରେ ଦୁଇ ଜଣ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିବା ଜଣା ପଡ଼ିଛି। ଠିକ ସେହିଭଳି ଉକ୍ତ ପଞ୍ଚାୟତ ବାଉଁଶନାଳ ଗ୍ରାମର ରାଜେନ୍ଦ୍ର ମହାକୁଡ଼ଙ୍କ ଝିଅ





ହୋଇଥିବା ଜଣା ପଡ଼ିଛି। ସୂଚନା ମୁତାବକ ନୀଳଗିରି ବ୍ଲକ ଜଡ଼ିଡା ପଞ୍ଚାୟତ ଜାମୁଡ଼ିହି ସାହିର ପିତାମ୍ବର ସେଠୀ (୭୦) ଆଜି ପୂର୍ବାହ୍ନରେ ସଜନାଗଡ଼ ବଜାରରୁ କୌଣସି କାମ ସାରି ଘରେ ପହଞ୍ଚିବା ବେଳେ ଘର ପାଖ ଅର୍ଜୁନ ଗଛରୁ ବାଘୁଆ ମହୁମାଛି ପିତାମ୍ବରଙ୍କ ମୁହଁ, ହାତ, ଗୋଡ଼କୁ ଆକ୍ରମଣ କରିଥିଲେ। ମହୁମାଛି ଆକ୍ରମଣ ସେ ଗୁରୁତର ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଦୀପ୍ସିକା ମହାକୁଡ଼ (୧୬) ପୂର୍ବାହ୍ନ ୧୧ଟାରେ କୌଣସି କାର୍ଯ୍ୟ ସାରି ନିକଟ କ୍ଲିନିକରୁ ଫେରୁଥିବା ବେଳେ ବାଘୁଆ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ଏଥିରେ ତାଙ୍କର ହାତ, ମୁହଁ ଫୁଲି ଯାଇଥିବା ବେଳେ ଗୁରୁତର ହୋଇପଡ଼ିଥିଲେ। ତେବେ ତାଙ୍କୁ ତୁରନ୍ତ ନୀଳଗିରି ଡାକ୍ତରଖାନାକୁ ଅଣାଯାଇ ଚିକିତ୍ସିତ କରାଯାଉଛି। ତେବେ ଏହି ବାଘୁଆ ମହୁମାଛି ଆକ୍ରମଣ ରେ ଶିକାର ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ଏବେ ସ୍ଥିର ରହିଛି।

## ସୁନ୍ଦରପୁର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟିତ



ଖଇରା, ୬।୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁନ୍ଦରପୁରସ୍ଥିତ ନୀଳସୁନ୍ଦର ଜୀଉ ନବ କିଶୋର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶୁକ୍ରବାର ଦିନ, ସଭା, ସମ୍ବର୍ଦ୍ଧନା ସାଙ୍ଗକୁ ନୃତ୍ୟଗୀତର ତାଳେ ତାଳେ ଉଦଘାଟିତ ହୋଇ ଯାଇଛି। ପୁରାତନ ଛାତ୍ର ସଂଘର ସଭାପତି ମାନସ କୁମାର ମହାପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ଉଦଘାଟନୀ ସମାରୋହରେ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟା ଡ ଦାଶ ବେନହୁର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଜ୍ଞାନ ନଥିଲେ କର୍ମରେ ସଫଳତା ଆସେ ନାହିଁ। ଦେଶ, ଜାତି ଓ ସମାଜର ବିକାଶ ପାଇଁ ଶିକ୍ଷାୟତନ ଓ ଶିକ୍ଷକ ଭୂମିକା ସର୍ବାଗ୍ରେ ବୋଲି କହିଥିଲେ। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ବିଶିଷ୍ଟ କବି କାଳିପଦ ପଣ୍ଡା ସମ୍ମାନନୀୟ ବକ୍ତା, ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ନୟାଖଣ୍ଡି ସରପଞ୍ଚ ମମତା ବେହେରା, ପ୍ରଧାନଶିକ୍ଷକ ଯଶୋବନ୍ତ ନାୟକ, କମିଟିର କୋଷାଧ୍ୟକ୍ଷ ଚନ୍ଦ୍ରକାନ୍ତ କୁଅଁର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସକାଳେ ସୁବର୍ଣ୍ଣ ଜୟନ୍ତୀ ସମିତିର ସଭାପତି ଦିବାକର ବାରିକଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ପୂର୍ବାହ୍ନରେ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ପ୍ରସଙ୍ଗରେ ଏକ ଆଲୋଚନାଚକ୍ର ଓ ଅପରାହ୍ନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ ଓ ଏକକ ଅଭିନୟ ପ୍ରଦର୍ଶିତ ହୋଇଥିଲା।

## ଚଣ୍ଡୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନୀଳଗିରି, ୬।୨ (ସମିସ): ନୀଳଗିରି ବ୍ଲକ୍ ଅଧିନସ୍ଥ ସଜନାଗଡ ଚଣ୍ଡି ଉ.ପ୍ରା(ମ.ଇ) ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଧର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନୀଳଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମକେଶରୀ ପରିଡ଼ା, ମୁଖ୍ୟବକ୍ତା ଭାବେ ନୀଳଗିରି ସହକାରୀ ଗୋଷ୍ଠୀ ଶିକ୍ଷାଅଧିକାରୀ ଲମ୍ବୋଦର ସିଂ, ବିଶିଷ୍ଟ ଅତିଥି ଭାବେ ଜାମୁଡ଼ିହା ସ୍ଥିତ ଓଡିଶା ଆଦର୍ଶବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ ମଣ୍ଡଳ, ସମ୍ମାନନୀୟ ଅତିଥିଭାବେ ନୀଳଗିରିର ଅବସରପ୍ରାପ୍ତ ଏବିଇଓ ରବି ନାରାୟଣ ପରିଡ଼ା, ଭୁଦାରଚଣ୍ଡୀ ହାଇସ୍କୁଲର ପ୍ରଧାନଶିକ୍ଷୟତ୍ରୀ ସଂଯୁକ୍ତା ବାରିକ୍, ସଜନାଗଡ ସିଆରସିସି ବିଶ୍ୱଜିତ୍ ବେହେରା, ସଜନାଗଡ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସିଂ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ମହୋଦୟ ଭଲମଣିଷ ହେବାପାଇଁ ସମସ୍ତଙ୍କୁ ଆହ୍ୱାନ କରିବାସହ ଦେଶ ଓ ଜାତିର ସୁନାମ ରଖିବାପାଇଁ ସମସ୍ତେ ଚେଷ୍ଟା କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ଶ୍ରୀହରି ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ରତନ କୁମାର ସ୍ୱାଇଁ, ଶିକ୍ଷୟିତ୍ରୀ ସୁଜାତା ମିଶ୍ର, ଲଳିତା ମହାନ୍ତି, ବନପ୍ରିୟା ମହାନ୍ତି, ସୁକାନ୍ତି ଲତା ଦାସ, ଦମୟନ୍ତୀ ନାୟକ, ଓ ବିକସ୍ମୀତା ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ବିଜୟ ବିଶ୍ୱାଳ ସ୍ମାରକୀ କ୍ରିକେଟ ପ୍ରସ୍ତୁତି ବୈଠକ

ବାଲିଆପାଳ, ୬।୨ (ସମିସ): ବାସୁଦେବପୁର ବାବା ବ୍ରଜେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଜୟ ବିଶ୍ୱାଳ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ସମ୍ବନ୍ଧୀୟ ଏକ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭୈରବ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦେଉଳା ସରପଞ୍ଚ ସରୋଜ କୁମାର ପିଳା, ଯୁବ ସମାଜସେବୀ ଶ୍ରୀକାନ୍ତ ନାଥ, ଆଇନଜୀବୀ ଅର୍ଦ୍ଧେନ୍ଦୁ ବାରିକ, ମନ୍ମଥ ନାୟକ, ସମ୍ପାଦକ ଶୁଭେନ୍ଦୁ ଦାସ, ଉପ ସଭାପତି ଲିଟୁନ ପାତ୍ର, ସହ ସମ୍ପାଦକ ଚନ୍ଦନ ଦାସ, କୋଷାଧ୍ୟକ୍ଷ ଦିଗ ବିଜୟ ବିଶ୍ୱାଳ, ବସନ୍ତ ବାରିକ, ଅଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ନେଇ ଗୁରୁତ୍ୱାରୋପ କରିବା ସହ ସୁଚିନ୍ତିତ ମତାମତ ପୋଷଣ କରିଥିଲେ। ଏହି ବୈଠକରେ ବିଶ୍ୱାଳ ପରିବାର ତରଫରୁ ସ୍ୱର୍ଗତ ବିଜୟ ବିଶ୍ୱାଳଙ୍କ ସାନ ଭାଇ ଶିକ୍ଷକ ସୁଶାନ୍ତ ବିଶ୍ୱାଳ, ଗୋପାଳକୃଷ୍ଣ ବିଶ୍ୱାଳ ଓ ପୁତ୍ର ରାଜକିଶୋର ବିଶ୍ୱାଳ ଯୋଗ ଦେଇ ସମସ୍ତ ପ୍ରକାରର ସହଯୋଗ ନେଇ ଘୋଷଣା କରିଥିଲେ।



## ଯାତ୍ରୀଙ୍କ ସହ ଖେଳୁଛି ଗ୍ରାମ୍ୟ ଉନ୍ନୟନ ବିଭାଗ

# ୨ ବର୍ଷ ପରେ ବି ସରୁନି ମହ୍ଲାରୀ-କାଳିଆଗଡ଼ିଆ ରାସ୍ତା

ଖଇରା, ୬।୨ (ସମିସ)



- ପ୍ରତିକ୍ରିୟା ମାଗିଲେ ସାଧାରଣ ଲୋକଙ୍କୁ ଧମକ ଦେଉଛନ୍ତି ଠିକାଦାର
- କଳା ତାଲିକାଭୁକ୍ତ କରିବାକୁ ଗ୍ରାମବାସୀଙ୍କ ଦୃଢ଼ ଦାବି

ବାଲେଶ୍ୱର ଓ କେନ୍ଦୁଝରକୁ ସଂଯୋଗ କରୁଥିବା ମହ୍ଲାରୀ-କାଳିଆଗଡିଆ ଭାୟା ଧନିଆବନ୍ଧ ରାସ୍ତା ସରିବା ନାଁ ଗନ୍ଧ ଧରୁନାହିଁ। ୬ମାସ ମଧ୍ୟରେ ସାରିବାକୁ ଠିକାଦାର ଗ୍ରାମ୍ୟ ଉନ୍ନୟନ ବିଭାଗ ସହ ଚୁକ୍ତି କରିଥିବା ବେଳେ ୨ବର୍ଷ ପରେ ବି ୫୦ ଭାଗ କାମ ସରିପାରିନାହିଁ। ଠିକାଦାର ମନମାନିରେ କାମ କରୁଥିବାରୁ ଆରମ୍ଭ ହେବା ଦିନ ଠାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଆସୁଛନ୍ତି। ରାସ୍ତାର ନାଁ ମହ୍ଲାରୀ-କାଳିଆଗଡିଆ ଥିଲେ ହେଁ ମହ୍ଲାରୀ ଶୂନ ପଏଣ୍ଟରୁ ଆରମ୍ଭ କରାଯାଇନାହିଁ କିମ୍ବା କାଳିଆଗଡିଆ ଶେଷମୁଣ୍ଡ ଯାଏ ପହଞ୍ଚିପାରିନାହିଁ। ଏଷ୍ଟିମେଟରେ ଥିବା ପୋଲକୁ ମଧ୍ୟ ବାତିଲ କରାଯାଇଛି। ସରକାରୀ ଗାଇଡଲାଇନକୁ ଅଣଦେଖା କରି ଅର୍ଥ ଲୋଭରେ ରାସ୍ତା ନିର୍ମାଣ କରୁଥିବା ଠିକାଦାରଙ୍କ ଏଭଳି କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରାଯାଇ କଳାତାଲିକାଭୁକ୍ତ କରିବାକୁ ବିଭିନ୍ନ ଗ୍ରାମର ଅଧିବାସୀ ଅଜୟ କୁମାର ବେହେରା, ଚିନ୍ତାମଣି ପାଣିଗ୍ରାହୀ, କମଳାକାନ୍ତ ପଣ୍ଡା, ମଦନ ପୁହାଣ, ଜନ୍ମେଜୟ ତ୍ରିପାଠୀ ପ୍ରମୁଖ ଦାବି କରିଛନ୍ତି। ଉକ୍ତ ରାସ୍ତାର ନିର୍ମାଣ ୨୦୨୪ ମସିହା ମାର୍ଚ୍ଚ ୭ ତାରିଖରେ ଆରମ୍ଭ ହୋଇଥିଲା । ଠିକାଦାର ୨୦୨୪ ସେପ୍ଟେମ୍ବର ୯ରେ ରାସ୍ତା କାମ ଶେଷ କରିବାକୁ ଠିକାଦାର ଗ୍ରାମ୍ୟ ଉନ୍ନୟନ ବିଭାଗ ସହ ଚୁକ୍ତି କରିଥିଲେ। ରାସ୍ତା ନିର୍ମାଣ ପାଇଁ ୧କୋଟି ୪୭ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ହେଲେ ବିସ୍ମୟର କଥା ଯେ ୨ବର୍ଷ ଅତିବାହିତ ହୋଇଥିଲେ ବି ରାସ୍ତା କାମ ୫୦ଭାଗ ସରି ନାହିଁ। ରାସ୍ତାର ପ୍ରଥମ ହକଦାର ମହ୍ଲାରୀ ଗ୍ରାମବାସୀ ହୋଇଥିଲେ ହେଁ ଗ୍ରାମଠାରୁ ୧କିମି ଛାଡି କାମ ଆରମ୍ଭ କରାଯାଉଥିବା ବେଳେ ଧନିଆବନ୍ଧ ନିକଟରେ ରାସ୍ତାକୁ ଅଧାପନ୍ତରିଆ ଭାବେ ଛାଡି ଦେଇ ବିଭାଗ ଯାତ୍ରୀଙ୍କ ଜୀବନଜୀବିକା ସହ ଖେଳୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଡବ୍ଲୁବିଏମଏମ ଏଷ୍ଟିମେଟ ଅନୁଯାୟୀ ହେଉନଥିବା ବେଳେ ରାସ୍ତା କଡ ଡ୍ରେନେଜ ମଧ୍ୟ ଅତ୍ୟନ୍ତ ନିମ୍ନମାନର ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ସେହିଭଳି ରାସ୍ତାରେ ପାଣି ସ୍ପ୍ରେ ହେଉନଥିବାରୁ ଡଷ୍ଟ ଓ ବାଲି ଉଡି ଯାତ୍ରୀ ତଥା ରାସ୍ତା ସଂଲଗ୍ନ ଘରେ ରହୁଥିବା ପରିବାର ଏବେ ତ୍ରାହି ତ୍ରାହି ଡାକୁଛନ୍ତି। ଏ ସଂକ୍ରାନ୍ତରେ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ସାହୁଙ୍କୁ ଯୋଗାଯୋଗ କରିବାରେ ରାସ୍ତାର ଡେଭିଏସନ ପାଇଁ ମୁଖ୍ୟଯନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଅନୁମୋଦନ ପରେ ଗାଁ ମୁଣ୍ଡକୁ ଯୋଡିବା ପାଇଁ ଚେଷ୍ଟା କରାଯିବ ବୋଲି କହିଛନ୍ତି।

## ତାଳସାରୀ ବେଳାଭୂମି ନିକଟରୁ ମୃତଦେହ ଉଦ୍ଧାର

ଚନ୍ଦନେଶ୍ୱର/ଭୋଗରାଇ, ୬।୨ (ସମିସ): ବାଲେଶ୍ୱର ଜିଲ୍ଲାର ତାଳସାରୀ ସାମୁଦ୍ରିକ ଥାନା ଅନ୍ତର୍ଗତ ତାଳସାରୀ ବେଳାଭୂମିର ଅନତି ଦୂରରେ ଥିବା ମୁରଲୀ ଚଢ଼ାରୁ ଆଜି ଶୁକ୍ରବାର ସକାଳେ ଜଣେ ଅଚିହ୍ନା ଯୁବକର ଶବକୁ ତାଳସାରୀ ସାମୁଦ୍ରିକ ଥାନା ଉଦ୍ଧାର କରିଛି । ପ୍ରାପ୍ତ ବିବରଣୀରୁ ପ୍ରକାଶ ଯେ, ଆଜି ସକାଳେ ତାଳସାରୀ ବେଳାଭୂମିର ଅନତି ଦୂରରେ ଥିବା ମୁରଲୀ ଚଢ଼ାରେ ଜଣେ ଅଚିହ୍ନା ଯୁବକର ଶବ ଲାଗିଥିବାର ଖବର ତାଳସାରୀ ସାମୁଦ୍ରିକ ଥାନାକୁ ଉଦୟପୁର ଜଙ୍ଗଲ ବିଭାଗର ସବୁଜ ବାହିନୀର ଜଣେ କର୍ମୀ ହରିଶଙ୍କର ସାହୁ ଜଣାଇଥିଲେ । ଖବରପାଇ ସାମୁଦ୍ରିକ ଥାନା ପୁଲିସ ଘଟଣାସ୍ଥଳରେ ପହଁଚି ଉକ୍ତ ମୃତ ଯୁବକର ଶବକୁ ଜବତ କରି ଡଙ୍ଗା ସାହାଯ୍ୟରେ ଆଣି ବାଲେଶ୍ୱର ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି । ତାଳସାରୀ ସାମୁଦ୍ରିକ ଥାନାର ଏଏସଆଇ ପିଥ ହେମ୍ବ୍ରମ ପ୍ରକାଶ କରିଛନ୍ତି ଯେ, ଉକ୍ତ ମୃତ ଯୁବକ ଜଣକ ଏକ ସମ୍ଭ୍ରାନ୍ତ ପରିବାରର ବୋଲି ତାର ପୋଷାକ ପରିଚ୍ଛଦରୁ ଜଣାପଡୁଛି । ତାର ବୟସ ୨୮ ରୁ ୩୦ ମଧ୍ୟରେ ହୋଇପାରେ ବୋଲି ସେ ପ୍ରକାଶ କରିବା ସହିତ ନୀଳ ରଙ୍ଗର ଏକ ହାଫ ପ୍ୟାଣ୍ଟ ପିନ୍ଧିବା ସହିତ ନୀଳ ରଙ୍ଗର ବେନିୟନ ପିନ୍ଧିଛି । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ।

## ସନ୍ତୋଷୀ ମାତାଙ୍କ ବାର୍ଷିକ ପୂଜୋତ୍ସବ

ଭୋଗରାଇ, ୬।୨(ସମିସ): ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅନ୍ତର୍ଗତ ନୂଆହାଟ ଠାରେ ସନ୍ତୋଷୀ ମାତା ମନ୍ଦିରରେ ୪୫ ତମ ସାର୍ବଜନୀନ ପୂଜୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ଶାନ୍ତି କଳସ ସ୍ଥାପନ ସହିତ ଷୋଡ଼ଷ ଉପଚାରରେ ମା'ଙ୍କର ପୂଜାର୍ଚ୍ଚନା ହୋଇଥିଲା ବେଳେ ୨ ହଜାରରୁ ଅଧିକ ମହିଳା ଓ ପୁରୁଷ ଭକ୍ତ ନୈବେଦ୍ୟ ଅର୍ପଣ ପୂର୍ବକ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଅପରାହ୍ନରେ ବାର୍ଷିକ ପୂଜା ପରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା ବେଳେ ସନ୍ଧ୍ୟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଏହି ବାର୍ଷିକ ପୂଜା ଉପଲକ୍ଷେ ୬ ଦିନ ଧରି କୁନି କୁନି ପିଲାମାନଙ୍କୁ ନେଇ ସଂଗୀତ, ନୃତ୍ୟ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବା ବେଳେ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ସିନେମା ତାରାକା ମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟିର ପକ୍ଷରୁ ସୂଚନା ମିଳିଛି। ପୂଜା କମିଟିର ସଭାପତି ସୁବାଷ ଚନ୍ଦ୍ର ଜେନା, ଉପସଭାପତି ପ୍ରଦୀପ କୁମାର ସେଠୀ, ସମ୍ପାଦକ ଅଶୋକ କୁମାର ଗିରି, ସହ ସମ୍ପାଦକ ଉମେଶ ଚନ୍ଦ୍ର ଗିରି, କୋଷାଧକ୍ଷ ସୁଧାଂଶୁ ଶେଖର ଜେନା,



ରାଜକିଶୋର ମହାନ୍ତି, ରବୀନ୍ଦ୍ର କୁମାର ଗିରି, ରଞ୍ଜନ କୁମାର ଗିରି, କାହ୍ନୁଚରଣ ଜେନା, ଗୌରୀଚରଣ ପାଳ, ବାପି ମହାନ୍ତି, କ୍ଷୁଦିରାମ ମହାନ୍ତି, ଉମେଶ ଗିରି, ମଦନ ପରିଡ଼ା, ମନ୍ମଥ ତୋଳା, ସୁବଳ ପାତ୍ର, ଜଗଦୀଶ ଦାସ, ହରିହର ରାଉଳ, ପୂର୍ଣ୍ଣଚନ୍ଦ୍ର ପାଳ, କାହ୍ନୁଚରଣ ଗିରି, ଦୀପକ ସେଠୀ ପ୍ରମୁଖ ପରିଚାଳନା କରୁଛନ୍ତି।

## ଶହେ ଗଛ ଲଗେଇ ଚଳୁ କରିଦେଲେ ୨ ଲକ୍ଷ

ଲଙ୍ଗଳେଶ୍ୱର, ୬।୨ (ସମିସ): ଲୋକଙ୍କୁ ଭୁଆଁ ବୁଲେଇ ଅନ୍ଧାରରେ ରଖି ଲୁଟିବାର ମାଧ୍ୟମ ପାଲଟିଛି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା। ୧୦ଟଙ୍କାର କାମ କରି ନବେ ଟଙ୍କାର ମାଲେ ମାଲ ହେଉଛନ୍ତି କାର୍ଯ୍ୟନିର୍ବାହୀ ସଂସ୍ଥା ଓ ବିଭାଗୀୟ ଅଧିକାରୀ। ଏଭଳି ଏକ ଘଟଣା ଘଟିଛି ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ପଞ୍ଚାୟତ କାଳଶିମୁଳି ଗ୍ରାମରେ। ଏହି ଯୋଜନାରେ ଆଦିବାସୀ ସାହି ପୋଖରୀରେ ମାତ୍ର




ଶହେଟି ଲେମ୍ବୁ, ପିଜୁଳି ଝାଉଁ ଚାରା ଲଗାଇ ଲୁଟି ନେଇଛନ୍ତି ଲକ୍ଷେ ନବେ ହଜାର ଟଙ୍କା। ଅଣକୁଶଳୀ ଶ୍ରମିକ ନେଲେ ଲକ୍ଷେ ୩୩ ହଜାର ଟଙ୍କା ଆଉ ଦୁଇ ହଜାର ଟଙ୍କାର ଗଛ କିଣି ୫୭ ହଜାର ଲେଖିଲେ। ଫଳକ ମରା ଯାଇଛି ହେଲେ କାର୍ଯ୍ୟର ଆରମ୍ଭର ତାରିଖ କିମ୍ବା ଶେଷ ତାରିଖ ଉଲ୍ଲେଖ ନାହିଁ। କାର୍ଯ୍ୟନିର୍ବାହୀ ସଂସ୍ଥା ପଞ୍ଚୁପାଲି ଗ୍ରାମ ପଞ୍ଚାୟତ ହୋଇଥିବାରୁ ସରପଞ୍ଚ ଦିଲ୍ଲୀପ କୁମାର ଗିରିଙ୍କୁ ପଚାରିବାରୁ ସେ ଏ ବାବଦରେ କିଛି ଜାଣି ନାହାନ୍ତି ବୋଲି କହିଥିବା ବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିରୋଧ କୁମାର ବେହେରାଙ୍କୁ ପଚାରିବାରୁ ସେ ଫାଇଲ ଦେଖି ପରେ କହିବେ ବୋଲି କହିଥିଲେ। ତେବେ ସାଧାରଣ ଜନତାଙ୍କ ଅର୍ଥ କୁ କିଭଳି ତୋଷାରପାତ ହେଉଛି ଏହା ତାର ନମୁନା। ଖୁବ୍ ଶୀଘ୍ର ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଧମକ ଦେଇଛନ୍ତି।

## ସର୍ବଭାରତୀୟ ଧର୍ମଘଟରେ ସାମିଲ ହେବେ ଚାଷୀ

ଜଳେଶ୍ୱର, ୬।୨ (ସମିସ): ଜଳେଶ୍ୱର ବ୍ଲକର ବୃହତ ସେବା ସମବାୟ ସମିତି ଅଲାଲପୁର ଶାଖାରେ ଚାଷୀଙ୍କ ନିକଟରୁ ଧାନ କିଣିବାର ଅବ୍ୟବସ୍ଥା ତଥା ଅନିଶ୍ଚିତତା ଲାଗିରହିଛି । ଏହି ସମସ୍ୟାର ପ୍ରତିକାର ଦାବି କରି ଶାଖା ତରଫରୁ ଆସନ୍ତା ୧୨ତାରିଖରେ ଓଡିଶା କୃଷକ ସଭା ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ସାଧାରଣ ଧର୍ମଘଟରେ ଅଲାଲପୁର ଶାଖାର ଚାଷୀମାନେ ଯୋଗ ଦେବା ଉଦ୍ଦେଶ୍ୟରେ ଏକ ପ୍ରସ୍ତୁତି ବୈଠକ ଧାନ ସିମୁଳିଆ କଲେଜ ଛକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ୧୨ ତାରିଖରେ ହେବାକୁ ଥିବା ଉକ୍ତ ଧର୍ମଘଟ ଦିନ ସୁଗୋ ହାଟଛକ ନିକଟରେ ଚାଷୀ ମାନଙ୍କର ସମାବେଶ ହେବା ସହିତ ରାସ୍ତା ଉପରେ ଧାନ ରଖି ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଆୟୋଜିତ ପ୍ରସ୍ତିତି ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ଏହି ବୈଠକରେ ବିଭିନ୍ନ ଗ୍ରାମର ଚାଷୀ କମିଟି ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ବୈଠକରେ ଓଡିଶା କୃଷକ ସଭାର ଜିଲ୍ଲା



ସମ୍ପାଦକ ଦିଲ୍ଲୀପ ଗିରି ସଭାପତିତ୍ୱ କରିଥିବା ବେଳେ ଚାଷୀ ପ୍ରତିନିଧି ସୁଜିତ ଦେ, ଗଣେଶ ଚନ୍ଦ୍ର ଭୂୟାଁ, ତନୋଜ ମହାନ୍ତି, ପ୍ରଦୀପ ମହାନ୍ତି, ନିମାଇଁ ଚରଣ ଦାସ, ପବିତ୍ର ପାତ୍ର, ଶ୍ରୀକାନ୍ତ ବୀର, ଗୌତମ ପାତ୍ର, ରାଜେନ୍ଦ୍ର ନାରାୟଣ ଦାସ, ଶ୍ୟାମସୁନ୍ଦର ଭୂୟାଁ, ଅକ୍ଷୟ ନାୟକ, ଶ୍ରମୀକ ନେତା ପଲ୍ଟୁ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉକ୍ତ ଧର୍ମଘଟର ଦାବି ଗୁଡିକ ହେଲା ସମସ୍ତ ପଂଜିକୃତ ଚାଷୀଙ୍କଠାରୁ ଧାନ କ୍ରୟ କରିବାକୁ ସୁନିଶ୍ଚିତ କରିବାର ବ୍ୟବସ୍ଥା, ଚାଷୀ ଖୋଲା ବଜାରରେ ଧାନ ବିକ୍ରି କରିବା ସମୟରେ ବେସରକାରୀ ମଣ୍ଡିରୁ ୨% ରୟାଲିଟି କାଟିବା ବନ୍ଦ କରିବା। ମିଲର ସଂଖ୍ୟାକୁ ବଢାଇ ଟୋକନ ଅବଧି ସମୟରେ ସମସ୍ତ ଚାଷୀଙ୍କଠାରୁ ଧାନ କିଣିବା ସୁନିଶ୍ଚିତ କରିବା ଇତ୍ୟାଦି ୪ଦଫାର ଦାବିରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିକ୍ଷୋଭ ଜାରି ରହିବ ବୋଲି ବୈଠକରେ ନିଷ୍ପତି ହେବା ସହିତ ଚେତାବନୀ ଦିଆଯାଇଛି। ଚାଷୀ ତାର ଅଧିକାରର ହକ ଦାବି ନେଇ ପଦକ୍ଷେପମୂଳକ ପନ୍ଥା ଗ୍ରହଣ କରିବାକୁ ନେଇ କ୍ଷେତ ମଜଦୁର ୟୁନିୟନର ନେତା ଦିପ୍ତିମାନ ଆଚାର୍ଯ୍ୟ ଉକ୍ତ ଧର୍ମଘଟକୁ ସାମର୍ଥନ କରିବା ସହଗିତ ଉପସ୍ଥିତ ଚାଷୀ ପ୍ରତିନିଧିଙ୍କୁ ଧନ୍ୟବାଦ ଜଣାଇଥିଲେ।

## ସ୍କିଟ୍ ଗ୍ରୁପ ଅଫ୍ ଇନ୍ଷ୍ଟିଚ୍ୟୁସନ ବାର୍ଷିକ ଉତ୍ସବ



ନୀଳଗିରି, ୬।୨ (ସମିସ): ନୀଳଗିରି ସ୍ୱର୍ଣ୍ଣଚୂଡ଼ ପାଦଦେଶରେ ଅବସ୍ଥିତ ସୁଶୀଲ କୁମାର ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ୨୬ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଆଜି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରତିଷ୍ଠାତା ସ୍ୱର୍ଗତ ସୁଶୀଲ କୁମାର ସିଂଙ୍କ ପିତା ତଥା ଅବସରପ୍ରାପ୍ତ ଶିକ୍ଷକ ସୁଦର୍ଶନ ସିଂ ଯୋଗଦେଇ ଉଦ†ାଟନ କରିଥିଲେ। ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନର ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଅନୁଷ୍ଠାନର ସମ୍ପାଦକ ତଥା ନିର୍ଦ୍ଦେଶକ ଉପାଲି ଉପମିତ ପ୍ରଧାନ ଯୋଗଦେଇ ଅନୁଷ୍ଠାନର ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶୀତୁଆ ସନ୍ଧ୍ୟାର ରଙ୍ଗ ବେରଙ୍ଗ ଝିଲମିଲ ଆଲୋକ ସଜ୍ଜାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ସୋମନାଥ ନାୟକ ଯୋଗଦେଇ ଅନୁଷ୍ଠାନ ର ଉତ୍ତୋରୋତ୍ତର ଉନ୍ନତି କାମନା କରିବା ସହିତ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗୀୟ ସୁଶୀଲ ସିଂଙ୍କ ସ୍ମୃତି ଚାରଣ କରିଥିଲେ। ଉକ୍ତ କଲେଜର ଅଧକ୍ଷ ପ୍ରେମାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆର୍ କେ ପବ୍ଲିକ ସ୍କୁଲର ଅଧକ୍ଷା ପ୍ରତିମା ଦାସବାବୁ, ଆର୍. କେ ରେସିଡେନ୍ସିଆଲ ସ୍କୁଲ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପ୍ରଧାନ ସହଯୋଗ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାମନ ଚରଣ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ବିଭିନ୍ନ ବର୍ଗର କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରେ କୃତି ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ବିଭିନ୍ନ ବିଭାଗର ଅଧ୍ୟୟନରତ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା।

## ବାସୁଦେବଜୀଉ କ୍ଲବର ବାର୍ଷିକ ଉତ୍ସବ



ସୋର, ୬।୨(ସମିସ): ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ରଘୁନାଥପୁର ଗୁଜବାଟୀ ଗ୍ରାମର ବାସୁଦେବଜୀଉ କ୍ଲବର ବାର୍ଷିକ ଉତ୍ସବ ଏବଂ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଦୀର୍ଘ ୨୪ ବର୍ଷ ଧରି ଅନୁଷ୍ଠିତ ହେଉଥିବା ବେଳେ ଶ୍ରୀମଦ୍ ଭାଗବତ ପାରାୟଣର ଉଦଘାଟନୀ ଉତ୍ସବରେ ରାଜ୍ୟପାଳ ପୁରସ୍କୃତ ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ପ୍ରଧାନ ପୌରହିତ୍ୟ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବାଗୁଡ଼ି ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ. ଲକ୍ଷ୍ମୀପ୍ରସାଦ ରାଉତ ଯୋଗଦେଇ ଭାଗବତର ତତ୍ତ୍ୱ ଉପରେ ଆଲୋଚନା କରିବା ସହିତ ଗୀତାପଠନ କରିବାକୁ ଆହ୍ୱାନ ଦେଇଥିଲେ। ଯାହା ନୀତିଆଦର୍ଶ ଭିତ୍ତିକ ସମାଜ ନିର୍ମାଣରେ ନିଜକୁ ଗଢିବାରେ ପ୍ରେରଣା ଦେଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସୋର ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ରମାକାନ୍ତ ମହାନ୍ତି ଯୋଗଦେଇ ଭାଗବତର ଭକ୍ତ ଧ୍ରୁବଙ୍କ ଉପରେ ଆଲୋଚନା କରି ଭକ୍ତି ଦ୍ୱାରା ମନୁଷ୍ୟ ଈଶ୍ୱରଙ୍କ ସାନିଧ୍ୟ ପାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜଣେ ନିରୀହ ଦରଦୀ ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ରଘୁନାଥ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ନିରଞ୍ଜନ ବେହେରା ସ୍ୱାଗତ ଭାଷଣ ରଖିଥିଲେ। କୁମାରୀ ସାସ୍ୱତୀ ବେହେରା ବିବରଣୀ ପାଠ କରିଥିଲେ।ପ୍ରାରମ୍ଭରେ ମୁରଲୀଧର ନାୟକ ସାହାନାଇ ବାଦନ କରିଥିଲେ। ଶେଷରେ ପାରମ୍ପରିକ ସଂଗୀତ, ଓଡିଶୀନୃତ୍ୟ ପରିବେଷଣ ପୂର୍ବକ ପିଲାମାନଙ୍କ ଦ୍ୱାରା ଶିଶୁ ନାଟକ "ସାନସିନା ଦାନତା ମହାନ' ପରିବେଷଣ ହୋଇଥିଲା। ବାସୁଦେବଜୀଉ କ୍ଲବର ସ୍ଥାୟୀ ସଭାପତି କୃଷ୍ଣଚନ୍ଦ୍ର ସେନାପତି ସମ୍ପାଦକ ଗୋବିନ୍ଦ ସାଉ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କଣ୍ଠଶିଳ୍ପୀ ନିଶିପ୍ରଭା ସାହୁଙ୍କ କଣ୍ଠରୁ ପାରମ୍ପରିକ ସଂଗୀତ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ପରିଶେଷରେ ମାନସ ସାଉ ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍ଯାପିତ




କାଳିପଦା, ୬।୨ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦଯାପିତ ହୋଇ ଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ସଭା ଗୃହରେ ଏକ ଉତ୍ସବ ଅନୁଷ୍ଠିତ ହୋଇ ଥିଲା। ଅଧକ୍ଷ ପ୍ରାଧାପକ ଦିବ୍ୟେନ୍ଦୁ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାଧାପକ ଦେବବ୍ରତ ଦାସ, ସଂଗ୍ରାମ କେଶରୀ ନାୟକ, ଡ. ଶିବ ନାରାୟଣ ମହାପାତ୍ର, ଡ. ସୁକାନ୍ତ କୁମାର ଗିରି, ଅଧାପକ ପରମା ନନ୍ଦ ମହାନ୍ତି, ତାଲିମ ଶିକ୍ଷୟିତ୍ରୀ ସସ୍ମିତା ସାହୁ, ମମତା ରଣା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ମହିଳା ଆତ୍ମ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିଥି ମାନେ ଏହି ଅବସରରେ କୃତୀ ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଅଧାପିକା ସ୍ୱାଗତିକା ଜେନା ଓ ଶୁଦେଷ୍ନା ଦେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ଅଧାପକ ପ୍ରଭାତ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଖରୀରେ ପଡ଼ି ଶିଶୁକନ୍ୟା ମୃତ

କାଳିପଦା, ୬।୨ (ସମିସ): ସିଂଲା ଥାନା ଗୋହାଳି ପଦା ଗ୍ରାମର ଗଣେଶ ଚନ୍ଦ୍ର ଜେନାଙ୍କ ଶିଶୁ କନ୍ୟା ତନୁଶ୍ରେୟା (୧.୫ବର୍ଷ) ଆଜି ଘର ପୋଖରୀରେ ପଡି ମୃତ୍ୟୁବରଣ କରିଛି। ତନୁଶ୍ରେୟା ଘର ଡିହରେ ଖେଳୁ ଥିବା ବେଳେ ପରିବାର ଲୋକଙ୍କ ଅଜ୍ଞାତରେ ପୋଖରୀକୁ ଚାଲିଯାଇ ପାଣିରେ ବୁଡି ଯାଇଥିଲା। ପରିବାର ଲୋକ ଝିଅକୁ ଖୋଜିବାକୁ ଯାଇ ସେ ପାଣିରେ ଭାସୁଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକ ତନୁଶ୍ରେୟାକୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିବା ସହିତ ଶବ ବ୍ୟବଚ୍ଛେଦ କରାଯାଇଛି।

## ସିପିଏମ୍ ନେତା ମହେଶ୍ୱର ଭୂୟାଁଙ୍କ ଶ୍ରଦ୍ଧାଞ୍ଜଳି ସଭା

ନୀଳଗିରି, ୬।୨ (ସମିସ): ସିପିଆଇ (ଏମ୍) ନେତା ମହେଶ୍ୱର ଭୂୟାଁଙ୍କ ଶ୍ରଦ୍ଧାଞ୍ଜଳି ସଭା ନରଶପୁରସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶ୍ରଦ୍ଧାଂଜଳି ସଭାରେ ଜିଲ୍ଲା କମିଟି ସଭ୍ୟ ସତ୍ୟଜିତ ଦାସ ସଭାପତିତ୍ୱ କରିଥିଲେ। ଉକ୍ତ ସଭାରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସିପିଆଇ (ଏମ) ଜିଲ୍ଲା ସମ୍ପାଦକ ଶିଶିର ହୁଇ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ରାଜ୍ୟ କମିଟି ସଭ୍ୟ ସିତାଂଶୁ ସେନାପତି ନିର୍ମଳ ନାୟକ, ଭାଗବାନ ମହାନ୍ତି, ମନୋରଞ୍ଜନ ସାହୁ, ଶ୍ୟାମ ସିଂ,



ରାମଚନ୍ଦ୍ର ସିଂ, ଲକ୍ଷ୍ମୀଧର ସାହୁ, ଲକ୍ଷ୍ମଣ ସ, ଦିବାକର ବାରିକ, ଶୁକଦେବ ଦାସ, ଉଗ୍ରସେନ ଦାସ, ଅମରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ସାଥୀ ମହେଶ୍ୱର ଭୂୟାଁଙ୍କ ସ୍ମୃତି ଚାରଣ କରିଥିଲେ।

## ପିଏମ୍ଶ୍ରୀ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସୋର, ୬।୨ (ସମିସ): ସୋର ବ୍ଲକ ମାଣିପୁରସ୍ଥ ପିଏମଶ୍ରୀ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୀରେନ୍ଦ୍ର କୁମାର ସେଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସରୋଜ କୁମାର ମହାପାତ୍ର ଯୋଗଦେଇ ଏହାକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବାରାପୁର ମଉଡମଣୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ନିରଞ୍ଜନ ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଏବଂ ଅଣ ଶୈକ୍ଷିକ ଶିକ୍ଷା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ମଙ୍ଗଳପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା, ଶଙ୍କର୍ଷଣ ପଣ୍ଡା, ରମାକାନ୍ତ ମହାନ୍ତି, ମହେଶ୍ୱର ବାରିକ, ଭରତ ଚନ୍ଦ୍ର ମଲିକ, ଅନିଲ କୁମାର ସିଂ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ୩୫ଟି ବାର୍ଷିକ କ୍ରୀଡାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବିଜୟ କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଲକ୍ଷ୍ମୀଧର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅନୁରାଧା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୀତିନାଟ୍ୟ ପେଟେଣ୍ଟ ମେଡ଼ିସିନ ପରିବେଷଣ କରାଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ହରିପ୍ରିୟା ପାତ୍ର, ସୁଜାତା ମହାନ୍ତି, କ୍ରିଷ୍ଣା କୁମାରୀ ସାହୁ, ପ୍ରିୟଙ୍କା ଶିଅଳ, ଶୁଭଲକ୍ଷ୍ମୀ ପଣ୍ଡା, ବରେନ୍ଦ୍ର ଧଳ, ରମାକାନ୍ତ ସାହୁ, ରମାକାନ୍ତ ଦାସ, ମଳୟ ରଞ୍ଜନ ରଥଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା, ଅଣଶିକ୍ଷା କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।




## ଔପଦା ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟ ଠପ୍

ଔପଦା, ୬।୨(ସମିସ)



ପଞ୍ଚାୟତ ପ୍ରତିନିଧିଙ୍କ ଧାରଣା ଚେତାବନୀ

ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକରେ ଉନ୍ନୟନ କାର୍ଯ୍ୟ ଠପ। ପଞ୍ଚାୟତ ପ୍ରତିନିଧିଙ୍କ ବ୍ଲକ ସମ୍ମୁଖରେ ଧାରଣା ଚେତାବନୀ। ବିଭିନ୍ନ ଯୋଜନାର ୭ କୋଟିରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ ହୋଇ ନ ପାରି ପଡି ରହିଛି। ପଦୋନ୍ନତି ପାଇଁ ସହକାରୀ ନିର୍ବାହୀ ଯନ୍ତ୍ରୀ ମମତାରାଣୀ ମହନ୍ତ ଗତ ଜାନୁଆରୀ ୭ ତାରିଖରେ ରିଲିଭ ହୋଇଯାଇଥିବା ବେଳେ ଆଜି ଯାଏଁ ତାଙ୍କ ଅଫିସରେ ନାମ ଫଳକ ଝୁଲୁଛି। ଏହି ବ୍ଲକ ର ଜଣେ କନିଷ୍ଠ ଯନ୍ତ୍ରୀ ଓ ଦୁଇ ଜଣ ସହକାରୀ ଯନ୍ତ୍ରୀ ଅଛନ୍ତି। ଦୀର୍ଘ ଦିନ ବିତି ଯାଇଥିଲେ ହେଁ ଏଯାଏଁ ଶୂନ୍ୟ ଥିବା ସହକାରୀ ନିର୍ବାହୀଯନ୍ତ୍ରୀ ପଦବୀ ଫାଙ୍କା ପଡିଛି। ବିଡ଼ିଓ ଙ୍କ ପତ୍ର ସଂଖ୍ୟା ୩୧୪ ତା ୦୪/୦୨/୨୦୨୬ ମୂଳେ ଆଜି ବ୍ଲକ ର ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ପାଇଁ ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚମାନଙ୍କୁ ଡକାଯାଇଥିଲା। ଆଜି ସମସ୍ତ ସରପଞ୍ଚ ସମେତ ବ୍ଲକ ଅଧକ୍ଷା ବିସିବିସ୍ୱା ପାତ୍ର, ଉପାଧକ୍ଷ ପ୍ରଭାକର ସାହୁ ,ସରପଞ୍ଚ ନିତ୍ୟାନନ୍ଦ ମୁଦୁଲି, ନିରଞ୍ଜନ ବାରିକ, ମନସ୍ମିତା ପଣ୍ଡା, ଦୀପ୍ତି ରାଣୀ ନାୟକ, ପୁରୁଷତ୍ତମ ସେଠୀ,ଅଶୋକ କୁମାର ଜେନା, ଅନୁପମା ବିଶ୍ୱାଳ, ଜୟଶ୍ରୀ ମାଝୀ ସୁଭଦ୍ରା ନାୟକ ପ୍ରମୁଖ ବ୍ଲକ ପରିସରରେ ଉପସ୍ଥିତ ରହି ସମୀକ୍ଷା ବୈଠକ ବର୍ଜନ କରିବା ସହିତ ତୁରନ୍ତ ଆବଶ୍ୟକ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ପୂରଣ ନ କଲେ ଦାବୀ ପୂରଣ ହେବା ଯାଏଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବ୍ଲକ ସମ୍ମୁଖରେ ସମସ୍ତ ପଞ୍ଚାୟତ ପ୍ରତିନିଧି ଧାରଣାରେ ବସିବେ ବୋଲି ଲିଖିତ ଚେତାବନୀ ଦେଇଥିବାର ଜଣାଯାଇଛି।

# ଗଞ୍ଜେଇ ଭର୍ତ୍ତି ଦୁଇଟି କାର୍ ସହ ୬ ମୋବାଇଲ ଜବତ

ଆନନ୍ଦପୁର, ୬।୨ (ସମିସ)





ସମ୍ବଲପୁରରୁ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳ ଦେଇ ଚାଲାଣ ହୋଇଆସୁଥିଲା ଦୁଇଟି କାର୍‌ରେ ଭର୍ତ୍ତି ଥିବା ଗଞ୍ଜେଇ। ଖବର ପାଇ ଘସିପୁରା ପୁଲିସ ସମ୍ପୃକ୍ତ ଚାଲାଣକାରୀ ତିନି ଜଣଙ୍କୁ କାବୁ କରିବା ସହ ସେମାନଙ୍କଠାରୁ ଭର୍ତ୍ତି ଥିବା ଗଞ୍ଜେଇ, ଦୁଇଟି କାର୍ ଏବଂ ୬ଟି ମୋବାଇଲ ଫୋନ୍‌କୁ ଜବତ କରିଛି। ଅଭିଯୁକ୍ତମାନେ ହେଲେ କେନ୍ଦୁଝର ଜିଲ୍ଲା ବାଂଶପାଳ ଅଞ୍ଚଳର ହେମନ୍ତ ବେହେରା, ରାଜେଶ ପାତ୍ର ଓ ମିଶ୍ର ବେହେରା। ସୂଚନା ଅନୁସାରେ, ୨୦ ନମ୍ବର ଜାତୀୟ ରାଜପଥରେ ଦୁଇଟି ଗଞ୍ଜେଇ ଭର୍ତ୍ତି କାର ଆସୁଥିବା ବେଳେ ପୁଲିସ ତନାଘନା କରିଥିଲା। ବାଇପାସରେ ଥିବା ଏକ ହୋଟେଲରେ ରାତି ୪ ଜଣ ଯୁବକ ଦୁଇଟି କାର ରଖି ଖାଉଥିଲେ। ଏହି ସମୟରେ ଘସିପୁରା ଥାନା ଆଇଆଇସି କିଶୋର ପ୍ରଧାନ, ଏସଆଇ ତାପସ ଦାସ ଓ ଏସଆଇ ସ୍ୱାଧୀନ ସେଠୀ ହୋଟେଲରେ ପହଞ୍ଚି ସେମାନଙ୍କୁ କାବୁ କରିବା ସହିତ କାର ଦୁଇଟିକୁ ଜବତ କରିଥିଲେ। ଏହି ୪ଜଣଙ୍କ ମଧ୍ୟରୁ ୩ ଜଣଙ୍କୁ ପୁଲିସ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ ନରଣପୁରର ଜଣେ ମାଷ୍ଟରମାଇଣ୍ଡ ଫେରାର ହୋଇଯାଇଛି। ଦୁଇଟି କାରରୁ ଜବତ ହୋଇଥିବା ୮ ବସ୍ତା ଗଞ୍ଜେଇର ପରିମାଣ ୮୫ କେଜି ହୋଇଥିବା ଜଣାପଡ଼ିଛି। ଏହି ଗଞ୍ଜେଇ ବେପାରୀମାନେ ଖୁଲମଖୁଲା କାର ଡ଼ିକିରେ ଏଭଳି ବେଆଇନ ନିଶାଦ୍ରବ୍ୟ ନେଇ କେଉଁଆଡେ ଯାଉଥିଲେ ଓ ଏମାନଙ୍କ ସମ୍ପୃକ୍ତି କେତେଦୂର ପର୍ଯ୍ୟନ୍ତ ଲମ୍ବିଛି ତାହା ପୁଲିସ ତଦନ୍ତ ଚଳାଇଛି।

**ତିନି ଗିରଫ**

## ଜଳୁଛି କାଜୁ ଜଙ୍ଗଲ, ଗାଁମୁହାଁ ଜଙ୍ଗଲ ନିଆଁ



ତୁରୁମୁଙ୍ଗା, ୬।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ କେନ୍ଦେଇପଶି କାଜୁ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟି ଅନେକ ଗଛ ଜଳିପୋଡ଼ି ନଷ୍ଟ ହୋଇଯାଇଥିବା ବେଳେ ଜଙ୍ଗଲ ନିଆଁ ଗାଁମୁହାଁ ହେଉଥିବାରୁ ସ୍ଥାନୀୟଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। କିଛି ଲୋକ ନିଆଁ ଲିଭାଇବାକୁ ଚେଷ୍ଟା କରୁଥିବା ବେଳେ ନିଆଁ ଅଣାୟତ୍ତ ସ୍ଥିତିରେ ରହିଛି। ଜଙ୍ଗଲରେ ନିଆଁ ଲାଗିବା କାରଣ ଅସ୍ପଷ୍ଟ ଥିବା ବେଳେ କେହି ଦୁର୍ବୃତ୍ତ ଆଜି ସନ୍ଧ୍ୟାରେ ଜଙ୍ଗଲରେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି।

## ମୟୂରଭଞ୍ଜ-୧ ଓ ୨ ବିଜେଡି ଜିଲ୍ଲା କମିଟି ଗଠିତ

ବାରିପଦା/ରାଇରଙ୍ଗପୁର, ୬।୨ (ସମିସ): ବିଜୁ ଜନତା ଦଳ ପକ୍ଷରୁ ମୟୂରଭଞ୍ଜ-୧ ଓ ୨ ସାଂଗଠନିକ ଜିଲ୍ଲା କମିଟି ଗଠିତ ସାଙ୍ଗକୁ କର୍ମକର୍ତ୍ତାଙ୍କ ନାମ ଘୋଷଣା ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ କରାଯାଇଛି। ଉଭୟ ସାଂଗଠନିକ ଜିଲ୍ଲା କମିଟିରେ ନିର୍ବାଚନମଣ୍ଡଳୀ ୱାରୀ କର୍ମକର୍ତ୍ତା ରହିଛନ୍ତି। ମୟୂରଭଞ୍ଜ-୧ ସାଂଗଠନିକ ଜିଲ୍ଲାରେ ବାରିପଦା, ମୋରଡା, ବଡ଼ସାହି, ଉଦଳା ଓ ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ପାଇଁ ଉପସଭାପତି ଭାବେ ୬ ଜଣ, ସାଧାରଣ ସମ୍ପାଦକ ଭାବେ ୮ ଜଣ, ସମ୍ପାଦକ ଭାବେ ୩୦ଜଣ ଓ ଜଣେ କୋଷାଧ୍ୟକ୍ଷ ରହିଛନ୍ତି। ସେହିପରି ମୟୂରଭଞ୍ଜ-୨ ସାଂଗଠନିକ ଜିଲ୍ଲାରେ ରାଇରଙ୍ଗପୁର, ସାରସକଣା, କରଞ୍ଜିଆ ଓ ଯଶିପୁର ନିର୍ବାଚନମଣ୍ଡଳୀ ପାଇଁ ଉପସଭାପତି ଭାବେ ୬ଜଣ, ସାଧାରଣ ସମ୍ପାଦକ ଭାବେ ୧୫ଜଣ, ସମ୍ପାଦକ ଭାବେ ୨୭ଜଣ ଓ ଜଣେ କୋଷାଧ୍ୟକ୍ଷ ରହିଛନ୍ତି। ଜିଲ୍ଲା ସଙ୍ଗଠନକୁ ତୃଣମୂଳ ସ୍ତରରୁ ଆହୁରି ସଶକ୍ତ ଓ କ୍ରିୟାଶୀଳ କରିବା ପାଇଁ ନୂତନ କମିଟି ଗଠନ କରି ନୂତନ କର୍ମକର୍ତ୍ତା ମାନଙ୍କ ନାମ ଘୋଷଣା କରାଯାଇଛି। ନୂତନ କର୍ମକର୍ତ୍ତା ମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଜିଲ୍ଲା ସଭାପତି ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ଡା ଦେବାଶିଷ ମାର୍ଣ୍ଡି ଏବଂ କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ ସମେତ ଅନ୍ୟ ନେତୃ ମଣ୍ଡଳୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପୂର୍ବତନ ବ୍ୟାଙ୍କ କର୍ମଚାରୀଙ୍କ ଆତ୍ମହତ୍ୟା

ଆନନ୍ଦପୁର, ୬।୨(ସମିସ): ଆନନ୍ଦପୁର କାର୍ଡବ୍ୟାଙ୍କର ପୂର୍ବତନ କର୍ମଚାରୀ ଭୃଗୁରାମ ପ୍ରଧାନଙ୍କ ମୃତଦେହ ଶୋଇବା ଘରୁ ପୁଲିସ ଉଦ୍ଧାର କରିଛି। ସେ ଅବସର ପରେ ଆନନ୍ଦପୁର ମୁନସିପାଲିଟି ରୋଡ୍‌ସ୍ଥିତ ବାସଭବନରେ ରହୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ସେ ଘରେ ଆତ୍ମହତ୍ୟା କରିଥିବା ଅଭିଯୋଗ ପାଇବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ମୃତ୍ୟୁ ପଛରେ କାରଣ ଏଯାଏ ଅସ୍ପଷ୍ଟ ରହିଛି।

## ରମାରାଣୀ ଗ୍ରୁପ୍ ପକ୍ଷରୁ ପ୍ରତିଭା ସମ୍ମାନ



ମହୁଲଡିହା, ୬।୨(ସମିସ): ବାଲେଶ୍ୱର ଜିଲ୍ଲା ତାମୁଲିଆ କୁରୁଡ଼ାସ୍ଥ ରମାରାଣୀ ଏଜ୍ୟୁକେସନାଲ ଟ୍ରଷ୍ଟ ଅଧୀନରେ ଥିବା +୨ ବିଜ୍ଞାନ ଆବାସିକ କଲେଜ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ରୁଗୁଡିବେଡା ଶାଖା କାର୍ଯ୍ୟାଳୟରେ ବାର୍ଷିକ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ଲିଙ୍ଗରାଜ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାଧିକାରୀ କୁଞ୍ଜବିହାରୀ ପ୍ରଧାନ ଯୋଗଦେଇ ଅନୁଷ୍ଠାନର ସଫଳତା ତଥା ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାଧିକାରୀ ଭାଗ୍ୟରଥି ମହାନ୍ତି ଯୋଗ ଦେଇଥିଲେ। ରମାରାଣୀ +୨ ବିଜ୍ଞାନ କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ବାରିକ ବିବରଣୀ ପାଠ କରିଥିଲେ। ଇଂରାଜୀ ପ୍ରାଧ୍ୟାପକ ଓ ଆଡମିସନ ଇନଚାର୍ଜ କାର୍ତ୍ତିକ ଚନ୍ଦ୍ର କୁଲାରୀ ଉପସ୍ଥିତ ଥିଲେ। ବି ଟେକ୍ ଓ ଏମବିଏ ଆଡ଼ମିସନ ଇନଚାର୍ଜ ହରିଶ ସାହୁ ଉଚ୍ଚଶିକ୍ଷା ସହିତ ଆତ୍ମନିର୍ଭର ବୃତ୍ତିକ୍ଷେତ୍ର ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ। ସଭାପତି ଲିଙ୍ଗରାଜ ଦାସ ବିବରଣୀ ପ୍ରଦାନ କରିଥିଲେ। ୨୦୨୫ କଲେଜ ଟପ୍ପର ହୋଇଥିବା ଛାତ୍ର ମହିତ ରାମଙ୍କୁ ପୁରସ୍କୃତ କରାଯାଇଥିଲା। ଠାକୁରମୁଣ୍ଡା ଶାଖା ପରିଚାଳକ ନିରଞ୍ଜନ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଧନୁର୍ଜୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ତେଲକୋଇ, ୬।୨(ସମିସ): ତେଲକୋଇ ବ୍ଲକ ଓରିଆ ପଞ୍ଚାୟତ ଧନୁର୍ଜୟପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଲଳିତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ପଦ୍ମଲୋଚନ ସାହୁ, ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗେଶ୍ୱର ବେହେରା, ସିଆରସିସି ନିର୍ମଳଚନ୍ଦ୍ର ମହାନ୍ତ, ଖଗେଶ୍ୱର ନାୟକ, ଅବସରପ୍ରାପ୍ତ ଶିକ୍ଷକ ଦେବାନନ୍ଦ ସାହୁ, ବଂଶୀଧର ପ୍ରଧାନ, ଶିକ୍ଷକ ଛବିକେତନ ସାହୁ, ଇନ୍ଦ୍ରମଣି ସୁବୁଦ୍ଧି, ପ୍ରଧାନ ଶିକ୍ଷୟିତ୍ରୀ ମମତା ମଞ୍ଜରୀ ବେହେରା, ସିଏସ ଆଇର ପ୍ରଣୟ ବିଶ୍ୱାଳ ଓ ଆସପାୟାରର ସତ୍ୟବ୍ରତ ନାଗବଂଶ ସାମିଲ ରହିଥିଲେ। ଛାତ୍ରଛାତ୍ରୀଙ୍କ ନୃତ୍ୟ ପରିବେଷଣ ସହ ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଧରିତ୍ରୀ ସ୍ୱାଇଁ, ମିତା ବାରିକ, ବିଜୟ ବେହେରା, ମୀରା ସାହୁ ଓ ଶିକ୍ଷା ପରିଚାଳନା କମିଟିର ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।



## ୨୧ ଘଣ୍ଟା ପରେ ମିଳିଲେ ହଷ୍ଟେଲରୁ ନିଖୋଜ ଦୁଇ କେଜିଭିବି ଛାତ୍ରୀ

- ସରସ୍ୱତୀ ମେଳା ବୁଲିବାକୁ ଯାଇ ସାରା ରାତି ବାହାରେ ଥିଲେ
- ମେଟ୍ରୋନ ଓ ସୁପରିଟେଣ୍ଡେଣ୍ଟଙ୍କ ଦାୟିତ୍ୱହୀନତା

ଉଦଳା, ୬।୨(ସମିସ): ହଷ୍ଟେଲରୁ ଲୁଚି ଚାଲି ଯାଇଥିଲେ ଓ ୨୧ ଘଣ୍ଟା ପରେ ଉଦ୍ଧାର ହେଲେ ଦୁଇ କେଜିଭିବି ଛାତ୍ରୀ। ଉଦ୍ଧାର ହେବା ପରେ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳା ପୁଣି ସାମ୍ନାକୁ ଆସିଛି। ଉଦଳା ବ୍ଲକ ରାଢୋ କେଜିବିଭି ବିଦ୍ୟାଳୟର ଦୁଇଜଣ ଷଷ୍ଠ ଶ୍ରେଣୀ ଛାତ୍ରୀ ଗତକାଲି ରାତି ୮ଟାରୁ ହଷ୍ଟେଲରେ ନ ଥିଲେ। ହଷ୍ଟେଲରୁ ବାହାରି ଉଭୟ କେଉଁଆଡ଼େ ଚାଲି ଯାଇଥିବାବେଳେ ସେମାନଙ୍କର ମିଳୁ ନ ଥିଲା ପତ୍ତା। ୨୧ ଘଣ୍ଟା ପରେ ତାଙ୍କୁ ସ୍ଥାନୀୟ ଲୋକେ ଦେଖି ପୁଲିସ ଓ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଖବର ଦେବା ପରେ ସେମାନଙ୍କୁ ଉଦଳା ଶ୍ମଶାନ କାଳୀ ମନ୍ଦିର ନିକଟ ରାସ୍ତାରୁ ଉଦ୍ଧାର କରାଯାଇଛି। ଉଦ୍ଧାର ହେବା ପରେ ସାମ୍ନାକୁ ଆସିଛି ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳା। କାରଣ ରାତିରେ କ୍ଲାସ ସରିବା ପରେ ଉଭୟ ଛାତ୍ରୀ ହଷ୍ଟେଲ ପରିସରରୁ ପାଚେରି ଡେଇଁ ଉଦଳା ମେଳା ବୁଲିବାକୁ ଚାଲିଯାଇଥିଲେ। ମେଳା ବୁଲିବା ପରେ ରାତି ତମାମ ବାହାରେ ରହିଥିଲେ। ଆଜି ଅପରାହ୍ନରେ ଚାଲି ଚାଲି ଯାଉଥିବାବେଳେ ସ୍ଥାନୀୟ ଲୋକେ ଦେଖି ସୂଚନା ଦେଇଥିଲେ। ଯାହାକି ତାଙ୍କୁ ଉଦ୍ଧାର କରାଯାଇ ଉଦଳା ଥାନାକୁ ନିଆଯାଇଛି। ଦାୟିତ୍ୱରେ ଚରମ ଅବହେଳା କରିଥିବା ପ୍ରଧାନଶିକ୍ଷୟିତ୍ରୀ ଓ ୱାର୍ଡେନ ଛାତ୍ରୀଙ୍କ ଉପରେ ଦୋଷ ଲଦି ନିଜେ ଖସିଯିବାକୁ ବସିଛନ୍ତି। ଉଭୟଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ହେଉଛି ତାହାକୁ ଅପେକ୍ଷା।

## ଶୀର୍ଷା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସାରସକଣା, ୬।୨(ସମିସ): ସାରସକଣା ବ୍ଲକ ଅନ୍ତର୍ଗତ ଶୀର୍ଷା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ବାର୍ଷିକ ଉତ୍ସବ (ଉଡ଼ାନ୍) ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସୁମନ୍ ଜାନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ସାରସକଣା ବିଧାୟକ ଭାଦବ ହାଁସଦା, ମୁଖ୍ୟବକ୍ତା ଭାବେ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା ଓ ସମ୍ମାନିତ ଅତିଥି ସାରସକଣା ବିଡିଓ ସୁମନରାଜ ମହାନ୍ତି, ତହସିଲଦାର ମନୋଜ କାଛୀ, ଜିଲ୍ଲା ବାଳିକା ସମନ୍ୱୟ ଅଧିକାରୀ ପ୍ରଫୁଲ୍ଲ ବାରିକ ଓ ସରପଞ୍ଚ ଭାନୁଚରଣ ମୁଣ୍ଡା ଯୋଗ ଦେଇଥିଲେ। ଅଧ୍ୟକ୍ଷ ସୁମନ ଜାନା ବାର୍ଷିକ ବିବରଣୀ ପାଠ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ରାଜ୍ୟର ଲୋକନୃତ୍ୟ ସହିତ ଓଡ଼ିଶୀ, ସମ୍ବଲପୁରୀ, ଝୁମର୍ ଓ ସାନ୍ତାଳୀ ନୃତ୍ୟ, ବଲିଉଡ, ଟଲିଉଡ୍, ଅଲିଉଡ୍ ନୃତ୍ୟ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବିଭିନ୍ନ ବିଭାଗରେ ପାରଦର୍ଶିତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏନ୍‌ୱାଇପି ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାରେ ହୋଇଥିବା ସର୍ବେକ୍ଷଣରେ ଶିକ୍ଷାନୁଷ୍ଠାନର ସୁଚାରୁ ପରିଚାଳନା ପାଇଁ ଅଧ୍ୟକ୍ଷ ସୁମନ୍ ଜାନାଙ୍କୁ ଏନ୍‌ୱାଇପି ସଂଗଠନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଇଂରାଜୀ ଶିକ୍ଷକ ରାକେଶ ବେହେରା, ଓଡ଼ିଆ ଶିକ୍ଷକ ସୁଧାଂଶୁ ମହାନ୍ତି, ସାମାଜିକ ବିଜ୍ଞାନ ଶିକ୍ଷୟିତ୍ରୀ ମୀମାଂସା ନାୟକ ମଞ୍ଚ ପରିଚାଳନା କରିଥିଲେ। ଉତ୍ତମ କୁମାର ବେଜ, ଶକୁନ୍ତଳା ମୁର୍ମୁ, ସୌମେନ୍ଦୁ ଜେନା, ଲକ୍ଷ୍ମୀ ମହାନ୍ତ, ସିଙ୍ଗା ମାଣ୍ଡି, ମହେଶ୍ୱର ମୁଣ୍ଡା, ଶଶାଙ୍କଶେଖର ମିଶ୍ର, ପଙ୍କଜ ବେଶ୍ରା, ବିଶ୍ୱଜିତ ନାଏକ, ଯଶୋବନ୍ତ ମହାନ୍ତ, ଦିବ୍ୟରଞ୍ଜନ ରାଉତ, ପ୍ରିୟଙ୍କା ପାତ୍ର, ସଙ୍ଗୀତା ସାହୁ, ଦୀପିକାରାଣୀ ବେହେରା, ରାଜେନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜୀବ ବିଜ୍ଞାନ ଶିକ୍ଷକ ତାପସ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଅତାସାହିପାଟଣା ବିଦ୍ୟାଳୟର ବାର୍ଷିକ ଉତ୍ସବ



ଆନନ୍ଦପୁର, ୬।୨ (ସମିସ): ଘସିପୁରା ବ୍ଲକ ଅତାସାହିପାଟଣାସ୍ଥିତ ଅଲେଖ ମହିମା ଉଚ୍ଚ ପ୍ରାଥମିକ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେଶ ସାହୁଙ୍କ ସଭାପତିତ୍ୱରେରେ ମୁଖ୍ୟଅତିଥି ଭାବେ ଘସିପୁରା ବିଇଓ ସଦ୍ୟସ୍ନାନ ପଣ୍ଡା, ମୁଖ୍ୟବକ୍ତା ଭାବେ ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଆନନ୍ଦପୁର ଶରତ ରାଉତ, ସମ୍ମାନିତ ଅତିଥି ଭାବେ ସିଆରସିସି ଅଶୋକ ବାରିକ, ସହକାରୀ ଶିକ୍ଷକ ମାଧବାନନ୍ଦ ପଣ୍ଡା, ଦିଲ୍ଲୀପ ଭୂୟାଁ, ଶୁକଦେବ ନାୟକ ଯୋଗ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରମିଳା ସାହୁ ଅତିଥି ପରିଚୟ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଶିକ୍ଷକ ଶୁକଦେବ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର କ୍ରିଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ସୁଶୀଳା ତିରିଆଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାରିପଦା, ୬।୨(ସମିସ): ମୟୂରଭଞ୍ଜ ଜିଲ୍ଲାର ଟାଣୁଆ ଆଦିବାସୀ ନେତ୍ରୀ, ପୂର୍ବତନ ଲୋକସଭା ଓ ରାଜ୍ୟସଭା ସାଂସଦ, ସିଡବ୍ଲୁସି ସଦସ୍ୟା ସୁଶ୍ରୀ ସୁଶୀଳା ତିରିଆଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ସ୍ଥାନୀୟ ସରକାରୀ କର୍ମଚାରୀ ଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କର ରାଜନୈତିକ ଯାତ୍ରା ପଲ୍ଲୀରୁ ଦିଲ୍ଲୀ ଯାଏଁ ଲମ୍ବିଥିଲା। ଜିଲ୍ଲା, ରାଜ୍ୟ ଓ ଜାତୀୟ କଂଗ୍ରେସରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ସମସ୍ତ କହିଛନ୍ତି। ଶ୍ରଦ୍ଧାଞ୍ଜଳି ସଭାରେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ସମସ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ସଭାପତି ପ୍ରଦୀପ ରଥ, ଦୀନକୃଷ୍ଣ, ନିରୋଜ ଦାସ, ପୂର୍ବତନ ଜିଲ୍ଲା କୋଡିନେଟର ଅରବିନ୍ଦ ଦାସ, ଜ୍ୟୋତିପ୍ରକାଶ ରଥ, ଆଦିବାସୀ ସେଲ ରାଜ୍ୟ ଉପସଭାପତି ଚୈତନ୍ୟ ହାଁସଦା, ରାଜ୍ୟ ବ୍ୟବସାୟ କଂଗ୍ରେସ ଅଧ୍ୟକ୍ଷ ଯୋଗେଶ ଅଗ୍ରୱାଲା, ଆଡଭୋକେଟ ବିଭୂ ଦାସ, କୃଷକ ସେଲ ସଭାପତି ଦୀପକ ଦାସ, ମହିଳା କଂଗ୍ରେସ ନେତ୍ରୀ ରଞ୍ଜିତା ଯୋଶୀ, ସୁସ୍ମିତା ଘୋଷାଲ, ପିସିସି ସଭ୍ୟ ନାରାୟଣ ପଟ୍ଟନାୟକ, ବିଜନ ଦାସ ମୀନକେତନ ବେହେରା, ଏସି ସେଲ ସଭାନେତ୍ରୀ ସସ୍ମିତା ବେହେରା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସୁଶୀଳା ତିରିଆଙ୍କ ରାଜନୈତିକ ପରାମର୍ଶଦାତା ଅଜୟ ମହାପାତ୍ର ଏକ ହୃଦୟସ୍ପର୍ଶୀ ଶୋକ ବାର୍ତ୍ତା ପ୍ରେରଣ କରିଥିଲେ।

## ଘରୁ ବାଇକ ଚୋରି

ବାରିପଦା, ୬।୨(ସମିସ): ଦେବେନ୍ଦ୍ରପୁର ଅଞ୍ଚଳରେ ଘରୁ ବାଇକ୍ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଛି। ଏ ନେଇ ସିମଲ ସୋରେନ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଘରେ ପ୍ରବେଶ କରି ଚୋରି କରିଛନ୍ତି। ବାଇକ ସମେତ ମୋବାଇଲ, ଲ୍ୟାପଟପ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଛନ୍ତି। ଏ ସମ୍ପର୍କରେ ପରଦିନ ଜାଣିବା ପରେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ବାରିପଦା, ୬।୨(ସମିସ): ବେଆଇନ ବାଲି ଚାଲାଣ ବେଳେ ବାଗଡ଼ିହା ଅଞ୍ଚଳରୁ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ବାଗଡ଼ିହା ଛକରେ ବାଲି ବୋଝେଇ ଏକ ଟ୍ରାକ୍ଟରକୁ ଅଟକାଇ ପୁଲିସ ପଚରାଉଚରା କରିଥିଲା। ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବାରେ ନେଇ ଜାଣିବା ପରେ ଗାଡିକୁ ଜବତ କରାଯାଇଛି। ଏନେଇ ଟାଉନ ଥାନାରେ ମାମଲା ରୁଜୁ କରି ଟ୍ରାକ୍ଟର ଜବତ କରିବା ସହ ମାଲିକ ଓ ଚାଳକ ନାମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

## ଚୋରି ବାଇକ୍ ଉଦ୍ଧାର କଲା ପୁଲିସ



ବାରିପଦା, ୬।୨(ସମିସ): ଭଞ୍ଜପୁର ଥାନା ପୁଲିସ ଦ୍ୱାରା ଚୋରି ହୋଇଥିବା ବାଇକ ଉଦ୍ଧାର ହୋଇଛି। ଉକ୍ତ ଘଟଣାରେ ସମ୍ପୃକ୍ତ ୨ ଜଣ ନାବାଳକଙ୍କୁ ପୁଲିସ ଧରିଛି। କିଛି ଦିନ ପୂର୍ବରୁ ଏକ ବାଇକ ଚୋରି ନେଇ ଅଭିଯୋଗ ହୋଇଥିଲା। ଯାହାକୁ ନେଇ ଭଞ୍ଜପୁର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ତେବେ ଉକ୍ତ ବାଇକ ସହ ଚୋରି କରିଥିବା ନାବାଳକଙ୍କୁ ଧରିବାରେ ସଫଳ ହୋଇଛି। ଉଦ୍ଧାର ବାଇକଟି ମାଲିକଙ୍କୁ ହସ୍ତାନ୍ତର କରିବା ସହ ୨ଜଣ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି।

## ମହୁଲିଆ ଓଏଭିରେ ଭିଏମଡିସି ବୈଠକ

ରାସଗୋବିନ୍ଦପୁର, ୬।୨(ସମିସ): ରାସଗୋବିନ୍ଦପୁରସ୍ଥ ଓଏଭି ମହୁଲିଆଠାରେ ଭିଏମଡିସି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ଓଏଭି ପରିସରରେ ବିଦ୍ୟାଳୟ ପରିଚାଳନା ଓ ବିକାଶ କମିଟି ଭିଏମଡିସି ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମ୍ମାନିତ ଅତିଥି ଭାବେ ରାସଗୋବିନ୍ଦପୁର ବିଡିଓ ଅନନ୍ତ କୁମାର ହାଁସଦା, ତହସିଲଦାର ଉପେନ୍ଦ୍ର କୁମାର ଦାସ, ବିଇଓ, ମାର୍କେଟିଂ ଇନ୍ସପେକ୍ଟର ଓ ବୈଷୟିକ ପରାମର୍ଶଦାତା ଯୋଗ ଦେଇଥିଲେ। ଏଥିସହ ଶ୍ରୀମତୀ ସାଧନା ରାଉତ, ରମାକାନ୍ତ ଗିରି, ପ୍ରଦୀପ ରାଉଳ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଗଠନମୂଳକ ଆଲୋଚନା କରିଥିଲେ। ଏହି ବୈଠକରେ ମୁଖ୍ୟତଃ ବିଦ୍ୟାଳୟ ଓ ହଷ୍ଟେଲର ବିକାଶ, ନୂତନ ଟ୍ରାନ୍ସଫର୍ମର ସଂଯୋଗ, ସିସିଏଚ୍ ନିଯୁକ୍ତି ଓ କର୍ମଚାରୀଙ୍କ ଅଭାବ ଭଳି ଜଟିଳ ସମସ୍ୟା ଉପରେ ଗୁରୁତ୍ୱାରୋପ କରାଯାଇ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଛି।

## ସରକାରୀ ଜମି ଜବରଦଖଲକାରୀଙ୍କୁ ନୋଟିସ

ରାସଗୋବିନ୍ଦପୁର, ୬।୨(ସମିସ): ରାସଗୋବିନ୍ଦପୁର ସରକାରୀ ଜମି ଜବରଦଖଲକାରୀଙ୍କୁ ନୋଟିସ୍ କରାଯାଇଛି। ତହସିଲଦାର ଉପେନ୍ଦ୍ର କୁମାର ଦାସ ରାସଗୋବିନ୍ଦପୁର ଏନଏସି ମାନ୍ୟତା ପାଇଲା ପରେ ବସ୍‌ଷ୍ଟାଣ୍ଡ ହେବା ପାଇଁ ସ୍ଥିରୀକୃତ ହଇଥିବା ଜାଗା ସହିତ ଏନଏସି ପାଇଁ ଯେଉଁସବୁ ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ ସରକାରୀ ଜମିକୁ ଜନସାଧାରଣ ଆୟତ୍ତ କରି ବ୍ୟବହାର କରିଆସୁଥିଲେ ସେ ଜମି ଛାଡିବା ପାଇଁ ଅବଗତ କରାଇବା ସହ ୨୪ ଜଣଙ୍କୁ ନୋଟିସ ପ୍ରଦାନ କରିଛନ୍ତି। ଏକମାସ ମଧ୍ୟରେ ଜାଗା ଛାଡ଼ିବା ପାଇଁ କହିଛନ୍ତି।

## ପିଏମ୍‌ଶ୍ରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



ତୁରୁମୁଙ୍ଗା, ୬।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କେନ୍ଦେଇପଶି ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସତ୍ୟଭାମା ମୁଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପରମେଶ୍ୱର ସାମଲ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସଚନ୍ଦ୍ର ବାରିକ, ସ୍ୱତନ୍ତ୍ର ଅତିଥି ଭାବରେ ସରପଞ୍ଚ ମିନାକ୍ଷୀ ନାଏକ, ସମିତିସଭ୍ୟ ପ୍ରଦୀପ ନାଏକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିବ୍ୟଲୋଚନ ସାହୁ, ପଞ୍ଚଶଖା ଶିକ୍ଷାସେତୁର ସଭାପତି ନନ୍ଦକିଶୋର ସେନାପତି, ଅବସରପ୍ରାପ୍ତ ଶିକ୍ଷକ ରାମନାରାୟଣ ମୁଖାର୍ଜୀ କୀର୍ତ୍ତନ ବିହାରୀ ମହାନ୍ତ ଟାଙ୍ଗରପଡ଼ା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ମକରଧ୍ୱଜ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପାଟଣା ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକ ସନ୍ତୋଷ କୁମାର ପତି ଏବଂ ବିଜୟ କୁମାର ମହାନ୍ତଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

**ବଦଳିଲେ ବିବାଦୀୟ ବ୍ଲକ ଶିକ୍ଷାଧିକାରିଣୀ**

# ସମସ୍ତ ଅନିୟମିତତାର ତଦନ୍ତ ଦାବି

ବଡ଼ସାହି, ୬।୨(ସମିସ)

ବିଳମ୍ବରେ ହେଲେ ମଧ୍ୟ ଶେଷରେ ବଡ଼ସାହି ବ୍ଲକ ଶିକ୍ଷାଧିକାରିଣୀ ମଧୁସ୍ମିତା ଗିରିଙ୍କୁ ବଦଳି କରାଯାଇଛି। ସ୍କୁଲ ଏଣ୍ଡ ମାସ ଏଜ୍ୟୁକେସନର ଚିଠି ନମ୍ବର-୩୧୧୨, ୫ ଫେବୃଆରୀ ୨୦୨୬ରୁ ଏହା ସ୍ପଷ୍ଟ ହୋଇଛି। ଏହି ଅର୍ଡରରେ କେବଳ ତାଙ୍କୁ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକକୁ ବଦଳି କରାଯାଇଛି। ଏ ଘଟଣା ଜଣାପଡ଼ିବା ପରେ ଶିକ୍ଷକ ସଂଗଠନ ପକ୍ଷରୁ ବାଣ ଫୁଟାଯାଇ ଉତ୍ସବ ପାଳନ କରାଯାଇଛି। ନିଜ ଦୋଷ ଦୁର୍ବଳତାକୁ ଲୁଚାଇବା ସହିତ ଅଫିସର ବିଭିନ୍ନ ମେଣ୍ଟେନାନ୍ସ, କଣ୍ଟିଜେନ୍ସି ଟଙ୍କାକୁ ହଡପ କରାଯିବା ପାଇଁ ଯୋଜନା ଆରମ୍ଭ ହୋଇଛି। ଅଫିସ ସମୟ ପରେ କାର୍ଯ୍ୟାଳୟ ଖୋଲାଯାଇ ଏସବୁ ବେନିୟମ କାମ କରିବା ପାଇଁ ଚକ୍ରାନ୍ତ କରୁଥିବାବେଳେ କେତେକ ସ୍ଥାନୀୟଲୋକେ ବିରୋଧ କରିବାରୁ ସେମାନେ କାର୍ଯ୍ୟାଳୟ ବନ୍ଦ କରିବା ପାଇଁ ବାଧ୍ୟ ହୋଇଛନ୍ତି। ବିଇଓ ସୁଶ୍ରୀ ଗିରି ବିଭିନ୍ନ ଦୁର୍ନୀତି, ଅନିୟମିତତାରେ ଛନ୍ଦି ହୋଇଥିବାବେଳେ ଆକ୍ରୋଶମୂଳକ ମନୋଭାବ ରଖି ବହୁ ଶିକ୍ଷକଙ୍କ ଦରମା ବନ୍ଦ କରିବା, ପେନସନ ପେପର କ୍ଲିୟର ପାଇଁ ଦଲାଲଙ୍କ ମାଧ୍ୟମରେ ଚାନ୍ଦା ମାଗିବା, ବିନା କାରଣରେ ମନ୍ଦ ଉଦ୍ଦେଶ୍ୟ ରଖି କାରଣ ଦର୍ଶାଅ ନୋଟିସ ଜାରି କରିବା, ଦଲାଲଙ୍କ ମାଧ୍ୟମରେ ଲୋକଙ୍କ ଜାଲ ଦସ୍ତଖତରେ ଅଭିଯୋଗ ପ୍ରସ୍ତୁତ କରି ନିଲମ୍ବିତ କରିବା, ୧୪୦ ଜଣ ଶିକ୍ଷକଙ୍କ ନିୟମ ବହିର୍ଭୁତ ଡେପୁଟେସନ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁନିତା ସିଂଙ୍କ ଦୀର୍ଘ ୪ମାସ ଧରି ପେନସନ ସମ୍ବନ୍ଧୀୟ କାମ ପକାଇ ରଖିବା, ଶିକ୍ଷକ ମୋହନ ସୁନ୍ଦର ମହାନ୍ତଙ୍କୁ ୮ ମାସ ଧରି ନିଲମ୍ବିତ କରିଥିଲେ ହେଁ ବହୁ ବିଳମ୍ବରେ ପୁନଃ ଅବସ୍ଥାପିତ କରିବା, ଶିକ୍ଷକ କାର୍ତ୍ତିକ ଜେନାଙ୍କୁ ଆକ୍ରୋଶମୂଳକ ଭାବେ ଦୁଇ ମାସ ମଧ୍ୟରେ ଦୁଇ ଥର ଅନ୍ୟ ବିଦ୍ୟାଳୟକୁ ବଦଳି କରି ପୁଣି ଆଦେଶ ବାତିଲ କରିବା, ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ପରିଭ୍ରମଣ ଅର୍ଥ ଆତ୍ମସାତ କରିବା, ଅବସରପ୍ରାପ୍ତ ଶିକ୍ଷକ ବୀରେନ୍ଦ୍ର ପ୍ରଧାନଙ୍କ ଅବସର ପରବର୍ତ୍ତୀ ପୂର୍ଣ୍ଣକାଳୀନ ଭତ୍ତା, ଏମଏସପି ଏରିୟର, ବଳକା ଛୁଟି ଆଦିରୁ ବଞ୍ଚିତ ହୋଇ ସେ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ଲାଭ ମିଳି ନ ଥିଲା। ଫଳରେ ସେ ଗତ ଜାନୁଆରୀ ୨୫ ତାରିଖରୁ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିବାବେଳେ ଶିକ୍ଷକ କାର୍ତ୍ତିକ ଜେନା ପରିବାର ସହିତ ଅଫିସ ସମ୍ମୁଖରେ ଆତ୍ମଦାହ କରିବେ ବୋଲି ଚେତାବନୀ ଦେଇଥିବା ନଜିର ରହିଛି। ଏତେ ସବୁ ପରେ ବାରମ୍ବାର ସଚିବ ଠାରୁ ଆରମ୍ଭ କରି ବିଧାୟକ, ମନ୍ତ୍ରୀ, ସଚିବ, ଜିଲ୍ଲାପାଳ ଓ ଡିଇଓଙ୍କୁ ଅବଗତ କଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ ଥିଲା। ତଦନ୍ତ ପ୍ରକ୍ରିୟା ତାଙ୍କ ବିରୋଧରେ ଗଲେ ମଧ୍ୟ ତାହା ଫାଇଲ ଭିତରେ ଏକ ଅଦୃଶ୍ୟ ଶକ୍ତି ଚାପରେ ଚାପି ହୋଇ ରହିଯିବା ସମସ୍ତଙ୍କୁ ଆଚାର୍ଯ୍ୟ କରିଥିଲା। ତେବେ ସରକାରଙ୍କର ଏହି ଅର୍ଡରକୁ ଶିକ୍ଷକ ସଂଗଠନ ସହିତ ବହୁ ବୁଦ୍ଧିଜିବୀ ଓ ଶିକ୍ଷାବିତ ସ୍ୱାଗତ କରଛନ୍ତି। ମାତ୍ର ସମସ୍ତ ଅଭିଯୋଗକୁ ବିଇଓ ଖଣ୍ଡନ କରିଛନ୍ତି।



GOVERNMENT OF ODISHA
SCHOOL AND MASS EDUCATION DEPARTMENT
****
NOTIFICATION
No.SME-FE-OES-0314-2025 3112 /SME, Dated 05.02.2026
Miss Madhusmita Giri, OES(SB)Gr.B, Block Education Officer, Badasahi, Mayurbhanj is hereby transferred and posted as Block Education Officer, Basudevpur, Bhadrak.
By order of the Governor
Additional Secretary to Government
Memo No. 3113 /SME Date 05.02.2026
Copy forwarded to Private Secretary to Hon'ble Chief Minister, Odisha / Private Secretary to Hon'ble Minister, S&ME, Odisha / Senior Private Secretary to Commissioner-cum- Secretary to Government, S&ME Department for kind perusal of Hon'ble Chief Minister, Odisha / Hon'ble Minister, S&ME / Commissioner-cum-Secretary, respectively.
Additional Secretary to Government
Memo No. 3114 /SME Date 05.02.2026
Copy forwarded to the Accountant General (A&E), Odisha, Bhubaneswar / all RDEs under S&ME Deptt. / all Directors under S&ME Deptt. / President, Board of Secondary Education, Odisha, Cuttack / Chairman, CHSE(O),Bhubaneswar / SPD, OSEPA, Bhubaneswar / SPD, OAVS, Bhubaneswar / Collector, Mayurbhanj & Bhadrak / All District Education Officers / Officer concerned / All Sections of S&ME Deptt. (through OSWAS Notice Board)/ Computer Cell of this Dept. for hosting in S&ME Dept. website / 2 copies to Section-IV of S&ME Deptt. for information and necessary action.
Additional Secretary to Government
Memo No. 3115 /SME Date 05.02.2026
Copy forwarded to the Director, Printing, Stationery, and Publication, Odisha, Cuttack for information and publication of the notification in the next issue of Odisha Gazette.
Additional Secretary to Government



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ଅତିଥି ସତ୍କାର କରିବେ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିପାରନ୍ତି। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ରହିଛି। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ପାରିବାରିକ ଜୀବନ ସୁଖମୟ ହେବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଚାକିରିରେ ନୂଆ ସୁଯୋଗ ଜୁଟିପାରେ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେଇପାରନ୍ତି। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ବିଛା:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। କୌଣସି କଥାକୁ ନେଇ ମନ ଉଣା କରିପାରନ୍ତି।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଦାନ ଧର୍ମ କରନ୍ତୁ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

## ଆଜିର ଇତିହାସ

- ୧୮୩୧- ବେଲ୍‌ଜିୟମ୍‌ରେ ସମ୍ବିଧାନ ଲାଗୁ ହେଲା।
- ୧୯୪୦- ବ୍ରିଟେନରେ ରେଲୱେର ରାଷ୍ଟ୍ରୀୟକରଣ ହେଲା।
- ୧୯୭୬ - ରୁଷିଆରେ ବିଶ୍ୱର ସବୁଠାରୁ ବଡ଼ ଟେଲିସ୍କୋପ୍ ନିର୍ମିତ।
- ୧୯୮୩-କଲିକତାରେ ଇଷ୍ଟର୍ଣ୍ଣ ନ୍ୟୁଜ୍ ଏଜେନ୍ସିର ସ୍ଥାପନା।
- ୨୦୦୮ - କେନ୍ଦ୍ର ସରକାର 'ସିମି' ଉପରେ ଲଗାଇଥିବା ପ୍ରତିବନ୍ଧକ ଅବଧିକୁ ବଢ଼ାଇଲେ।
- ୨୦୧୩ - ଆଜାରବୈଜାନ ପ୍ରଥମ ଥର ମହାକାଶକୁ ଉପଗ୍ରହ ପ୍ରେରଣ କଲା।

## ଏପ୍ରିଲ୍ ୧୦ରେ 'ଡକୈତ'



ଚଳିତବର୍ଷ ମାର୍ଚ୍ଚ ୧୯ ତାରିଖ ବେଶ୍ ସ୍ୱତନ୍ତ୍ର ହେବାକୁ ଯାଉଛି। କାରଣ ଏହିଦିନ ସାଉଥ୍ ସୁପରଷ୍ଟାର୍ ଯଶ୍‌ଙ୍କ 'ଟକ୍ସିକ୍' ଓ ରଣବୀର ସିଂହଙ୍କ 'ଧୁରନ୍ଧର ୨' ରିଲିଜ୍ ହେବାକୁ ଯାଉଛି। ସେହିଭଳି ମୃଣାଳ ଠାକୁର ଓ ଆଦିବି ଶେଷଙ୍କ 'ଡକୈତ: ଏକ ପ୍ରେମ୍ କଥା' ମାର୍ଚ୍ଚ ୧୯ରେ ରିଲିଜ୍ କରାଯିବା ପାଇଁ ପୂର୍ବରୁ ଧାର୍ଯ୍ୟ କରାଯାଇଥିଲା। ମାର୍ଚ୍ଚ ୧୯ରେ ଗୁଡ଼ି ପଡ଼ୱା ପଡୁଥିବାରୁ ଏଥିରୁ ଫାଏଦା ହେବ ଆଶା କରି 'ଡକୈତ'ର ପ୍ରଯୋଜକ ଫିଲ୍ମଟିକୁ ଏହିଦିନ ରିଲିଜ୍ କରିବାକୁ ଯୋଜନା କରିଥିଲେ। ବକ୍ସ ଅଫିସ୍‌ରେ ଏହିଦିନ ଦୁଇଜଣ ବଡ଼ କଳାକାରଙ୍କ ଫିଲ୍ମ ରିଲିଜ୍ ହେଉଥିବାରୁ ଏବେ 'ଡକୈତ'ର ରିଲିଜ୍‌କୁ ଘୁଞ୍ଚାଇ ଦିଆଯାଇଛି। ତେବେ ଏହାର ପ୍ରଯୋଜକ ଏବେ ଫିଲ୍ମଟିକୁ ଅପ୍ରେଲ ୧୦ରେ ରିଲିଜ୍ କରିବା ପାଇଁ ଯୋଜନା କରିଛନ୍ତି। ଏହା ଏକାସଙ୍ଗେ ତେଲୁଗୁ ଓ ହିନ୍ଦୀ ଭାଷାରେ ରିଲିଜ୍ ହେବ। ଶନିଲ ଦେବ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମରେ ଆକ୍ସନ୍, ଡ୍ରାମା, ଥ୍ରିଲର୍‌ର ମିଶ୍ରଣ ଦେଖିବାକୁ ମିଳିବ। ଏଥିରେ ପ୍ରକାଶରାଜ ଓ ଅନୁରାଗ କଶ୍ୟପଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।

## ନିଆରା ପ୍ରଥା
### ଯୌତୁକରେ ପୋର୍ଟେବୁଲ୍ ଟଏଲେଟ୍



ବିବାହକୁ ନେଇ ବିଶ୍ୱର ବିଭିନ୍ନ ସ୍ଥାନରେ ଭିନ୍ନ ରୀତିନୀତି, ପରମ୍ପରା ପ୍ରଚଳିତ ହୋଇଥାଏ। ତନ୍ମଧ୍ୟରୁ କିଛି ବେଶ୍ ଅଜବ ହୋଇଥାଏ, ଯାହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିଥାଏ। ସେମିତି ଏକ ପରମ୍ପରା ଚୀନ୍ ବୁହାନର ଗ୍ରାମାଞ୍ଚଳରେ ଦେଖିବାକୁ ମିଳିଥାଏ। ପରମ୍ପରା ଅନୁଯାୟୀ, ଏଠାରେ ଯୌତୁକରେ କନିଆ ପୋର୍ଟେବୁଲ୍ ଟଏଲେଟ୍ ଆଣିଥାଏ। ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ଏହାପଛରେ ବିଶେଷ କାରଣ ଏବଂ ପରମ୍ପରା ଯୋଡ଼ି ହୋଇ ରହିଛି। ଅତୀତରେ ଚୀନ୍‌ର ଗ୍ରାମାଞ୍ଚଳଗୁଡ଼ିକରେ ଶୌଚାଳୟ ବ୍ୟବସ୍ଥା ନ ଥିଲା। ଏପରିସ୍ଥଳେ ମହିଳାମାନେ ରାତ୍ରିସମୟରେ ଏହି ପୋର୍ଟେବୁଲ ଟଏଲେଟ୍ ବ୍ୟବହାର କରୁଥିଲେ। ଏଥିରେ ମଣିଷ ଏବଂ ପଶୁଙ୍କ ମଳକୁ ଏକତ୍ର ରଖାଯାଉଥିଲା। ଏହାକୁ ପରବର୍ତ୍ତୀ ସମୟରେ କ୍ଷେତରେ ସାରଭାବେ ବ୍ୟବହାର କରାଯାଉଥିଲା। ତେଣୁ ଏହା ଜୀବନ, ଉର୍ବରତା ଏବଂ ନୂଆ ଜୀବନ ଆରମ୍ଭର ପ୍ରତୀକ ଭାବେ ଜଣାଯାଏ। ସେହିପରି ବିବାହ ସମୟରେ ଏହି ଟଏଲେଟ୍‌କୁ ନାଲି ରଙ୍ଗରେ ସଜାଯାଉଥିଲା। ଏହା ମଧ୍ୟରେ ନାଲି ଅଣ୍ଡା, ନାଲି ଖଜୁରି, ଚିନାବାଦାମ, ପଦ୍ମଫୁଲ ମଞ୍ଜି ସମେତ ସମସ୍ତ ଶୁଭ ଜିନିଷ ରଖାଯାଉଥିଲା। ଏ ସମସ୍ତ ଜିନିଷ ଚୀନ୍‌ରେ ସନ୍ତାନ ସୁଖ, ସମୃଦ୍ଧି, ସୁଖମୟ ବୈବାହିକ ଜୀବନର ପ୍ରତୀକ ଭାବେ ଜଣାଯାଏ। ସେହିପରି କିଛି ସ୍ଥାନରେ ଏହାକୁ କନିଆଘରର କେହି ନିକଟ ସମ୍ପର୍କୀୟା ମହିଳା କାନ୍ଧରେ ବରଘରକୁ ନେବାର ପରମ୍ପରା ରହିଛି। ଜିୟାଙ୍ଗସୁ ଏବଂ ଜେଝିୟାଙ୍ଗ୍ ଭଳି ଅଞ୍ଚଳରେ ଏହି ପରମ୍ପରା ଖୁବ୍ ପ୍ରସିଦ୍ଧ। ଏପରିକି ସଂଘାଇ ଆଖପାଖ ଅଞ୍ଚଳରେ ମଧ୍ୟ ଏହା ଯୌତୁକର ଏକ ମୁଖ୍ୟ ଅଂଶ ଭାବେ ଜଣାଯାଏ। ଅବଶ୍ୟ ବଦଳୁଥିବା ସମୟାନୁସାରେ ଏବେ ଏହି ପରମ୍ପରା ଲୋପ ପାଇବାକୁ ବସିଲାଣି। ତଥାପି ଚୀନ୍‌ର କେତେକ ଗ୍ରାମାଞ୍ଚଳରେ ଅଦ୍ୟାବଧି ଏହି ପରମ୍ପରା ପ୍ରଚଳିତ।

## ମହାକାଶରେ ଶରୀର ଶୀଘ୍ର ବୁଢ଼ା ହୁଏ

ମହାକାଶ ଯାତ୍ରା ଦ୍ୱାରା କ'ଣ ଶରୀର ଶୀଘ୍ର ବୁଢ଼ା ହୋଇଯାଏ। ଏଭଳି ପ୍ରଶ୍ନ ଅନେକଙ୍କ ମନରେ ଉଙ୍କି ମାରେ। ଏବେ ଏକ ନୂତନ ଗବେଷଣାରୁ ଜଣାପଡ଼ିଛି ଯେ, ମହାକାଶରେ ଶରୀରରେ ଶୀଘ୍ର ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ। ଅବଶ୍ୟ ପୃଥିବୀପୃଷ୍ଠକୁ ଫେରିବା ପରେ ଏହାର ପ୍ରଭାବ ଆପେ ଆପେ ହ୍ରାସପାଏ। ଏହି ଗବେଷଣାର ନାଁ 'ଆଷ୍ଟ୍ରୋନଟ୍‌ସ ଆଜ୍ ଏ ହ୍ୟୁମାନ ଏଜିଂ ମଡେଲ' ରଖାଯାଇଛି। ଏଥିରୁ ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି ଯେ, ସ୍ୱଳ୍ପ ସମୟ ଲାଗି ମହାକାଶ ମିଶନକୁ ଯାଇଥିବା ମହାକାଶଚାରୀଙ୍କ ଶରୀରରେ ଏମିତି ପରିବର୍ତ୍ତନ ଦେଖାଯାଇଛି, ଯାହାକି ବୟସ ବୃଦ୍ଧି ସହିତ ଜଡ଼ିତ। ମାଧ୍ୟାକର୍ଷଣର ଅଭାବ, ନିଦରେ ଅନିୟମିତତା ତଥା ଶାରୀରିକ ଚାପ ଯୋଗୁଁ ଶରୀର ଏକପ୍ରକାର ଷ୍ଟ୍ରେସ୍ ମୋଡ୍‌କୁ ଗତି କରେ। ଏହାର ଅର୍ଥ ଏହା ନୁହେଁ ଯେ, ମହାକାଶଚାରୀ ସତରେ ବୁଢ଼ା ହୋଇଯାନ୍ତି। ଅବଶ୍ୟ ଏଭଳି ପରିବର୍ତ୍ତନ ଅସ୍ଥାୟୀ ହୋଇଥାଏ। ପରିବେଶ ବଦଳିବା ମାତ୍ରେ ହିଁ ଶରୀର ଏହାକୁ ସମ୍ଭାଳି ନିଏ। ସେହିପରି ଉକ୍ତ ଗବେଷଣାରେ ୪ ଜଣ ମହାକାଶଚାରୀଙ୍କୁ ସାମିଲ କରାଯାଇଥିଲା। ଏହି ମହାକାଶଚାରୀମାନେ ଇଣ୍ଟରନ୍ୟାସନାଲ ସ୍ପେସ୍ ଷ୍ଟେସନ୍‌ରେ ୯ ଦିନ ଅତିବାହିତ କରିଥିଲେ। ବୈଜ୍ଞାନିକମାନେ ସେମାନେ ମହାକାଶକୁ ଯିବା ପୂର୍ବରୁ, ମିଶନ ସମୟରେ ଏବଂ ପୃଥିବୀପୃଷ୍ଠକୁ ଫେରିବା ପରେ ସେମାନଙ୍କର ରକ୍ତ ନମୁନା ସଂଗ୍ରହ କରିଥିଲେ। ଏହାଦ୍ୱାରା ବାସ୍ତବିକ ସମୟ ମଧ୍ୟରେ ଶରୀରରେ ହେଉଥିବା ପରିବର୍ତ୍ତନକୁ ଜାଣିବା ପାଇଁ ଚେଷ୍ଟା କରାଯାଇଥିଲା। ଅନ୍ୟପଟେ ଏହି ଗବେଷଣାରେ ବୟସକୁ କ୍ୟାଲେଣ୍ଡର ଆଧାରରେ ନୁହେଁ, ବରଂ ଏପିଜେନେଟିକ୍ ଘଣ୍ଟା ଦ୍ୱାରା ମପାଗଲା। ଏହି ଘଣ୍ଟା ଡିଏନ୍ଏରେ ହେଉଥିବା ପରିବର୍ତ୍ତନ ଆଧାରରେ ଶରୀରର ଜୈବିକ ବୟସ ବାବଦରେ ଜଣାଏ। ଏହା ଚାପ ଏବଂ ପରିବେଶ ଯୋଗୁଁ ପ୍ରଭାବିତ ହୋଇପାରେ। ମହାକାଶରେ ରହିବା ସମୟରେ ଏହି ଘଣ୍ଟାରେ ଅସ୍ଥାୟୀ ବୃଦ୍ଧି ଦେଖିବାକୁ ମିଳିଲା। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏହା ପ୍ରତ୍ୟେକ ମହାକାଶଚାରୀଙ୍କଠାରେ ଅଲଗା ଅଲଗା ସ୍ତରରେ ଥିଲା। ସେହିପରି ପୃଥିବୀପୃଷ୍ଠକୁ ଫେରିବା ପରେ ଅଧିକାଂଶ ମହାକାଶଚାରୀଙ୍କ ଜୈବିକ ବୟସ ପୁଣି ଥରେ ପୂର୍ବ ଭଳି ହୋଇଯାଇଥିଲା। ବୈଜ୍ଞାନିକଙ୍କ ମତରେ, ଏଥିରେ ଇମ୍ୟୁନୋ ସିଷ୍ଟମର ବଡ଼ ଭୂମିକା ରହିଛି।



ଯାହାକି ଶରୀରକୁ ଶୀଘ୍ର ଠିକ୍ ହେବାରେ ସାହାଯ୍ୟ କରେ। ତେବେ ବୈଜ୍ଞାନିକମାନେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ଏହି ଗବେଷଣା ଏକଥା ପ୍ରମାଣିତ କରି ନାହିଁ ଯେ, ମହାକାଶ ଯାତ୍ରାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବୟସ ଶୀଘ୍ର ବଢ଼ିଥାଏ। କାରଣ ଉକ୍ତ ମିଶନ ବେଶ୍ ସ୍ୱଳ୍ପ ସମୟ ପାଇଁ ଥିଲା ଓ ମହକାଶଚାରୀଙ୍କ ସଂଖ୍ୟା ବି କମ୍ ଥିଲା। ତେଣୁ ଦୀର୍ଘକାଳୀନ ମହାକାଶ ଯାତ୍ରାରେ ଏହା ଅଲଗା ହୋଇପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି। ଏହାବାଦ୍ ଏହି ଗବେଷଣା ଏକଥା ଦର୍ଶାଇଛି ଯେ, ମଣିଷ ଶରୀର କେତେ ଶୀଘ୍ର କଠିନ ପରିସ୍ଥିତି ଅନୁସାରେ ନିଜକୁ ପରିବର୍ତ୍ତନ କରିଥାଏ। ଏହାସହିତ ବୟସ ବଢ଼ିବା କୌଣସି ଏକତରଫା ପ୍ରକ୍ରିୟା ନୁହେଁ। ପରିବେଶ ଏବଂ ପରିସ୍ଥିତି ବୟସ ବଢ଼ିବା ଗତିକୁ କମ୍ ଓ ବେଶି କରିପାରେ ବୋଲି ଉକ୍ତ ଗବେଷଣା ଏକପ୍ରକାର ସ୍ପଷ୍ଟ କରିଛି।

## ଫଗୁଣ ଆସିଛି ବୋଲି



ପ୍ରଶାନ୍ତ କୁମାର ଦାଶ

ନାହିଁ ଶୀତ ଥଣ୍ଡା କୁହୁଡ଼ି କାକର
ଶୀତ ତ ଯାଇଚି ଚାଲି
ଫୁଟିଲେଣି ଗଛେ ରଙ୍ଗ ମାଖି ଫୁଲ
ଧଳା ହଳଦିଆ ନାଲି ॥
ଆମ୍ବଗଛ ଡାଳେ ବଉଳ ବାସନା
ବାଟୋଇ ମରମ ଜିଣେ
କୋଇଲିର ସୁମଧୁର କୁହୁତାନ
ପିଲାଙ୍କର ମନ କିଣେ ॥
ମେଳ ବାନ୍ଧି ପିଲେ ତୋଟା ବଣ ବିଲେ
ଶୁଣନ୍ତି କୋଇଲି ଗୀତ
ଖୁସିରେ ମାରନ୍ତି ହସି ହସି ତାଳି
ଦେହକୁ ଛୁଏନି ଶୀତ ॥
ଅପା ଶାଶୂଘର ଗାଆଁରେ ବାଜିବ
ମହୁରୀ ତେଲିଙ୍ଗି ବାଜା
ଦୋଳଯାତ ଦେଖି ଯିବାପାଇଁ ମନ
ଉଛନ କଲାଣି ରାଜା ॥
ଗାଆଁମୁଣ୍ଡ ତୋଟା ସଫା ନିରିମଳ
ହେଲାଣି ଯାତରା ପାଇଁ
ଫଗୁଣ ସଞ୍ଜରେ ଥିରି ପବନରେ
ଫୁଲବାସ ଆସେ ଧାଇଁ ॥
ଖୋଳ କରତାଳ କାହାଳି ମର୍ଦ୍ଦଳ
ଶବଦ ଦେଉଳୁ ଶୁଭେ
ଗହଳ ଚହଳ ବଢ଼ଇ ଗାଆଁରେ
ଯେମିତି ସୂରୁଜ ଡୁବେ ॥
ବିମାନରେ ବସି ରାଧା ମାଧବ ଯେ
ଫଗୁଣେ ଖାଇବେ ଭୋଗ
ବରଷକ ପରେ ଗାଆଁ ସହରକୁ
ଆସିଛି ବଢ଼ିଆ ଯୋଗ ॥ ■

କୁଞ୍ଜର–ସଙ୍ଗଲାଇ, ପୁରୀ



## ପ୍ରହେଳିକା

- ମାସଟିଏ ସିଏ ବସନ୍ତ କାଳେ
ତା'ର ଆଗମନେ ଆମ୍ବ ବଉଳେ
ରାଇ ଦାମୋଦର ବିମାନେ ବସି
ଗାଆଁରେ ବୁଲନ୍ତି ଆନନ୍ଦେ ହସି
ପବିତ୍ର ମାସଟେ ସିଏ
ଏହି ମାସେ ଆସେ ମହା ଶିବରାତ୍ରି
କୁହ ତା'ର ନାମ କିଏ।

ଉତ୍ତର-ଫଗୁଣ ମାସ

- ମାଘ ଅନ୍ତ ହେଲେ ଫଗୁଣ ଆସେ
ଫୁଲଟିଏ ଗଛ ଡାଳରେ ହସେ
ସେ ଫୁଲର ବାସ ଭାରି ମଧୁର
କୁହୁଡ଼ି ଅଟଇ ବଇରି ତା'ର
ସେ ଫୁଲରୁ ଜନ୍ମେ ଫଳର ରାଜା
ଖାଇଲେ ପାଟିକୁ ଲାଗଇ ମଜା
ରୂପ ତା'ର ମନୋହର
ନେଣ୍ଟା ନେଣ୍ଟା ହୋଇ ଡାଳରେ ଝୁଲଇ
କୁହ ଦେଖି ନାମ ତା'ର।

ଉତ୍ତର-ଆମ୍ବ ବଉଳ

- ପକ୍ଷୀଟିଏ ରଙ୍ଗ କଳା ଧୂସର
ଗୀତ ଗାଏ ସିଏ ଭାରି ମଧୁର
ବସନ୍ତ ଆସିଲେ ସେ ଗୀତ ଗାଏ
ଜଗତବାସୀଙ୍କ ମନକୁ ମୋହେ
ଛୁପି ଛୁପି ସିଏ ଯାଏ
କୁଆର ବସାରେ ଅଣ୍ଡା ଦେଇଦିଏ
କୁହ ତା'ର ନାମ କିଏ।

ଉତ୍ତର-କୋଇଲି

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର



## ଆସିଲା ପରୀକ୍ଷା ବେଳ



ଅଶୋକ କୁମାର ପ୍ରଧାନ

ଦେଖୁ ଦେଖୁ ଏବେ ବରଷ ସରିଲା
ଆସିଲା ପରୀକ୍ଷା ବେଳ
ପିଲାଏ ଏଣିକି ପାଠେ ମନ ଦିଅ
କିଆଁ ଖେଳୁଅଛ ଖେଳ।
ଖେଳବୁଲ କରି ସମୟ ନ ସାରି
ପାଠ ପଢ଼ ଏବେ ବସି
ମନ ଖୋଲା କରି ପାଠ ପଢୁଥାଅ
ମୁହଁରେ ଅଳପ ହସି।
ପରୀକ୍ଷାକୁ ଦେଖି ଯାଅନି କେ ଡରି
ମନ ଥିର କରି ଲେଖ
ମନେ ଯେଉଁ ପାଠ ସଂଶୟ ରହିଛି
ତାକୁ ଭଲ ଭାବେ ଦେଖ।
ଅଥିର ମନରେ ପରୀକ୍ଷା ଖାତାରେ
ଉତ୍ତର ଲେଖନି ଜମା
ପ୍ରତିଟି ପ୍ରଶ୍ନର ସଠିକ୍ ଉତ୍ତର
ଲେଖ, ଦେଇ ଛେଦ, କମା।
ଏମିତିକା କେତେ ପରୀକ୍ଷା ଆସିବ
ତୁମରି ଜୀବନେ ଏଇ
ସବୁ ପରୀକ୍ଷାକୁ ସାମନା କରିବ
ଡରିବନି କେବେ କେହି।
ପରୀକ୍ଷାରେ ପରା ନିଜର ଜ୍ଞାନକୁ
ମାପି ହୁଏ ଜାଣି ହୁଏ
ଏ ପରୀକ୍ଷା ଆମ ଜୀବନେ ସଜାଗ
ହେବାର କଥାଟି କୁହେ। ■



ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ

## ସୁମନ

### ଓଟ ବଣ୍ଟନ



ଲଳିତ ମୋହନ ମିଶ୍ର

ବୟସ୍କ ଗୁରୁ ଜଣକ ଅସୁସ୍ଥ ହୋଇ ପଡ଼ିଲେ। ତାଙ୍କର ଶେଷ ସମୟ ଉପନୀତ ହେବା ଜାଣି, ସେ ତାଙ୍କର ଅତି ପ୍ରିୟ ତିନିଜଣ ଶିଷ୍ୟଙ୍କ ଭବିଷ୍ୟତ ବିଷୟରେ ଭାବି ଚିନ୍ତିତ ହେଲେ। ସେ ସେମାନଙ୍କୁ ଜ୍ଞାନ ମାର୍ଗରେ ନେବା ପାଇଁ ଜଣେ ଯୋଗ୍ୟ ଗୁରୁର ଆବଶ୍ୟକତା ଅଛି ବୋଲି ଅନୁଭବ କଲେ। ହେଲେ ଭଲ ଗୁରୁ କେଉଁଠୁ ମିଳିବେ ଏବଂ କିପରି ପାଇପାରିବେ ? ବୟସ୍କ ଗୁରୁ ବହୁତ ଯୋଗ୍ୟ ବିଦ୍ୱାନଙ୍କୁ ଜାଣିଥିଲେ, କିନ୍ତୁ ସେ ଚାହୁଁଥିଲେ ତାଙ୍କର ଶିଷ୍ୟମାନେ ସେମାନଙ୍କର ନିଜସ୍ୱ ଗୁରୁଙ୍କୁ ବାଛନ୍ତୁ। ସେ ଏକ ଉପାୟ ଚିନ୍ତା କଲେ। ସେ ତାଙ୍କର ତିନି ଶିଷ୍ୟଙ୍କୁ ଡାକି କହିଲେ, ଆମ ଆଶ୍ରମରେ ୧୭ଟି ଓଟ ଅଛି। ମୁଁ ସେମାନଙ୍କୁ ତୁମ ମଧ୍ୟରେ ବାଣ୍ଟିବାକୁ ଇଚ୍ଛା କରୁଅଛି। ତୁମେ ତିନି ଜଣ ଓଟମାନଙ୍କୁ ଏପରି ବାଣ୍ଟ ଯେପରି ବଡ଼ର ଅଧା, ମଝିଆର ଏକ ତୃତୀୟାଂଶ ଏବଂ ସାନର ୧/୯ ଭାଗ ହେବ। ଗୁରୁଙ୍କର ଏହି ଅଜବ ବିଭାଜନ ତିନିଜଣ ଶିଷ୍ୟଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କଲା। ତିନି ଜଣଯାକ ଶିଷ୍ୟ ବିଭିନ୍ନ ପ୍ରକାରର ଚିନ୍ତା କରି ମୁଣ୍ଡ ଖଟାଇଲେ, କିନ୍ତୁ କୌଣସି ପ୍ରକାର ସମାଧାନର ପନ୍ଥା ପାଇଲେ ନାହିଁ। ସେମାନେ ବିଭିନ୍ନ ପ୍ରକାରର କଥା ଅନୁମାନ କରିବାକୁ ଲାଗିଲେ। ଜଣେ କହିଲେ, ଗୁରୁଜୀ ଓଟଙ୍କୁ ବାଣ୍ଟିବା ପାଇଁ ଚାହୁଁ ନାହାଁନ୍ତି ବୋଧହୁଏ। ତେଣୁ ଆମେ ତିନି ଜଣ ହିଁ ଏହାର ମାଲିକ ରହିବା। ବିଭାଜନର କୌଣସି ଆବଶ୍ୟକତା ନାହିଁ। ଅନ୍ୟ ଜଣେ କହିଲେ, ଗୁରୁଜୀ ଯେଉଁ ପରାମର୍ଶ ଦେଇଛନ୍ତି ତାହା ଯଥାସମ୍ଭବ ନିକଟରେ ଓଟଶାଳର ଓଟଗୁଡ଼ିକୁ ବାଣ୍ଟିବା ଉପରେ। ଏହାଦ୍ୱାରା ଆମକୁ କ'ଣ ଫରକ୍ ପଡିବ ? ଗୋଟିଏ ଅଧିକ ନା ଗୋଟିଏ କମ୍ ? ତିନିଜଣ କିନ୍ତୁ ଏଥିରେ ରାଜି ହେଲେ ନାହିଁ, ଫଳରେ ସେମାନଙ୍କର ସମସ୍ୟାର ସମାଧାନ ହୋଇ ପାରିଲା ନାହିଁ। ଧୀରେ ଧୀରେ ଏହି ସମସ୍ୟାଟି ଆଶ୍ରମର ବାହାରେ ଆଲୋଚନା ହେଲା। ଜଣେ ବିଦ୍ୱାନ୍ ବ୍ୟକ୍ତି ଏହି ସମସ୍ୟାକୁ ଶୁଣିଲେ ଏବଂ ତିନିଜଣଯାକ ଶିଷ୍ୟଙ୍କୁ ଡାକିଲେ। ବିଦ୍ୱାନ୍ କହିଲେ, ମୋର ଗୋଟିଏ ଓଟ ଅଛି। ସେହି ଓଟଟିକୁ ତୁମେ ନେଇଯାଅ। ଏହିପରି ଭାବରେ ତୁମର ୧୭ଟି ଓଟ ଥିଲା, ମୋର ଗୋଟିଏ ମିଶାଇ ଅଠରଟି ଓଟ ହେବ। ଏବେ ତୁମ ଗୁରୁଙ୍କ କହିବା ଅନୁସାରେ, ବଡ଼ ଜଣକୁ ଏଥିରୁ ଅଧା ଦିଅ, ଅର୍ଥାତ୍ ନଅଟି ଓଟ। ମଝିଆକୁ ଏକ ତୃତୀୟାଂଶ ଅର୍ଥାତ୍ ଛଅଟି ଓଟ, ଏବଂ ସାନକୁ ୧/୯ ଭାଗ ଅର୍ଥାତ୍ ଦୁଇଟି ଓଟ। ଏବେ ଦେଖ - ୯ + ୬ + ୨ = ୧୭। ମୁଁ ଦେଇଥିବା ମୋର ଗୋଟିଏ ଓଟକୁ ଫେରାଇ ଦେବ, ଯାହା ମୋର। ଏଥର ମୋତେ ତୁମେ କୁହ, ତୁମର ଗୁରୁଜୀଙ୍କ କହିବା ଅନୁସାରେ ଓଟ ବଣ୍ଟନ ଠିକ୍ ହୋଇଛି କି ନାହିଁ। ଶିଷ୍ୟମାନେ ଏବେ ଖୁସି। ଏହି ବଣ୍ଟନ ଦ୍ୱାରା ସେମାନେ ସେମାନଙ୍କର ନୂତନ ଗୁରୁଙ୍କୁ ପାଇଲେ। କାରଣ ଗୁରୁ ଶିଷ୍ୟମାନଙ୍କ ସମସ୍ୟା ସହିତ ଜଡ଼ିତ ହୋଇ ଯାଇଥିଲେ, ବୃଦ୍ଧ ଗୁରୁ ଏବେ ଶିଷ୍ୟମାନଙ୍କ ଚିନ୍ତାରୁ ମୁକ୍ତ ହେଲେ। ■

ଅରବିନ୍ଦ ନଗର, ନୟାଗଡ଼







ଅଦ୍ୱିକ୍ ସ୍ୱାଇଁ
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଶିଖରପୁର, କଟକ





ରିଷିକା କାନୁନ୍‌ଗୋ
ପଞ୍ଚମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ଶୁଭମ୍ ମିଶ୍ର
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା






ପ୍ରିୟଲ ଶାହ
ପ୍ରଥମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ଦେଓଘର, ଝାରଖଣ୍ଡ

## ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ

# ଭାରତକୁ ୬ଷ୍ଠ ଟାଇଟଲ୍



ହରାରେ, ୬।୨ (ଏଜେନ୍ସି)

ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀ (୮୦ବଲ୍‌ରେ ୧୭୫ରନ୍)ଙ୍କ ବିସ୍ଫୋରକ ଶତକ ବଳରେ ଭାରତ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଜିମ୍ବାୱେର ହରାରେ ସ୍ପୋର୍ଟ୍ସ କ୍ଲବ୍ ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ଫାଇନାଲ ଭାରତ ୧୦୦ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରି ୬ଷ୍ଠ ଥର ଟାଇଟଲ ଅର୍ଜନ କରିଛି। ଭାରତ ଖେଳିଥିବା ୧୦ମଥର ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ୯ ୱିକେଟରେ ୪୧୧ ରନ୍‌ର ବିଶାଳ ସ୍କୋର କରିଥିଲା। ଯେ କୌଣସି ବିଶ୍ୱକପ୍‌ରେ ଏହା ଥିଲା ସର୍ବାଧିକ ସ୍କୋର। ଏହି ମ୍ୟାଚ୍‌ରେ ବୈଭବ ୮୦ବଲ୍‌ର ସମ୍ମୁଖୀନ ହୋଇ ୧୫ଟି ଲେଖାଏଁ ଚୌକା ଓ ଛକା ସହ ୧୭୫ ରନ୍ କରି ଇଂଲଣ୍ଡ ହାତରୁ ମ୍ୟାଚ୍ ଛଡ଼ାଇନେଇଥିଲେ। ଜବାବରେ ଇଂଲଣ୍ଡ ଶେଷ ଭାଗରେ କାଲେବ ଫାଲକ୍‌ନରଙ୍କ ଶତକ ବଳରେ ଇଂଲଣ୍ଡ ୪୦.୨ ଓଭରରେ ୩୧୧ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କାଲେବ ଫାଲକନର ସର୍ବାଧିକ ୧୧୫ ରନ୍ କରିଥିଲେ। ବୈଭବ ସୂର୍ଯ୍ୟବଂଶୀଙ୍କୁ ଫାଇନାଲର ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ପୁରସ୍କାର ପାଇବାରେ ସେ ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି।

ଏହି ଫାଇନାଲ ଜିତିବା ଫଳରେ ଭାରତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ୬ଷ୍ଠ ଥର ଟାଇଟଲ ଜିତିଛି। ଭାରତ ମଧ ଆଇସିସି ଟୁର୍ଣ୍ଣାମେଣ୍ଟରେ ୨୦୨୪ରୁ ବିଜୟ ଧାରା ଅବ୍ୟାହତ ରଖିଛି। ୨୦୨୪ରେ ଭାରତ ପୁରୁଷ ଟି-୨୦ ବିଶ୍ୱକପ୍, ୨୦୨୫ରେ ପୁରୁଷ ଚାମ୍ପିଅନ୍ସ ଟ୍ରଫି, ମହିଳା ଦିନିକିଆ ବିଶ୍ୱକପ୍, ମହିଳା ୧୯ ବର୍ଷରୁ କମ୍ ବିଶ୍ୱକପ୍ ଓ ଏବେ ପୁରୁଷ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଚାମ୍ପିଅନ ହୋଇଛି। ଆଜିର ଫାଇନାଲରେ ସର୍ବାଧିକ ୭୨୨ ରନ୍, ବ୍ୟକ୍ତିଗତ ଭାବେ ବୈଭବ ସର୍ବାଧିକ ୧୭୫ ରନ୍, ୧୦୦ ରନ୍‌ରେ ବିଜୟ, ସର୍ବାଧିକ ୩୧ଟି ଛକା ମାରିବାର ରେକର୍ଡ ହୋଇଛି।

## ସୂର୍ଯ୍ୟବଂଶୀଙ୍କ ବିଶ୍ୱରେକର୍ଡ



ହରାରେ, ୬।୨(ଏଜେନ୍ସି): ଭାରତର ୧୪ ବର୍ଷୀୟ ବାମହାତୀ ଓପନର ବୈଭବ ସୂର୍ଯ୍ୟବଂଶୀ ସ୍ଥାନୀୟ ସ୍ପୋର୍ଟ୍ସ କ୍ଲବ୍‌ଠାରେ ଶୁକ୍ରବାର ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ରେ ୮୦ ବଲ୍‌ରୁ ୧୭୫ ରନ୍ କରିଛନ୍ତି। ହେି ସ୍କୋରରେ ସେ ୧୫ଟି ଚୌକା ଓ ୧୫ଟି ଛକା ମାରି ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେ ସୃଷ୍ଟି କରିଥିବା ବିଶ୍ୱରେକର୍ଡ ଓ ରେକର୍ଡ ସମ୍ପର୍କରେ ନିମ୍ନରେ ସୂଚୀତ କରାଯାଉଛି।

୧ ଏହି ମ୍ୟାଚ୍‌ରେ ବୈଭବ ସୂର୍ଯ୍ୟବଂଶୀ ସଂଗ୍ରହ କରିଥିବା ୧୭୫ ରନ୍ ବିଶ୍ୱର ଯେ କୌଣସି ୟୁଥ୍ ଦିନିକିଆ ଫାଇନାଲରେ ସର୍ବାଧିକ। ଏହା ଫଳରେ ଭାରତ ବିପକ୍ଷ ଏସିଆ କପ ଫାଇନାଲରେ ୧୭୨ ରନ୍ ସଂଗ୍ରହ କରିଥିବା ପାକିସ୍ତାନର ସମୀର ମାନହାସଙ୍କ ବିଶ୍ୱରେକର୍ଡ ଭାଙ୍ଗିଯାଇଛି।

୨ ଆଇସିସି ଦ୍ୱାରା ଆୟୋଜିତ ଯେ କୌଣସି ଟୁର୍ଣ୍ଣାମେଣ୍ଟ (ଜୁନିଅର, ସିନିଅର, ପୁରୁଷ/ମହିଳା) ଫାଇନାଲରେ ସର୍ବାଧିକ ସ୍କୋର। ପୂର୍ବରୁ ୨୦୨୨ ଇଂଲଣ୍ଡ ବିପକ୍ଷ ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆର ଆଲିସା ହିଲୀ ୧୭୦ ରନ୍ କରି ବିଶ୍ୱରେକର୍ଡର ଅଧିକାରୀ ହୋଇଥିଲେ।

୩ ସୂର୍ଯ୍ୟବଂଶୀ ଏହି ଇନିଂସରେ ୧୫ଟି ଛକା ମାରିଛନ୍ତି। ୟୁଥ୍ ଦିନିକିଆରେ ଏହା ଗୋଟିଏ ବ୍ୟକ୍ତିଗତ ସ୍କୋରରେ ସର୍ବାଧିକ ଛକା ମାରି ନିଜ ନାମରେ ଥିବା ବିଶ୍ୱରେକର୍ଡକୁ ଭାଙ୍ଗିଦେଇଥିଲେ। ପୂର୍ବରୁ ୟୁଏଇ ବିପକ୍ଷରେ ୧୪ଟି ଛକା ମାରିଥିଲେ। ସୂର୍ଯ୍ୟବଂଶୀ ୫ଥର ଗୋଟିଏ ବ୍ୟକ୍ତିଗତ ସ୍କୋରରେ ୧୦ଟି କିମ୍ବା ତାଠାରୁ ଅଧିକ ଛକା ମାରିଛନ୍ତି। ଅନ୍ୟମାନେ ମାତ୍ର ୩ଥର ଏଭଳି ସଫଳତା ପାଇଛନ୍ତି।

୪ ଏହି ମ୍ୟାଚ୍‌ରେ ସୂର୍ଯ୍ୟବଂଶୀ ୧୫ଟି ଚୌକା ଓ ୧୫ଟି ଛକା ସହ ବାଉଣ୍ଡାରୀରୁ ରେକର୍ଡ ୧୫୦ ରନ୍ ସଂଗ୍ରହ କରିଛନ୍ତି। ପୂର୍ବରୁ କେନିଆ ବିପକ୍ଷରେ ହର୍ଷିତା ବାଗୋଡା ବାଉଣ୍ଡାରୀରୁ ସର୍ବାଧିକ ୧୨୪ ରନ୍ ଉଠାଇଥିଲେ। କିନ୍ତୁ ଉଭୟ ଖେଳାଳି ୩୦ଟି ଲେଖାଏଁ ବାଉଣ୍ଡାରୀ ମାରିଛନ୍ତି।

୫ ଫାଇନାଲ ମ୍ୟାଚ୍‌କୁ ମିଶାଇ ସୂର୍ଯ୍ୟବଂଶୀ ୟୁଥ୍ ଦିନିକିଆ କ୍ୟାରିୟରରେ ସର୍ବାଧିକ ୧୧୦ଟି ଛକା ମାରିଛନ୍ତି। ତାଙ୍କ ପଛକୁ ବାଂଲାଦେଶର ଜୱାଦ ଆବ୍ରାର ୫୫ଟି ଛକା ମାରି ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଅନ୍ୟ କେହି ୪୦ଟି ଛକା ମଧ୍ୟ ମାରି ନାହାନ୍ତି।

୬ ଏହି ମ୍ୟାଚ୍‌ରେ ସୂର୍ଯ୍ୟବଂଶୀ ୩୨ ବଲ୍‌ରୁ ଅର୍ଦ୍ଧଶତକ, ୫୫ ବଲ୍‌ରୁ ଶତକ ଓ ୭୧ ବଲ୍‌ରୁ ୧୫୦ ଓ ୮୦ ବଲ୍‌ରୁ ୧୭୫ ରନ୍ କରିଛନ୍ତି। ଏହା ବିଶ୍ୱକପ୍‌ରେ ଦ୍ୱିତୀୟ ଦ୍ରୁତତମ ଓ ବିଶ୍ୱରେ ୫ମ ଦ୍ରୁତତମ ଶତକ ଅଟେ। ଗତବର୍ଷ ସେ ୫୨ ବଲ୍‌ରେ ଇଂଲଣ୍ଡ ବିପକ୍ଷରେ ଶତକ ଓ ନିକଟରେ ଭାରତରେ ଅନୁଷ୍ଠିତ ବିଜୟ ହଜାରେ ଟ୍ରଫିରେ ୫୯ ବଲ୍‌ରୁ ୧୫୦ ରନ୍ ପୂରଣ କରି ଲିଷ୍ଟ-ଏ' କ୍ରିକେଟରେ ବିଶ୍ୱରେକର୍ଡ କରିଥିଲେ।

୭ ୟୁଥ୍ ଦିନିକିଆ ବିଶ୍ୱକପ୍ ଫାଇନାଲରେ ସୂର୍ଯ୍ୟବଂଶୀଙ୍କ ୧୭୫ ରନ୍ ସର୍ବାଧିକ ଓ ୬ଷ୍ଠ ଶତକ। ତାଙ୍କ ପୂର୍ବରୁ ଭାରତର ଉନ୍ମୁକ୍ତ ଚାନ୍ଦ (ଅପରାଜିତ ୧୧୧) ୨୦୧୨ ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲରେ ଦ୍ୱିତୀୟ ସର୍ବାଧିକ ରନ୍ କରିଥିଲେ। ଭାରତର ମନଜୋତ କାର୍ଲା ୨୦୧୮ରେ ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲରେ ମଧ ଶତକ (ଅପରାଜିତ ୧୦୧) ହାସଲ କରିଥିଲେ।

### ବରିଷ୍ଠ ମହିଳା ବିସିସିଆଇ ଦିନିକିଆ ଟ୍ରଫି

## ଓଡ଼ିଶାର ବୃହତ୍ ବିଜୟ

ଭୁବନେଶ୍ୱର, ୬ ।୨(ସମିସ)



ସରିତା ମେହେର ଏସ୍‌ବି ଲରେନ୍ସ ସୁଶ୍ରୀ ଦିବ୍ୟଦର୍ଶିନୀ

ଗୁଜରାଟର ରାଜକୋଟ୍‌ରେ ଆରମ୍ଭ ହୋଇଥିବା ବିସିସିଆଇ ବରିଷ୍ଠ ମହିଳା ଦିନିକିଆ ଟ୍ରଫି ଏଲିଟ୍‌ରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ସାନୋସାରା କ୍ରିକେଟ ଗ୍ରାଉଣ୍ଡ-ବି'ରେ ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଓଡ଼ିଶା ୩୫ ରନରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଓଡ଼ିଶା ନିର୍ଦ୍ଧାରିତ ୫୦ ଓଭରରେ ୨୫୭ ରନର ସମ୍ମାନଜନକ ସ୍କୋର ହାସଲ କରିଥିଲା। ଜବାବରେ ମଧ୍ୟପ୍ରଦେଶ ୪୭.୩ ଓଭରରେ ୨୨୨ ରନକରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଓଡ଼ିଶାର ଅଭିଜ୍ଞ ଅଲରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀ ୫୮ ବଲରେ ୫୭ ରନ କରିବା ସହ ୪ ୱିକେଟ ନେଇ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଓଡ଼ିଶା ତରଫରୁ ଅନ୍ୟମାନଙ୍କ ମଧ୍ୟରେ ସରିତା ମେହେର ୧୦୦ ବଲର ସମ୍ମୁଖୀନ ହୋଇ ୧୧ ଚୌକା ସହ ୮୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବୋଲିଂରେ ମଧ୍ୟପ୍ରଦେଶ ତରଫରୁ ଆୟୁଷି ଶୁକ୍ଲା ଓ ସଂସ୍କୃତି ଗୁପ୍ତା ୨ଟି ଲେଖାଏ ୱିକେଟ ନେଇଥିଲେ। ସେହିପରି ମଧ୍ୟପ୍ରଦେଶ ତରଫରୁ ବ୍ୟାଟିଂରେ ଅନନ୍ୟା ଦୁବେ ୮୫ ଓ ଆୟୁଷି ଶୁକ୍ଲା ୬୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବୋଲିଂରେ ଓଡ଼ିଶା ପାଇଁ ଦିବ୍ୟଦର୍ଶିନୀ ଓ ଏସ୍‌ବି ଲରେନ୍ସ ୪ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

# ଆଜିଠୁ ଟି-୨୦ ବିଶ୍ୱକପ୍ ମହାସମର

ମୁମ୍ବାଇ/କଲମ୍ବୋ, ୬ ।୨ (ଏଜେନ୍ସି)

ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଶନିବାରଠାରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆରମ୍ଭ ହେବାକୁଯାଉଛି। ଶ୍ରୀଲଙ୍କା ୧୪ ବର୍ଷ ପରେ ଓ ଭାରତ ୧୦ ବର୍ଷ ପରେ ଟି-୨୦ ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଛନ୍ତି। ଟି-୨୦ ବିଶ୍ୱକପ୍ ଇତିହାସରେ ପ୍ରଥମଥର ଲାଗି ୨୦ଟି ଦଳ ଚଳିତ ସଂସ୍କରଣରେ ଅଂଶଗ୍ରହଣ କରୁଛନ୍ତି। ଯେଉଁଥିରେ ଦୁଇ ଆୟୋଜକ ଭାରତ ଓ ଶ୍ରୀଲଙ୍କା ସମେତ ଗତ ସଂସ୍କରଣରେ ଶୀର୍ଷ-୬ରେ ରହିଥିବା ଛଅଟି ଦଳ ସିଧାସଳଖ ଏହି ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିଭଳି ଅନ୍ୟ ୮ଟି ଦଳ ରିଜିଓନାଲ ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରି ବିଶ୍ୱକପ୍ ଟିକଟ୍ ଲାଭ କରିଛନ୍ତି। ପ୍ରଥମଥର ଲାଗି ଇଟାଲୀ ବିଶ୍ୱକପ୍ ଖେଳିବାର ସୌଭାଗ୍ୟ ଲାଭ କରିଛି। ସେହିଭଳି ଶେଷ ମୁହୂର୍ତ୍ତରେ ବାଂଲାଦେଶ ଓହରିଯିବାରୁ ଏହାର ବଦଳ ଦଳ ଭାବେ ସ୍କଟଲାଣ୍ଡକୁ ସୁଯୋଗ ମିଳିଛି। ଆୟୋଜନ କରୁଛନ୍ତି। ସୁରକ୍ଷାଜନିତ କାରଣ ଲାଗି ପାକିସ୍ତାନର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳାଯିବ। ଭାରତର ୫ଟି ଓ ଶ୍ରୀଲଙ୍କାର ୩ଟି ଷ୍ଟାଡିୟମରେ ବିଶ୍ୱକପ୍‌ର ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହେବ। ଭାରତର ଇଡେନ ଗାର୍ଡେନ୍ସ (କୋଲକାତା), ଏମ୍‌ଏ ଚିଦାମ୍ବରମ (ଚେନ୍ନଇ), ଅରୁଣ ଜେଟଲୀ (ଦିଲ୍ଲୀ), ୱାଙ୍ଖେଡେ (ମୁମ୍ବଇ) ଓ ନରେନ୍ଦ୍ର ମୋଦୀ ଷ୍ଟାଡିୟମ (ଅହମ୍ମଦାବାଦ) ଏବଂ ଶ୍ରୀଲଙ୍କାର ଆର୍ ପ୍ରେମଦାସ (କଲମ୍ବୋ), ସିଂହଳୀ ସ୍ପୋର୍ଟ୍ସ କ୍ଲବ (କଲମ୍ବୋ) ଓ ପାଲେକେଲେ କ୍ରିକେଟ୍ ଷ୍ଟାଡିୟମ (କାଣ୍ଡି)ରେ ମ୍ୟାଚ୍ ଅନୁଷ୍ଠିତ ହେବ।

### ଉଦ୍‌ଘାଟନୀରେ ନୋରା-ବାଦଶାହା 'ଶୋ'

ଶନିବାରଠାରୁ ଆରମ୍ଭ ହେବ ଟି-୨୦ ବିଶ୍ୱକପ୍। ରାତିରେ ମୁମ୍ବଇର ୱାଙ୍ଖେଡେ ଷ୍ଟାଡିୟମରେ ଭାରତ ଓ ଆମେରିକା ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ପୂର୍ବରୁ ରଙ୍ଗାରଙ୍ଗ ଉଦ୍‌ଘାଟନୀ କାର୍ଯ୍ୟସୂଚୀ ବିସିସିଆଇ ପକ୍ଷରୁ ରଖାଯାଇଛି। ସନ୍ଧ୍ୟା ୬ଟାରୁ ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆରମ୍ଭ ହେବ। ଯେଉଁଥିରେ ଲାଇଭ ସଙ୍ଗୀତ, ନୃତ୍ୟ ପରେ ଟି-୨୦ ବିଶ୍ୱକପ୍ ପଡ଼ିଆ ମଧ୍ୟକୁ ଆଗମନ ହେବ। ପ୍ରଥମେ ରଷଭ ଶର୍ମା ଓ ଶିବମଣିଙ୍କ ସଙ୍ଗୀତ ପରିବେଷଣ କରିବେ। ପରବର୍ତ୍ତୀ ସମୟରେ ଆଇସିସି ଅଧ୍ୟକ୍ଷ ଜୟ ଶାହ ଓ ପୂର୍ବତନ ଭାରତୀୟ ଅଧିନାୟକ ରୋହିତ ଶର୍ମା ବିଶ୍ୱକପ୍ ଟ୍ରଫି ନେଇ ପଡ଼ିଆ ମଧ୍ୟକୁ ପ୍ରବେଶ କରିବେ। ଏହାପରେ ସମସ୍ତ ଦଳର ଅଧିନାୟକ ପଡ଼ିଆ ମଧ୍ୟକୁ ପ୍ରବେଶ କରିବା ସହ ଆନୁଷ୍ଠାନିକ ଭାବେ ବିଶ୍ୱକପ୍ ଉଦ୍‌ଘାଟିତ ହେବା ନେଇ ଘୋଷଣା କରାଯିବ। ଟ୍ରଫି ସ୍ୱାଗତ କାର୍ଯ୍ୟକ୍ରମ ପରେ ରାପର୍ ବାଦଶାହା, ପରେ ନୋରା ଫତେହି ମଞ୍ଚ ଉପରେ ସେମାନଙ୍କ ଜଲୱା ଦେଖାଇବେ।




### ଖେଳାଯିବ ୫୫ ମ୍ୟାଚ୍

ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ମେଗା ଇଭେଣ୍ଟରେ ମୋଟ୍ ୫୫ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଯେଉଁଥିରେ ଗ୍ରୁପ୍ ପର୍ଯ୍ୟାୟର ୪୦ଟି ମ୍ୟାଚ୍, ୧୨ଟି ସୁପର୍-୮ ମ୍ୟାଚ୍, ଦୁଇଟି ସେମିଫାଇନାଲ ଓ ଗୋଟିଏ ଫାଇନାଲ ମ୍ୟାଚ୍ ସାମିଲ ରହିଛି। ଅଂଶଗ୍ରହଣକାରୀ ୨୦ଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହାପରେ ପ୍ରତି ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସୁପର୍-୮କୁ ଯୋଗ୍ୟତା ଅର୍ଜନ କରିବେ। ପ୍ରତିଦିନ ବିଶ୍ୱକପ୍‌ରେ ୩ଟି ଲେଖାଏ ମ୍ୟାଚ୍ ଖେଳାଯିବ। ମ୍ୟାଚ୍‌ଗୁଡ଼ିକ ଭାରତୀୟ ସମୟ ପୂର୍ବାହ୍ନ ୧୧ଟା, ଅପରାହ୍ଣ ୩ଟା ଓ ରାତି ୭ଟାରୁ ଆରମ୍ଭ ହେବ।

### ୮ଟି ଷ୍ଟାଡିୟମରେ ଖେଳାଯିବ ମ୍ୟାଚ୍

ଭାରତ ଓ ଶ୍ରୀଲଙ୍କା ବିଶ୍ୱକପ୍‌ର ଏହି ସଂସ୍କରଣକୁ ମିଳିତ ଭାବେ

### ଷ୍ଟାର ସ୍ପୋର୍ଟ୍ସରେ ପ୍ରସାରଣ

ଭାରତରେ ବିଶ୍ୱକପ୍‌ର ସମସ୍ତ ମ୍ୟାଚ୍ ଟେଲିଭିଜନରେ ଷ୍ଟାର ସ୍ପୋର୍ଟ୍ସ ନେଟୱର୍କରେ ପ୍ରସାରିତ ହେବ। ସେହିଭଳି ଡିଜିଟାଲ ପ୍ଲାଟଫର୍ମ ଜିଓହଟଷ୍ଟାରରେ ମଧ କ୍ରିକେଟ୍ ପ୍ରେମୀ ମ୍ୟାଚ୍ ଦେଖିପାରିବେ।

### ଗ୍ରୁପ୍ ପର୍ଯ୍ୟାୟ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସମୟ | ଭେନ୍ୟୁ |
|---|---|---|---|
| ୭ ।୨ | ପାକିସ୍ତାନ-ନେଦରଲାଣ୍ଡସ | ପୂର୍ବାହ୍ନ ୧୧ଟା | କଲମ୍ବୋ |
| ୭ ।୨ | ୱେଷ୍ଟଇଣ୍ଡିଜ-ସ୍କଟଲାଣ୍ଡ | ଅପରାହ୍ଣ ୩ଟା | କୋଲକାତା |
| ୭ ।୨ | ଭାରତ-ଆମେରିକା | ରାତି ୭ଟା | ମୁମ୍ବଇ |
| ୮ ।୨ | ନ୍ୟୁଜିଲାଣ୍ଡ-ଆଫଗାନିସ୍ତାନ | ପୂର୍ବାହ୍ନ ୧୧ଟା | ଚେନ୍ନଇ |
| ୮ ।୨ | ଇଂଲଣ୍ଡ-ନେପାଳ | ଅପରାହ୍ଣ ୩ଟା | ମୁମ୍ବଇ |
| ୮ ।୨ | ଶ୍ରୀଲଙ୍କା-ଆୟର୍ଲାଣ୍ଡ | ରାତି ୭ଟା | କଲମ୍ବୋ |
| ୯ ।୨ | ସ୍କଟଲାଣ୍ଡ-ଇଟାଲୀ | ପୂର୍ବାହ୍ନ ୧୧ଟା | କୋଲକାତା |
| ୯ ।୨ | ଜିମ୍ବାୱେ-ଓମାନ | ଅପରାହ୍ଣ ୩ଟା | କଲମ୍ବୋ |
| ୯ ।୨ | ଦକ୍ଷିଣ ଆଫ୍ରିକା-କାନାଡା | ରାତି ୭ଟା | ଅହମ୍ମଦାବାଦ |
| ୧୦ ।୨ | ନେଦରଲାଣ୍ଡସ-ନାମିବ୍ୟା | ପୂର୍ବାହ୍ନ ୧୧ଟା | ଦିଲ୍ଲୀ |
| ୧୦ ।୨ | ନ୍ୟୁଜିଲାଣ୍ଡ-ୟୁଏଇ | ଅପରାହ୍ଣ ୩ଟା | ଚେନ୍ନଇ |
| ୧୦ ।୨ | ପାକିସ୍ତାନ-ଆମେରିକା | ରାତି ୭ଟା | କଲମ୍ବୋ |
| ୧୧ ।୨ | ଦ.ଆଫ୍ରିକା-ଆଫଗାନିସ୍ତାନ | ପୂର୍ବାହ୍ନ ୧୧ଟା | ଅହମ୍ମଦାବାଦ |
| ୧୧ ।୨ | ଅଷ୍ଟ୍ରେଲିଆ-ଆୟର୍ଲାଣ୍ଡ | ଅପରାହ୍ଣ ୩ଟା | କଲମ୍ବୋ |
| ୧୧ ।୨ | ଇଂଲଣ୍ଡ-ୱେଷ୍ଟଇଣ୍ଡିଜ | ରାତି ୭ଟା | ମୁମ୍ବଇ |
| ୧୨ ।୨ | ଶ୍ରୀଲଙ୍କା-ଓମାନ | ପୂର୍ବାହ୍ନ ୧୧ଟା | ପାଲେକେଲେ |
| ୧୨ ।୨ | ନେପାଳ-ଇଟାଲୀ | ଅପରାହ୍ଣ ୩ଟା | ମୁମ୍ବଇ |
| ୧୨ ।୨ | ଭାରତ-ନାମିବ୍ୟା | ରାତି ୭ଟା | ଦିଲ୍ଲୀ |
| ୧୩ ।୨ | ଅଷ୍ଟ୍ରେଲିଆ-ଜିମ୍ବାୱେ | ପୂର୍ବାହ୍ନ ୧୧ଟା | କଲମ୍ବୋ |
| ୧୩ ।୨ | କାନାଡା-ୟୁଏଇ | ଅପରାହ୍ଣ ୩ଟା | ଦିଲ୍ଲୀ |
| ୧୩ ।୨ | ଆମେରିକା-ନେଦରଲାଣ୍ଡସ | ରାତି ୭ଟା | ଚେନ୍ନଇ |
| ୧୪ ।୨ | ଆୟର୍ଲାଣ୍ଡ-ଓମାନ | ପୂର୍ବାହ୍ନ ୧୧ଟା | କଲମ୍ବୋ |
| ୧୪ ।୨ | ଇଂଲଣ୍ଡ-ସ୍କଟଲାଣ୍ଡ | ଅପରାହ୍ଣ ୩ଟା | କୋଲକାତା |
| ୧୪ ।୨ | ନ୍ୟୁଜିଲାଣ୍ଡ-ଦ.ଆଫ୍ରିକା | ରାତି ୭ଟା | ଅହମ୍ମଦାବାଦ |
| ୧୫ ।୨ | ୱେଷ୍ଟଇଣ୍ଡିଜ-ନେପାଳ | ପୂର୍ବାହ୍ନ ୧୧ଟା | ମୁମ୍ବଇ |
| ୧୫ ।୨ | ଆମେରିକା-ନାମିବ୍ୟା | ଅପରାହ୍ଣ ୩ଟା | ଚେନ୍ନଇ |
| ୧୫ ।୨ | ଭାରତ-ପାକିସ୍ତାନ | ରାତି ୭ଟା | କଲମ୍ବୋ |
| ୧୬ ।୨ | ଆଫଗାନିସ୍ତାନ-ୟୁଏଇ | ପୂର୍ବାହ୍ନ ୧୧ଟା | ଦିଲ୍ଲୀ |
| ୧୬ ।୨ | ଇଂଲଣ୍ଡ-ଇଟାଲୀ | ଅପରାହ୍ଣ ୩ଟା | କୋଲକାତା |
| ୧୬ ।୨ | ଅଷ୍ଟ୍ରେଲିଆ-ଶ୍ରୀଲଙ୍କା | ରାତି ୭ଟା | ପାଲେକେଲେ |
| ୧୭ ।୨ | ନ୍ୟୁଜିଲାଣ୍ଡ-କାନାଡା | ପୂର୍ବାହ୍ନ ୧୧ଟା | ଚେନ୍ନଇ |
| ୧୭ ।୨ | ଜିମ୍ବାୱେ-ଆୟର୍ଲାଣ୍ଡ | ଅପରାହ୍ଣ ୩ଟା | ପାଲେକେଲେ |
| ୧୭ ।୨ | ସ୍କଟଲାଣ୍ଡ-ନେପାଳ | ରାତି ୭ଟା | ମୁମ୍ବଇ |
| ୧୮ ।୨ | ଦ.ଆଫ୍ରିକା-ୟୁଏଇ | ପୂର୍ବାହ୍ନ ୧୧ଟା | ଦିଲ୍ଲୀ |
| ୧୮ ।୨ | ପାକିସ୍ତାନ-ନାମିବ୍ୟା | ଅପରାହ୍ଣ ୩ଟା | କଲମ୍ବୋ |
| ୧୮ ।୨ | ଭାରତ-ନେଦରଲାଣ୍ଡସ | ରାତି ୭ଟା | ଅହମ୍ମଦାବାଦ |
| ୧୯ ।୨ | ୱେଷ୍ଟଇଣ୍ଡିଜ-ଇଟାଲୀ | ପୂର୍ବାହ୍ନ ୧୧ଟା | କୋଲକାତା |
| ୧୯ ।୨ | ଶ୍ରୀଲଙ୍କା-ଜିମ୍ବାୱେ | ଅପରାହ୍ଣ ୩ଟା | କଲମ୍ବୋ |
| ୧୯ ।୨ | ଆଫଗାନିସ୍ତାନ-କାନାଡା | ରାତି ୭ଟା | ଚେନ୍ନଇ |
| ୨୦ ।୨ | ଅଷ୍ଟ୍ରେଲିଆ-ଓମାନ | ରାତି ୭ଟା | ପାଲେକେଲେ |
| ଫେବୃଆରୀ ୨୧ରୁ ମାର୍ଚ୍ଚ ୧ ସୁପର-୮ ପର୍ଯ୍ୟାୟ | | | |
| ୪ ।୩ | ପ୍ରଥମ ସେମିଫାଇନାଲ | ରାତି ୭ଟା | -- |
| ୫ ।୩ | ଦ୍ୱିତୀୟ ସେମିଫାଇନାଲ | ରାତି ୭ଟା | ମୁମ୍ବଇ |
| ୮ ।୩ | ଫାଇନାଲ | ରାତି ୭ଟା | -- |

### କେଉଁ ଗ୍ରୁପ୍‌ରେ କିଏ

| | |
|---|---|
| ଗ୍ରୁପ୍-ଏ | ଭାରତ, ପାକିସ୍ତାନ, ନାମିବ୍ୟା, ଆମେରିକା, ନେଦରଲାଣ୍ଡସ |
| ଗ୍ରୁପ୍-ବି | ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ଆୟର୍ଲାଣ୍ଡ, ଜିମ୍ବାୱେ, ଓମାନ |
| ଗ୍ରୁପ୍-ସି | ଇଂଲଣ୍ଡ, ୱେଷ୍ଟଇଣ୍ଡିଜ, ସ୍କଟଲାଣ୍ଡ, ନେପାଳ, ଇଟାଲୀ |
| ଗ୍ରୁପ୍-ଡି | ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ଆଫଗାନିସ୍ତାନ, ୟୁଏଇ, କାନାଡା |

## ଆମେରିକା ବିପକ୍ଷରୁ ଭାରତର ଅଭିଯାନ

ମୁମ୍ବଇ, ୬ ।୨ (ଏଜେନ୍ସି): ଟି-୨୦ ବିଶ୍ୱକପ୍‌ର ଉଦ୍‌ଘାଟନୀ ଦିବସର ଶେଷ ମ୍ୟାଚରେ ଆୟୋଜକ ଭାରତ ଓ ଆମେରିକା ସାମ୍ନାସାମ୍ନି ହେବେ। ରାତି ୭ଟାରେ ୱାଙ୍ଖେଡେ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ସଦ୍ୟ ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗ୍‌ରେ ଭାରତ ଶୀର୍ଷରେ ରହିଥିବାବେଳେ ଆମେରିକା ୧୮ତମ ସ୍ଥାନରେ ରହିଛି। ତେଣୁ ମାନ୍ୟତା ଦୃଷ୍ଟିରୁ ଭାରତ ଏହି ମ୍ୟାଚରେ ଫେଭରାଇଟ୍ ବିବେଚିତ ହେଉଛି। ଦୁଇ ଇନଫର୍ମ ବିସ୍ଫୋରକ ଓପନର ଇଶାନ କିଶାନ ଓ ଅଭିଷେକ ଶର୍ମାଙ୍କ ସହ ଅଧିନାୟକ ସୂର୍ଯ୍ୟକୁମାର, ତିଲକ ବର୍ମା ଏବଂ ବୋଲିଂରେ ଯଶପ୍ରୀତ ବୁମ୍‌ରାଙ୍କ ସହ ଅର୍ଶଦୀପ୍ ସିଂହ, କୁଲଦୀପ ଯାଦବ ଭାର ସମ୍ଭାଳିବେ। ସେହିଭଳି ହାର୍ଦ୍ଦିକ ପାଣ୍ଡ୍ୟା, ଶିଭମ ଦୁବେ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦରଙ୍କ ଭଳି ଦକ୍ଷ ଅଲ୍‌ରାଉଣ୍ଡର ଥିବାରୁ ଭାରତ ଏଥର ପ୍ରମୁଖ ଟାଇଟଲ୍ ଦାବିଦାର ରହିଛି। ଅଭିଷେକଙ୍କ ସହ ଇଶାନ ଇନିଂସ ଓପନ୍ କରିବା ନେଇ ଅଧିନାୟକ ସୂର୍ଯ୍ୟ ସ୍ପଷ୍ଟ କରିସାରିଛନ୍ତି। ଅପରପକ୍ଷରେ ଏକାଧିକ ଦେଶର ଖେଳାଳିଙ୍କୁ ନେଇ ଆମେରିକା ଦଳ ଗଠିତ ହୋଇଛି। ଆମେରିକା ଜନ୍ମିତ ମାତ୍ର ୪ଜଣ ଖେଳାଳି ଦଳରେ ରହିଛନ୍ତି। ସେହିଭଳି ଅଧିନାୟକ ମୋନାକ ପଟେଲଙ୍କ ସମେତ ୫ଜଣ ଭାରତୀୟ, ୩ଜଣ ପାକିସ୍ତାନ ଜନ୍ମିତ ଖେଳାଳି ଆମେରିକା ଦଳରେ ସ୍ଥାନ ପାଇଛନ୍ତି। ଅଧିନାୟକ ମୋନାକ ଗୁଜରାଟ ପକ୍ଷରୁ ବିଭିନ୍ନ ବୟସ ବର୍ଗରେ ଖେଳି ପରବର୍ତ୍ତୀ ସମୟରେ ଆମେରିକା ପଳାଇଥିଲେ।

## ହାଜ୍‌ଲେଉଡ୍ ବାଦ୍, ହର୍ଷିତଙ୍କ ସ୍ଥାନରେ ସିରାଜ

ନୂଆଦିଲ୍ଲୀ, ୬ ।୨ (ଏଜେନ୍ସି): ରାତି ପାହିଲେ ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଆରମ୍ଭ ହେବ। ତେବେ ଏଥିପୂର୍ବରୁ ଆୟୋଜକ ଭାରତ ଓ ଅଷ୍ଟ୍ରେଲିଆ ଦଳକୁ ଜୋରଦାର ଝଟକା ଲାଗିଛି। ଆଘାତଜନିତ ସମସ୍ୟା ଲାଗି ଦୁଇ ଦ୍ରୁତ ବୋଲର ଭାରତର ହର୍ଷିତ ରାଣା ବାଦ୍ ପଡ଼ିଛନ୍ତି ଓ ଅଷ୍ଟ୍ରେଲିଆର ଜୋଶ ହାଜ୍‌ଲେଉଡ୍ ଆହତ ହୋଇଛନ୍ତି। ୨୪ ବର୍ଷୀୟ ହର୍ଷିତଙ୍କ ସ୍ଥାନରେ ମହମ୍ମଦ ସିରାଜଙ୍କୁ ସାମିଲ କରାଯାଇଛି। ହାଜ୍‌ଲେଉଡ୍‌ଙ୍କ ସ୍ଥାନରେ କାହାରିକୁ ନିଆଯାଇନାହିଁ। ସେ ସୁପର-୮ ବେଳକୁ ଫିଟ୍ ହୋଇଯିବେ ବୋଲି ଆଶା କରାଯାଉଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

## ହରାରେ ଗ୍ରାଉଣ୍ଡରେ ହରର୍ ଶୋ'

# ଆୟୁଷ ବାହିନୀଙ୍କ ବିଶ୍ୱବିଜୟ



### ବୈଭବ ଝଡ଼; ସ୍କୋରର୍ ବିଚଳିତ

ଫାଇନାଲରେ ବୈଭବ ସୂର୍ଯ୍ୟବଂଶୀ ବିଧ୍ୱଂସୀ ଶତକୀୟ ପାଳି ଖେଳିଥିଲେ । ମାତ୍ର ୮୦ଟି ବଲ ଖେଳିଥିବା ସୂର୍ଯ୍ୟବଂଶୀ ରେକର୍ଡ ୧୭୫ ରନ କରିଥିଲେ । ଯେଉଁଥିରେ ସେ ଇଂଲଣ୍ଡ ବୋଲରଙ୍କୁ ନିର୍ଦ୍ଦୁମ ପ୍ରହାର କରି ୧୫ଟି ଲେଖାଏ ଚୌକା ଓ ଛକା ମାରିଥିଲେ । ବୈଭବ କ୍ରମାଗତ ଭାବେ ଏଭଳି ବାଉଣ୍ଡରୀ ମାରି ଚାଲିଥିଲେ ଯେ ସ୍କୋରିଂ ଦାୟିତ୍ୱରେ ଥିବା ସ୍କୋରର ଅପଡେଟ୍ କରିବାରେ କିଛି ସମୟ ଦ୍ୱନ୍ଦରେ ପଡ଼ିଯାଇଥିଲେ ।



### କୈଫ୍‌ଙ୍କଠାରୁ ଆୟୁଷଙ୍କ ପର୍ଯ୍ୟନ୍ତ

୧୯ ବର୍ଷରୁ କମ୍ ବିଶ୍ୱକପ୍ ଇତିହାସରେ ଭାରତ ୬ଷ୍ଠଥର ଲାଗି ଚାମ୍ପିଅନ ହୋଇଛି । ୨୦୦୦ ମସିହାରେ ମହମ୍ମଦ କୈଫଙ୍କ ନେତୃତ୍ୱରେ ଭାରତ ସର୍ବପ୍ରଥମଥର ଲାଗି ବିଶ୍ୱକପ୍ ବିଜୟୀ ହୋଇଥିଲା । ଏହାପରେ ବିରାଟ କୋହଲି (୨୦୦୮), ଉନ୍ମୁକ୍ତ ଚାନ୍ଦ (୨୦୧୨), ପୃଥ୍ୱୀ ଶ' (୨୦୧୮), ଯଶ ଦୟାଲ (୨୦୨୨) ଓ ଆୟୁଷ ମହାତ୍ରେ ବିଭିନ୍ନ ସଂସ୍କରଣରେ ନେତୃତ୍ୱ ନେଇ ଭାରତକୁ ବିଶ୍ୱକପ୍ ଟ୍ରଫି ଭେଟି ଦେଇଥିଲେ ।





### ■ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ

## ବୈଭବ ୬ଷ୍ଠ ଭାରତୀୟ

୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍‌ରେ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ହେବାରେ ବୈଭବ ସୂର୍ଯ୍ୟବଂଶୀ ୬ଷ୍ଠ ଭାରତୀୟ କ୍ରିକେଟର୍ ହୋଇଛନ୍ତି । ୨୦୦୦ ମସିହାରେ ମହମ୍ମଦ କୈଫ୍‌ଙ୍କ ନେତୃତ୍ୱରେ ଭାରତ ପ୍ରଥମଥର ଏହି ୟୁଥ୍ ବିଶ୍ୱକପ୍ ଟ୍ରଫି ଜିତିଥିଲା । ସେହି ସଂସ୍କରଣରେ ଯୁବରାଜ ସିଂହଙ୍କୁ ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ଏହାପରେ ୨୦୦୪ରେ ଶିଖର ଧାୱନ, ୨୦୦୬ରେ ଚେତେଶ୍ୱର ପୂଜାରା, ୨୦୧୮ ରେ ଶୁବମନ ଗିଲ୍, ୨୦୨୦ରେ ଯଶସ୍ୱୀ ଜୟସ୍ୱାଲ ଏହି ପୁରସ୍କାର ହାସଲ କରିଥିଲେ । ବୈଭବ ଏହି ବିଶ୍ୱକପ୍‌ରେ ୭ଟି ମ୍ୟାଚରୁ ମୋଟ୍ ୪୩୯ ରନ ସଂଗ୍ରହ କରିଥିଲେ । ମ୍ୟାଚ୍ ପିଛା ତାଙ୍କ ଆଭରେଜ ୬୨.୭୧ ରହିଥିଲା । ବିଶ୍ୱକପ୍‌ରେ ବୈଭବ ଏକାକୀ ୩୦ଟି ଛକା ଓ ୪୧ଟି ଚୌକା ମାରିଛନ୍ତି । ତେବେ ଇଂଲଣ୍ଡର ବେନ୍ ମାୟର୍ସ ୭ଟି ମ୍ୟାଚରୁ ସର୍ବାଧିକ ୪୪୪ ରନ କରି ତାଲିକାର ଶୀର୍ଷରେ ରହିଛନ୍ତି ।







## ୟୁଥ୍ ବିଶ୍ୱକପ୍‌ରେ କାହିଁକି ପୁରସ୍କାର ଦେଉନି ଆଇସିସି

୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍‌ର ୧୬ତମ ସଂସ୍କରଣରେ ଭାରତୀୟ ୟୁଥ୍ ଦଳ ଚାମ୍ପିଅନ ହୋଇଛି । ତେବେ ଆୟୁଷ ମହାତ୍ରେଙ୍କ ନେତୃତ୍ୱାଧୀନ ଭାରତ କେବଳ ବିଶ୍ୱକପ୍ ଟ୍ରଫି ହାସଲ କରିଥିଲା । ଆୟୋଜକ ତଥା ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ଚାମ୍ପିଅନ ଦଳକୁ ଆର୍ଥିକ ପୁରସ୍କାର ବାବଦକୁ ଟଙ୍କାଟିଏ ମଧ୍ୟ ପ୍ରଦାନ କରି ନ ଥିଲା । ଯେତେବେଳେ କି ୨୦୨୪ ଟି-୨୦ ବିଶ୍ୱକପ ଚାମ୍ପିଅନ ହୋଇଥିବା ରୋହିତ ଶର୍ମାଙ୍କ ଦଳକୁ ଆଇସିସି ୨.୪୫ ମିଲିୟନ ଡଲାର (ସେ ସମୟରେ ୨୦.୪୨ କୋଟି ଟଙ୍କା) ପ୍ରଦାନ କରିଥିଲା । ଆଇସିସି ଯୁବ କ୍ରିକେଟର୍‌ଙ୍କ ମାର୍ଗଦର୍ଶନ ପାଇଁ ଏକ ବିକାଶମୂଳକ କାର୍ଯ୍ୟକ୍ରମ ଭାବରେ ୧୯ ବର୍ଷରୁ କମ୍ ବିଶ୍ୱକପ୍‌କୁ ଦେଖିଥାଏ । ତେଣୁ ୟୁଥ୍ ବିଶ୍ୱକପ୍‌ରେ ଚାମ୍ପିଅନ ଦଳକୁ ଆର୍ଥିକ ପୁରସ୍କାର ପ୍ରଦାନ କରି ନ ଥାଏ । ଏହା ପଛର କାରଣ ହେଉଛି ଯେ ଆଇସିସି ରାଜସ୍ୱର ଏକ ଅଂଶ କ୍ରିକେଟ୍ ବିକାଶ ପାଣ୍ଠି ଭାବରେ ପ୍ରତ୍ୟେକ ଦେଶ ପାଇଥାନ୍ତି । ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ୍ ବିକାଶର ଏକ ଅଂଶ ହୋଇଥିବାରୁ ଏଥିରେ ଚାମ୍ପିଅନ ଦଳକୁ ପୁରସ୍କାର ଦେବା ଅର୍ଥ ସେମାନଙ୍କୁ ଦ୍ୱିଗୁଣ ପୁରସ୍କୃତ କରିବା ।

ତେବେ ଆଇସିସି ନିକଟରୁ ଆର୍ଥିକ ପୁରସ୍କାର ପାଇ ନ ଥିଲେ ମଧ୍ୟ ଅତୀତରେ ଚାମ୍ପିଅନ ହୋଇଥିବା ୟୁଥ ଭାରତୀୟ ଦଳକୁ ବିସିସିଆଇ ବ୍ୟକ୍ତିଗତ ପୁରସ୍କାର ଦେଇ ଖୁସି କରିଥାଏ । ୨୦୦୦ରେ ସର୍ବପ୍ରଥମଥର ୟୁଥ ବିଶ୍ୱକପ୍ ଜିତିବା ପରେ ପ୍ରତି ଖେଳାଳିଙ୍କୁ ସ୍ମାରକୀ ଦେଇ ପ୍ରୋତ୍ସାହିତ କରାଯାଇଥିଲା । ସେହିଭଳି ୨୦୦୮ରେ ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତ ଯେବେବେଳେ ୨ୟଥର ଟ୍ରଫି ଜିତିଲା ପ୍ରତି ଖେଳାଳିଙ୍କୁ ବିସିସିଆଇ ୧୫ ଲକ୍ଷ ଟଙ୍କା ଦେଇଥିଲା । ୨୦୨୦ରେ ଚାମ୍ପିଅନ ପ୍ରତି ଖେଳାଳିଙ୍କୁ ୨୦ଲକ୍ଷ, ୨୦୧୮ ରେ ୩୦ ଲକ୍ଷ, ୨୦୨୨ରେ ପ୍ରତି ଖେଳାଳିଙ୍କୁ ୪୦ ଲକ୍ଷ ଟଙ୍କା ଦେଇଥିଲା ।





